ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 13/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୧୩୮ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 138 ମୂଲ୍ୟ₹୭/-

# ରାଜ୍ୟପାଳ ଅଲୋଡ଼ା: ତାମିଲନାଡୁ ଆଣିଲା ୧୦ ଆଇନ

ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ କ୍ରମେ ଦେଶରେ ପ୍ରଥମ ଥର ପାଇଁ ତାମିଲନାଡୁରେ ଏକକାଳୀନ ୧୦ ବିଲ୍ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ମଞ୍ଜୁରୀରେ ଆଇନରେ ପରିଣତ ହୋଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ତାମିଲନାଡୁ ବିଧାନସଭାରେ ପାରିତ ଉକ୍ତ ୧୦ ବିଧେୟକକୁ ରାଜ୍ୟପାଳ ଆର୍.ଏନ୍. ରବି ଅନୁମୋଦନ ନ କରି ପକାଇ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ବିଚାର ପାଇଁ ପଠାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କ ନେତୃତ୍ୱାଧୀନ ଡିଏମ୍କେ ସରକାର ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ୨୦୨୫ ଏପ୍ରିଲ ୮ରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ସେଗୁଡ଼ିକୁ ଆଇନରେ ପରିଣତ କରିଥିଲେ। କୌଣସି ରାଜ୍ୟର ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ଗୃହୀତ ବିଧେୟକକୁ ରାଜ୍ୟପାଳ ଚାପି ରଖିବା ବେଆଇନ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ କହି ଅଦାଲତ ଭର୍ତ୍ସନା କରିଥିଲେ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ଦ୍ୱିତୀୟ ଥର ଉପସ୍ଥାପନ କରାଯିବାର ମାସକ ଭିତରେ ରାଜ୍ୟପାଳ ସମ୍ପୃକ୍ତ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଥିଲେ। ଏହି ଐତିହାସିକ ରାୟର ୪ ଦିନ ପରେ ତାମିଲନାଡୁ ସରକାର ଉକ୍ତ ୧୦ ବିଲ୍ ଆଇନରେ ପରିଣତ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଦେଶର ସମସ୍ତ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ରତାର ବିଜୟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକର କ୍ଷମତାକୁ ପୁନଃ ଅବସ୍ଥାପିତ କରିଛି ବୋଲି ଅନେକେ ମତ ଦେଇଛନ୍ତି।

**ଚେନ୍ନାଇ,୧୨।୪**

ତାମିଲନାଡୁ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୧୦ ନୂଆ ଆଇନ ହେଲା ତାମିଲନାଡୁ ଫିଶେରିଜ୍ ୟୁନିଭର୍ସିଟି (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ପ୍ରାଣୀ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଆମ୍ବେଡକର ଲ' ୟୁନିଭର୍ସିଟି (ଆମେଣ୍ଡମେଣ୍ଟ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଏମ୍‌ଜିଆର୍ ମେଡିକାଲ ୟୁନିଭର୍ସିଟି, ଚେନ୍ନାଇ (ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ



ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

(ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ ୟୁନିଭର୍ସିଟି (ଦ୍ୱିତୀୟ ସଂଶୋଧନ), ଆଇନ-୨୦୨୨, ତାମିଲନାଡୁ ମତ୍ସ୍ୟ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୩, ତାମିଲନାଡୁ ଭେଟେରିନାରି ଆଣ୍ଡ ☞ପୃଷ୍ଠା-୩


## ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ୩ ମାସ



**ନୂଆଦିଲ୍ଲୀ,୧୨।୪(ପି.ଟି./ଲାଇଭ୍ ଲ)**

ରାଜ୍ୟପାଳ କୌଣସି ବିଲ୍ ଉପରେ ବିଚାର ପାଇଁ ପଠାଇବାର ୩ ମାସ ଭିତରେ ରାଷ୍ଟ୍ରପତି ସମ୍ମତି ପ୍ରଦାନ କରିବେ ବୋଲି ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ପାଇଁ ବିଧେୟକ ଉପରେ ନିଷ୍ପତ୍ତି ନେବା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ପ୍ରଥମ ଥର ଏଭଳି ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ ବିଲ୍‌କୁ ରାଜ୍ୟପାଳ ଆର୍.ଏନ୍. ରବି ମୋହର ନ ଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବା ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ୪ ଦିନ ତଳେ ଭର୍ତ୍ସନା କରିଥିଲେ। ଏଥିସହ ସମସ୍ତ ରାଜ୍ୟପାଳଙ୍କ ପାଇଁ ଏ ସଂକ୍ରାନ୍ତରେ ସମୟସୀମା ନିର୍ଦ୍ଧାରଣ କରିଥିଲେ। ୪୧୫ ପୃଷ୍ଠା ସମ୍ବଳିତ ଏହି ରାୟ ଶୁକ୍ରବାର ରାତି ୧୦ଟା ୫୪ ମିନିଟ୍‌ରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ରାୟରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ସମୟସୀମାକୁ ଆପଣାଯିବା ଉପଯୁକ୍ତ ହେବ ବୋଲି ଆମେ ମନେକରୁଛୁ ଏବଂ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇଥିବା ☞ପୃଷ୍ଠା-୩






# ୱାକ୍‌ଫ ଆଇନ: ଉଗ୍ର ହେଲା ବିକ୍ଷୋଭ

- ମୁର୍ଶିଦାବାଦରେ ସାନି ହିଂସା
- ବାପପୁଅଙ୍କ ସମେତ ୩ ମୃତ
- ୧୧୮ ଗିରଫ, ଇଣ୍ଟରନେଟ୍ ସେବା ବନ୍ଦ



ସମଶେରଗଞ୍ଜରେ ଉତ୍ତ୍ୟକ୍ତ ଲୋକେ ଏକ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି।

କୋଲକାତା,୧୨।୪

ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁସଲମାନ ବହୁଳ ମୁର୍ଶିଦାବାଦ ଜିଲାରେ ଶୁକ୍ରବାର ଆରମ୍ଭ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିବାବେଳେ ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ସମଶରଗଞ୍ଜ ଅଞ୍ଚଳର ଜାଫ୍ରାବାଦରେ ବାପପୁଅଙ୍କ ଘରେ ପଶି ଦୁର୍ବୃତ୍ତମାନେ ଛୁରାମାଡ଼ କରିଥିଲେ। ଗୁଳିମାଡ଼ରେ ଅନ୍ୟଜଣେ ପ୍ରାଣ ହରାଇଛନ୍ତି। ବିକ୍ଷୋଭକାରୀମାନେ ପୋଲିସ ଭ୍ୟାନ୍ ସମେତ କେତେକ ଗାଡ଼ି ଜାଳିଦେଇଥିଲେ। ହିଂସାପ୍ରବଣ ଜାଙ୍ଗିପୁରରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ କୋଲକାତା ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠ ଶନିବାର ନିର୍ଦ୍ଦେଶ ଦେଇଛନ୍ତି।

ବିକ୍ଷୋଭ ହିଂସାରେ ସମ୍ପୃକ୍ତ ୧୧୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଉତ୍ତେଜନା ଜାରି ରହିଥିବାରୁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ବିଏସ୍ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଡିଜି ରାଜୀବ କୁମାର କହିଛନ୍ତି। ହିଂସାକୁ ଦୃଷ୍ଟିରେ ରଖି ମାଲଦା, ମୁର୍ଶିଦାବାଦ, ଦକ୍ଷିଣ ୨୪ ପ୍ରଗଣା ଏବଂ ହୁଗ୍‌ଲି ଜିଲାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅଧିକ ଲୋକ ରୁଣ୍ଡ ନ ହେବା ଏବଂ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନ ଉପୁଜେ ସେଥି ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ହିଂସାରେ ସମ୍ପୃକ୍ତି ନେଇ ମୁର୍ଶିଦାବାଦର ସୁତି ଅଞ୍ଚଳରୁ ୭୦ ଜଣ ଏବଂ ସମଶେରଗଞ୍ଜରୁ ୪୧ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଲୋକମାନଙ୍କୁ ନିବେଦନ କରାଯାଇଛି। ହିଂସାକାଣ୍ଡ ପାଇଁ ଭାଜପା ମମତା ବାନାର୍ଜୀଙ୍କ ସରକାରଙ୍କୁ ଦାୟୀ କରିଛି। ରାଜ୍ୟ ସରକାର ସ୍ଥିତି ନିୟନ୍ତ୍ରଣ କରିପାରୁ ନ ଥିଲେ କେନ୍ଦ୍ର ସରକାରଙ୍କ ସହାୟତା ପାଇଁ ନିବେଦନ କରିବା ଆବଶ୍ୟକ ବୋଲି ବିରୋଧୀ ଦଳ କହିଛି। ସରକାରୀ ସମ୍ପତ୍ତି ନଷ୍ଟ କରାଯିବା ସହ ସରକାରୀ ଅଫିସର ଭୟଭୀତ ହୋଇଛନ୍ତି। ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଥିବା ବେଳେ ମମତା ବାନାର୍ଜୀ ସରକାର ନୀରବ ଦର୍ଶକ ସାଜିଛନ୍ତି। ହିଂସାରେ ସମ୍ପୃକ୍ତ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଚିହ୍ନଟ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଆହ୍ୱାନ ଦେଇଛନ୍ତି।

ୱାକ୍‌ଫ ଆଇନ ପ୍ରତ୍ୟାହାର ଦାବି କରି ତ୍ରିପୁରାର ଉନାକୋଟି ଜିଲାରେ ଶନିବାର ବିକ୍ଷୋଭ ବେଳେ ହିଂସାରେ ଅନ୍ୟୁନ ୧୮ ଜଣ ଆହତ ହୋଇଛନ୍ତି। ମଣିପୁରର ଇମ୍ଫାଲ ସମେତ ବିଭିନ୍ନ ଅଞ୍ଚଳରେ ଅନେକ ହଜାର ଲୋକ ଶୁକ୍ରବାର ୱାକ୍‌ଫ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ଆଇନ ରଦ୍ଦ ନ ହେଲେ ମଣିପୁରରେ ଜିହାଦ କରାଯିବ ବୋଲି ସେମାନେ ଧମକ ଦେଇଛନ୍ତି। ରାଜ୍ୟ ରାଜଧାନୀର ମନ୍ତ୍ରୀପୁଖ୍ରୀ ଏବଂ ହାଟ୍ଟ ଗୋଲପତିଠାରେ ମେଇତି ପଙ୍ଗାଲମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ଅଖ୍‌ନୁରରେ ଜେସିଓ ମୃତ

## ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ୩

ଶ୍ରୀନଗର, ୧୨।୪

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅଖ୍‌ନୁର ସେକ୍ଟରସ୍ଥିତ ନିୟନ୍ତ୍ରଣ ରେଖା(ଏଲ୍ଓସି)ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଛି। ଆତଙ୍କବାଦୀ ଓ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟରେ ଜୁନିୟର କମିଶନଡ୍ ଅଫିସର(ଜେସିଓ) କୁଲ୍‌ଦୀପ ଚାନ୍ଦ୍‌ଙ୍କର ମୃତ୍ୟୁ ଘଟିଛି। ଏଲ୍ଓସିର କେରି ବଟ୍ଟଲ ଅଞ୍ଚଳରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଯବାନଙ୍କ ଗୁଳିରେ ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ଶନିବାର ୩ରେ ପହଞ୍ଚିଛି। କୁଲ୍‌ଦୀପ ସେନାର ୯ମ ପଞ୍ଜାବ ରେଜିମେଣ୍ଟର ସଦସ୍ୟ ଥିଲେ। କିସ୍ତୱାର ଜିଲାରେ ୪ ଦିନ ଧରି ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀ ନିରୋଧୀ ଅପରେଶନ ଜାରି ରହିଛି। ଶନିବାର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ସୈଫୁଲ୍ଲାହ ରହିଥିବା ସୁରକ୍ଷା ବଳ କହିଛି। ଶୁକ୍ରବାର ସୁରକ୍ଷା ବଳର ଅପରେଶନରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।



ଜେସିଓ କୁଲ୍‌ଦୀପ ଚାନ୍ଦ୍

# ସୁଖବୀର ଅକାଳୀ ଦଳ ଅଧ୍ୟକ୍ଷ ପୁନଃ ନିର୍ବାଚିତ

ଚଣ୍ଡିଗଡ଼,୧୨।୪

ସୁଖବୀର ସିଂ ବାଦଲ ଶିରୋମଣି ଅକାଳୀ ଦଳ (ଏସ୍ଏଡି)ର ଅଧ୍ୟକ୍ଷ ଭାବେ ଶନିବାର ନିର୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଧର୍ମୀୟ ଅସଦାଚରଣ ପାଇଁ ସେ ଗତବର୍ଷ ନଭେମ୍ବରରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପଞ୍ଜାବ ଏବଂ ଅନ୍ୟ ରାଜ୍ୟର ୫୨୪ ଜଣ ପ୍ରତିନିଧି ସୁଖବୀରଙ୍କୁ ସମର୍ଥନ ଜଣାଇଥିଲେ। ବାପା ପ୍ରକାଶ ସିଂ ବାଦଲଙ୍କ ପରେ ୨୦୦୮ରେ ସୁଖବୀର ପ୍ରଥମ ଥର ଏସ୍ଏଡି ଅଧ୍ୟକ୍ଷ ହୋଇଥିଲେ। ସେବେଠାରୁ ସେ ଗତବର୍ଷ ଇସ୍ତଫା ଦେବା ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଆସୁଥିଲେ। ଇସ୍ତଫା ପରେ ତାଙ୍କୁ ଧର୍ମୀୟ ଦଣ୍ଡବିଧାନ କରାଯାଇଥିଲା।



ସୁଖବୀର ସିଂ ବାଦଲ

# ହିନ୍ଦୁଫୋବିଆ ବିରୋଧରେ ବିଲ୍ ଆଣିଲା ଜର୍ଜିଆ

**ୱାଶିଂଟନ,୧୨।୪:** ଆମେରିକାର ପ୍ରଥମ ରାଜ୍ୟ ଭାବେ ଜର୍ଜିଆ ହିନ୍ଦୁଫୋବିଆ ବା ହିନ୍ଦୁବିରୋଧୀ ଭାବନା ବିରୋଧରେ ବିଲ୍ ଆଣିଛି। ଯଦି ଏହା ଆଇନରେ ପରିଣତ ହୁଏ ତେବେ ହିନ୍ଦୁଫୋବିଆ ସଂଜ୍ଞା ସ୍ପଷ୍ଟ କରିବା ପାଇଁ ଜର୍ଜିଆ ଦଣ୍ଡ ସଂହିତାରେ ସଂଶୋଧନ ହେବ। ଆମେରିକାରେ ହିନ୍ଦୁ ବିରୋଧୀ ଘୃଣା ଅପରାଧରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ରହିବ। ବିଲ୍‌କୁ ରିପବ୍ଲିକାନ୍ ଓ ଡେମୋକ୍ରାଟ୍‌ର ୪ ସିନେଟର ସମର୍ଥନ ଜଣାଇଛନ୍ତି।

# ନ୍ୟାଶନାଲ ହେରାଲ୍ଡ ମାମଲା: ୬୬୧ କୋଟିର ସମ୍ପତ୍ତି ବାଜ୍ୟାପ୍ତ ପ୍ରକ୍ରିୟା ଆରମ୍ଭ କଲା ଇଡି

ନୂଆଦିଲ୍ଲୀ,୧୨।୪(ପି.ଟି.)

କଂଗ୍ରେସ ଦଳ ନିୟନ୍ତ୍ରଣରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଏବଂ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ସହ ସମ୍ପୃକ୍ତ ମନିଲଣ୍ଡରିଂ ତଦନ୍ତର ଅଂଶସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ୬୬୧ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନୋଟିସ୍ ଜାରି କରିଛି। ଏହି ସମ୍ପତ୍ତି ରହିଥିବା ଅଞ୍ଚଳର ରେଜିଷ୍ଟ୍ରାରଙ୍କ ନିକଟକୁ ସଂଘୀୟ ତଦନ୍ତକାରୀ ସଂସ୍ଥା ଆନୁଷଙ୍ଗିକ ଦସ୍ତାବିଜ୍ ପଠାଇଥିବା ଶନିବାର କହିଛି। ଏଥିସହିତ ଉକ୍ତ ସମ୍ପତ୍ତିଗୁଡ଼ିକର ସ୍ପଷ୍ଟ ଭାଗ ରହିଥିବା ଦିଲ୍ଲୀର ୫ଏ ବାହାଦୁର ଶାହ ଜାଫର ମାର୍ଗସ୍ଥିତ ହେରାଲ୍ଡ ହାଉସ୍, ମୁମ୍ବାଇର ବାନ୍ଦ୍ରା(ଇ) ଏରିଆ (ପ୍ଲଟ୍ ନଂ.୨, ସର୍ଭେ ନଂ. ୩୪୧) ଏବଂ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବିଶ୍ୱେଶ୍ୱର ନାଥ ରୋଡ(ସମ୍ପତ୍ତି ନଂ.୧)ରେ ଥିବା ଏଜେଏଲ୍ ବିଲ୍ଡିଂରେ ଏକସଙ୍ଗେ ନୋଟିସ୍ ଲଗାଯାଇଛି।

ଉକ୍ତ ସମ୍ପତ୍ତିଗୁଡ଼ିକୁ ଇଡି ଅକ୍ତିଆର କରିବାକୁ ଥିବାରୁ ସେଗୁଡ଼ିକୁ ଖାଲି କରିବା ପାଇଁ ନୋଟିସ୍‌ରେ କୁହାଯାଇଛି। ବାନ୍ଦ୍ରାସ୍ଥିତ ହେରାଲ୍ଡ ହାଉସ୍‌ର ୭ମ, ୮ମ ଏବଂ ୯ମ ମହଲାକୁ ଅକ୍ତିଆର କରିଥିବା ଜିନ୍ଦଲ ସାଉଥ୍‌ୱେଷ୍ଟ ପ୍ରୋଜେକ୍ଟ ଲିଃକୁ ନୋଟିସ୍ ଦିଆଯାଇ ଭଡ଼ା, ଲିଜ୍ ଅର୍ଥ ପ୍ରତିମାସରେ ଇଡି ନିର୍ଦ୍ଦେଶକଙ୍କ ନାମରେ ପଠାଇବାକୁ କୁହାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ର ଧାରା (୮) ଏବଂ ରୁଲ୍ ୫(୧) ଅନୁଯାୟୀ ଇଡି ଉକ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଯାଉଛି। ବାଜ୍ୟାପ୍ତ ହେବାକୁ ଥିବା ସ୍ଥାବର ସମ୍ପତ୍ତି ପରିମାଣ ୬୬୧ କୋଟି ଟଙ୍କା। ଏହା ବ୍ୟତୀତ ୨୦୨୩ ନଭେମ୍ବରରେ ଇଡି ଏଜେଏଲ୍‌ର ୯୦.୨ କୋଟି ଟଙ୍କାର ଅଂଶଧନକୁ ଜବତ କରିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତକୁ କଂଗ୍ରେସ ପୂର୍ବରୁ ମାମୁଲି ପ୍ରତିଶୋଧ କୌଶଳ କହିବା ସହ ଇଡିକୁ ଭାଜପାର ମେଣ୍ଟ ସହଯୋଗୀ ବୋଲି କହିଥିଲା।


DADLS-10

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ

ତା. ୧୩-୦୪-୨୦୨୫ ରିଖ (ରବିବାର)

ସକାଳ ଅଧିବେଶନ
ଘ. ୬.୩୦ ମିନିଟ୍
ମୁଖ୍ୟ ଅତିଥି: ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)
ସକାଳ ୮ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
(ସ୍ଥାନ: ଜୟଦେବ ଭବନ)
ମଧ୍ୟାହ୍ନ ୧୨ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
(ସ୍ଥାନ: ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ଅଡିଟୋରିୟମ୍)

ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା
ସ୍ଥାନ: ଉତ୍କଳ ମଣ୍ଡପ
ମୁଖ୍ୟ ଅତିଥି: ଡ. ହରି ବାବୁ କମ୍ଭମପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ ୨୦୨୫" ପ୍ରଦାନ

ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର-ମଧ୍ୟ
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଉତ୍ତର
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଏକାମ୍ର
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଉଷା ପାଢ଼ୀ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ ସିଂହ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ, ଭା.ପୋ.ସେ, ପୋଲିସ କମିଶନର, ଭୁବନେଶ୍ୱର-କଟକ
ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ, ଭା.ପ୍ର.ସେ, କମିଶନର, ଭୁବନେଶ୍ୱର ମହାନଗର ନିଗମ
ଡା. ଏନ୍. ଥିରୁମାଲା ନାଏକ, ଭା.ପ୍ର.ସେ, ଉପାଧ୍ୟକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ, ଭା.ପ୍ର.ସେ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଭା.ପ୍ର.ସେ, ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ସଂଗୀତ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ

ତା. ୧୪.୦୪.୨୦୨୫ ରିଖ (ସୋମବାର)
ସନ୍ଧ୍ୟା ଅଧିବେଶନ ସ୍ଥାନ :
ସମୟ. ୬ ଘଟିକା କୃଷି ଶିକ୍ଷା ସଦନ, (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)
ଓଡ଼ିଆ ପକ୍ଷ ଉଦ୍‌ଯାପନ ଓ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୫ ଦ୍ୱିତୀୟ ସନ୍ଧ୍ୟା ଉପଲକ୍ଷେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ପ୍ରୟାସରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-15001/13/0503/2526





DSPL - 31
ଓଡ଼ିଆ ପକ୍ଷ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ପାଳନ

ଆମ ରୁଚି ଆମ ଖାଦ୍ୟ

୧୩ ଏପ୍ରିଲ୍ ୨୦୨୫



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
OIPR-03029/13/0044/2526

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ | Bhubaneswar, Sunday, April 13/2025


# ଅହଂକାର ରଖନି, ଗ୍ରୁପିଜମ୍ କରନାହିଁ: ନଡ୍ଡା



ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରିଷ୍ଠ ନେତୃବୃନ୍ଦ।

**ରାଜନୀତିରେ ତିଷ୍ଠିରହିବାକୁ ହେଲେ ପ୍ରଥମେ ନିଜ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ର ହିତ ପାଇଁ କାର୍ଯ୍ୟ କରିବା ଶିଖ। ଏହା ପୂର୍ବରୁ ଦଳ ଭିତରେ ଗ୍ରୁପିଜିମ୍ କରିବା ବନ୍ଦ କରିବାକୁ ଅଭ୍ୟାସ କର। ଗ୍ରୁପିଜମ୍ କରିବା ଏକ ଖରାପ ଅଭ୍ୟାସ। ଦଳରେ ଗୋଟିଏ ଗ୍ରୁପ୍ ହୋଇ ରହିଲେ ଭଲ। ଏହାଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇବ। ରାଷ୍ଟ୍ରହିତ କଥା ଚିନ୍ତାକରି କାର୍ଯ୍ୟ କଲେ ଗ୍ରୁପିଜମ୍‌ଠାରୁ ଦୂରରେ ରହିବା ଭଲ। ଏପରିକି ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ଗର୍ବ କି ଅହଂକାର କରିବା ଭଲ ନୁହେଁ। କାରଣ ଗର୍ବ ଓ ଅହଂକାର ରାଜନୀତିରେ ତଳକୁ ତଳକୁ ଯିବାର ଏକ ଲକ୍ଷଣ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ପୁରୀରେ ଆୟୋଜିତ ଦଳର ପ୍ରଶିକ୍ଷଣ ଶିବିରରେ କହିଛନ୍ତି।**

**ଭୁବନେଶ୍ୱର (ସୁନିତ୍ ମିଶ୍ର)/ପୁରୀ (ଅଜିତ କୁମାର ମହାନ୍ତି), ୧୨।୪**

ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ନଡ୍ଡା ଦଳର ବିଧାୟକ, ମନ୍ତ୍ରୀ ଏବଂ ଏମ୍‌ପିମାନଙ୍କୁ ଏକାଧିକ ପଏଣ୍ଟ ଉପରେ ଗୁରୁମନ୍ତ୍ର ଦେଇଛନ୍ତି। ନଡ୍ଡା କହିଛନ୍ତି, ରାଜନୀତିରେ ବଞ୍ଚି ରହିବାକୁ ହେଲେ ସ୍ୱାସ୍ଥ୍ୟକ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ବିଧାୟକ, ସାଂସଦ କିମ୍ବା ମନ୍ତ୍ରୀ ବୋଲି ଅହଂକାର କରନାହିଁ। ପ୍ରଥମେ ଗ୍ରୁପିଜମ୍, ଚାପୁଲିସି ଛାଡ଼। ନିଜର ବ୍ୟକ୍ତିତ୍ୱ ତିଆରି କରିବାକୁ ପ୍ରାଥମିକତା ଦିଅ। ଗ୍ରାଉଣ୍ଡକୁ ଯାଇ ଲୋକମାନଙ୍କ ପାଇଁ କାମ କଲେ ହିଁ ନିଜର ବ୍ୟକ୍ତିତ୍ୱ ତିଆରି କରିବା ସମ୍ଭବ ହେବ। ଅଙ୍ଗନୱାଡି କେନ୍ଦ୍ର ଓ ମେଡିକାଲକୁ ଯାଇ ଅଧ ଘଣ୍ଟା ଲେଖା ବସ ଏବଂ ସେଠାରେ ଲୋକମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝ। ନିଜ ଅଞ୍ଚଳର ଦଳିତ ପରିବାର ସହ ସମ୍ପର୍କରେ ରୁହ। ନିର୍ବାଚନମଣ୍ଡଳୀ ଗସ୍ତ କରିବା ବେଳେ କୌଣସି ବ୍ୟକ୍ତିବିଶେଷଙ୍କ ଘରେ ବସ ନାହିଁ। ବରଂ ଏକ ସାର୍ବଜନୀନ ସ୍ଥାନରେ ବସିବାକୁ ଅଭ୍ୟାସ କର। କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରେ ଯାଇ ବସିଲେ ନିର୍ବାଚନମଣ୍ଡଳୀ ସ୍ତରରେ ଶତ୍ରୁ ତିଆରି ହେବେ। ଲୋକମାନଙ୍କ ମନ ଭିତରେ ଈର୍ଷା ଜାତହେବ। ତେଣୁ ଏହି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର। ଲୋକମାନଙ୍କ ପାଇଁ କାମ କରିବା ସବୁଠାରୁ ଜରୁରୀ। ସେଥିଲାଗି ଅଫିସରଙ୍କ ସହ ଭଲ ସମ୍ପର୍କ ରଖି କାମ ଆଦାୟ କରିବା ଶିଖ ବୋଲି ସେ କହିଛନ୍ତି।

ନଡ୍ଡା ଆହୁରି କହିଛନ୍ତି, ସରକାର ସହ ସଙ୍ଗଠନକୁ ନେଇ ଚାଲିବା ଦରକାର। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଭଲ ଭାବେ ଜାଣିବା ସହ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗ୍ରାଉଣ୍ଡକୁ ଯାଇ ଦେଖ। ବାସ୍ତବରେ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ଏବଂ ଲୋକଙ୍କ ନିକଟରେ ତା'ର ସୁଫଳତା କେତେ ମାତ୍ରାରେ ପହଞ୍ଚୁଛି ସେକଥା ଉପରେ ଗୁରୁତ୍ୱ ଦେବା ଦରକାର। ଏହାସହ ଲୋକମାନଙ୍କ ଜନଶୁଣାଣି କାର୍ଯ୍ୟକ୍ରମ କରିବା ସମୟରେ ନିଜ ବ୍ୟବହାର ପ୍ରତି ସଚେତନ ରହିବା ଜରୁରୀ। ଲୋକଙ୍କ ଅଭିଯୋଗ ଶୁଣିବା ସମୟରେ ସବୁବେଳେ ହସି ହସି କଥା ହେବା ଶିଖ। ଜଣେ କାର୍ଯ୍ୟକର୍ତ୍ତାଙ୍କ ସହ କିପରି କଥା ହେବ, ସେମାନଙ୍କୁ କେମିତି କାର୍ଯ୍ୟରେ ଲଗାଇବ ସେଥିପ୍ରତି ସଚେତନ ଓ ସତର୍କ ରହିବା ଜରୁରୀ। ଭାଜପାର ସ୍ୱତନ୍ତ୍ର ବିଚାରଧାରା ରହିଛି। ଏହାକୁ ସମସ୍ତ ବିଧାୟକ ଓ ସାଂସଦଙ୍କୁ ମାନିବାକୁ ପଡ଼ିବ ବୋଲି ନଡ୍ଡା କହିଛନ୍ତି। ଭାଜପା କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ ଯୋଗୁ ଗତ ୩ ମାସରେ ସାଢ଼େ ୧୩ କୋଟି ମହିଳା ଓ ପୁରୁଷ ଭାଜପାର ସଦସ୍ୟ ହୋଇଛନ୍ତି। ☞ପୃଷ୍ଠା-୩

# ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ବାଣିଜ୍ୟକୁ ୩% ସଙ୍କୁଚିତ କରିପାରେ

## ଜାତିସଂଘ ଅର୍ଥନୀତିଜ୍ଞଙ୍କ ଆକଳନ

ଜାତିସଂଘ,୧୨।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିବାରୁ ଏହା ବିଶ୍ୱ ବାଣିଜ୍ୟକୁ ୩ ପ୍ରତିଶତ ସଂକୁଚିତ କରିପାରେ। ଏଥିସହିତ ଆମେରିକା ଏବଂ ଚାଇନା ଭଳି ବଜାରଗୁଡ଼ିକ ଆମେରିକା, କାନାଡ଼ା ଓ ବ୍ରାଜିଲକୁ ଖସିଯାଇପାରେ ବୋଲି ଜାତିସଂଘର ଶୀର୍ଷ ଅର୍ଥନୀତିଜ୍ଞ ଆକଳନ କରିଛନ୍ତି। ଟ୍ରମ୍ପ ଗତ ସପ୍ତାହରେ ବ୍ୟାପକ ଟାରିଫ ଯୋଜନା କରିଥିବାବେଳେ ଚାଇନା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ପାଇଁ ଏହାକୁ ୯୦ ଦିନ ସ୍ଥଗିତ ରଖିଛନ୍ତି। ଚାଇନା ଉପରେ ଆମେରିକା ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ବେଜିଂ ମଧ୍ୟ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛି। ଏହାର ପ୍ରଭାବରେ ବିଶ୍ୱ ବାଣିଜ୍ୟ ୩ ପ୍ରତିଶତ ହ୍ରାସ ପାଇବା ସହ ବାଣିଜ୍ୟ ଢାଞ୍ଚା ଏବଂ ଅର୍ଥନୈତିକ ଏକୀକରଣରେ ଉଲ୍ଲେଖନୀୟ ଦୀର୍ଘମିଆଦୀ ପରିବର୍ତ୍ତନ ହୋଇପାରେ ବୋଲି ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାମେଲା କୋକ୍-ହାମିଲଟନ୍ ଜେନେଭାରେ କହିଛନ୍ତି।

ଉଦାହରଣ ସ୍ୱରୂପ, ଅତ୍ୟଧିକ ପ୍ରଭାବିତ ହୋଇଥିବା ମେକ୍ସିକୋ ରପ୍ତାନି ଆମେରିକା, ଚାଇନା ଏବଂ ୟୁରୋପୀୟ ବଜାରରୁ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକୁ ଶିଫ୍ଟ ହେଉଛି। କିଛି ପରିମାଣରେ ମେକ୍ସିକୋ ରପ୍ତାନି ଭାରତକୁ ମଧ୍ୟ ଆସୁଛି। ସେହିପରି ଭିଏତ୍‌ନାମ୍ ରପ୍ତାନି ଆମେରିକା, ମେକ୍ସିକୋ, ଚାଇନା ବଜାର ପରିବର୍ତ୍ତେ ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ବଜାର, ୟୁରୋପୀୟ ୟୁନିୟନ ଏବଂ କୋରିଆ ଚାଲିଯାଉଛି। ବିକଶିତ ରାଷ୍ଟ୍ରଗୁଡ଼ିକ ପାଇଁ ଆର୍ଥିକ ☞ପୃଷ୍ଠା-୩

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି, ୧୨।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୩ ମାଓବାଦୀ ଶନିବାର ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ବିଜାପୁର ଜିଲା ଇନ୍ଦ୍ରାବତୀ ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଗୋଇନ୍ଦା ସୂଚନା ମିଳିବାରୁ ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ କୋମ୍ବିଂ କରିଥିଲେ। ପ୍ରଥମେ ମାଓବାଦୀମାନେ ଗୁଳି ଚାଳନା କରିଥିବା ବେଳେ ଜବାବରେ ସୁରକ୍ଷାକର୍ମୀ ମଧ୍ୟ ଗୁଳିଚାଳନା କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷାକର୍ମୀ ସର୍ଚ୍ଚ ସମୟରେ ୩ ଜଣ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ।

## ଆଜିର ସମ୍ପାଦକୀୟ

ଚାଇନାର ପ୍ରତିରୋଧ

## ଆଜିର ମନ୍ତବ୍ୟ

“ ଭାଜପା ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ବନ୍ଧୁତ୍ୱର ନବୀକରଣ 'ପରାଜୟର ଦୁର୍ନୀତିପୂର୍ଣ୍ଣ ମେଣ୍ଟ'। କ୍ଷମତା ପାଇଁ ଉଭୟ ଦଳ ରାଜ୍ୟର ସ୍ୱାୟତ୍ତତାକୁ ବନ୍ଧା ପକାଇଛନ୍ତି।

-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ






# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ


ଅଗ୍ନିଶମ କର୍ମଚାରୀମାନେ ଟ୍ରେନ୍‌ରେ ଲାଗିଥିବା ନିଆଁ ଲିଭାଉଛନ୍ତି।


ବାଲୁଗାଁ,୧୨।୪ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଷ୍ଟେଶନର ୩ ନମ୍ବର ପ୍ଲାଟଫର୍ମଠାରେ ଶନିବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିଶାଖାପାଟଣାରୁ କୋଇଲା ବୋଝେଇ ହୋଇ ଏକ ଟ୍ରେନ୍ ଖଡ଼ଗପୁର ଯାଉଥିଲା। ଅପରାହ୍ଣ ପ୍ରାୟ ୩ଟାରେ ଟ୍ରେନଟି ଚିଲିକା ଷ୍ଟେଶନ ଦେଇ ଅତିକ୍ରମ କରୁଥିବା ବେଳେ ଇଞ୍ଜିନ ପଛୁ ୪୬ନଂ. ୱାଗନରୁ ଧୂଆଁ ବାହାରୁଥିବା ରେଳ କର୍ତ୍ତୃପକ୍ଷ ଦେଖିପାରି ତୁରନ୍ତ ବାଲୁଗାଁ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନଟି ବାଲୁଗାଁରେ ରହିବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ କୋଇଲାକୁ କୋଇଲା ଘଷି ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବା ପରେ ସନ୍ଧ୍ୟାରେ ଟ୍ରେନଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଘଡ଼ଘଡ଼ି ସହ କୁଆପଥର ବର୍ଷା

ଭୁବନେଶ୍ୱର,୧୨।୪ (ଅନୁରାଧା ମହାରଣା)

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ କୁଆପଥର ବର୍ଷା ଜାରି ରହିଛି। ଶନିବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ରାୟଗଡା, କନ୍ଧମାଳ, ଗଞ୍ଜାମ, ନୟାଗଡ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୪୦.୦ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧାରେ ୧୨ ମିମି, ନୟାଗଡ଼ରେ ୮ ମିମି, ଦାରିଙ୍ଗବାଡ଼ିରେ ୪ ମିମି, ତାଳଚେରରେ ୨.୨ ମିମି ଏବଂ ଅନୁଗୋଳରେ ୨.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଦିନବେଳା ଖରା ଓ ଗୁଳୁଗୁଳି ମଧ୍ୟ ଲୋକଙ୍କୁ ଅତିଷ୍ଠ କରୁଛି। ରାଜ୍ୟର ପ୍ରାୟ ୬ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଜାରି ରହିବ। ଫଳରେ ଆଗାମୀ ଦିନରେ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ରବିବାର ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ସୁନ୍ଦରଗଡ଼, କେନ୍ଦୁଝର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ଅନୁଗୋଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲାରେ ବର୍ଷା ଓ ଘଡ଼ଘଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।


ସୁଟ୍‌କେସ୍‌ରୁ ଯୁବତୀଙ୍କୁ ଉଦ୍ଧାର କରାଯାଉଛି।

# ସୁଟ୍‌କେସ୍‌ରେ ଗର୍ଲଫ୍ରେଣ୍ଡ: ଛାତ୍ରାବାସରେ ଧରାପଡ଼ିଲା

ସୋନିପଥ, ୧୨।୪

ହରିୟାଣା ସୋନିପଥସ୍ଥିତ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିରୁ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ଛାତ୍ର ନିଜ ପ୍ରେମିକାଙ୍କୁ ପାଖରେ ରଖିବା ପାଇଁ ତାଙ୍କୁ ସୁଟ୍‌କେସ୍‌ରେ ବନ୍ଦ କରି ଛାତ୍ରାବାସକୁ ନେବାକୁ ଚେଷ୍ଟା କରିଥିଲେ। ତେବେ ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀ ସୁଟ୍‌କେସ୍ ଯାଞ୍ଚ କରି ଏହା ମଧ୍ୟରେ ଜଣେ ଝିଅ ଥିବାର ଦେଖିବାକୁ ପାଇଥିଲେ। ଛାତ୍ରାବାସରେ ନିୟୋଜିତ ଜଣେ ସୁରକ୍ଷା କର୍ମୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ନିଜ ସୁଟ୍‌କେସ୍‌ରେ ଜଣେ ଝିଅଙ୍କୁ ରଖି ଛାତ୍ରାବାସ ନେଇ ଯାଉଥିଲେ। ଏହି ସମୟରେ ହଷ୍ଟେଲ ଗେଟ୍ ନିକଟରେ ସୁଟ୍‌କେସ୍‌ଟି କୌଣସି ଜିନିଷରେ ମାଡ଼ ହୋଇଯାଇଥିଲା, ଫଳରେ ସୁଟ୍‌କେସ୍ ଭିତରେ ଥିବା ଝିଅ ଜଣକ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ସନ୍ଦେହ ହୋଇଥିଲା। ଫଳରେ ସେଠାରେ ଉକ୍ତ ସୁଟ୍‌କେସ୍‌ର ଯାଞ୍ଚ କରାଯାଇଥିଲା। ସୁଟ୍‌କେସ୍ ଖୋଲିବା ପରେ ଏହା ମଧ୍ୟରେ ଜଣେ ଛାତ୍ରୀ ବସିରହିଥିବାର ଦେଖିବାକୁ ☞ପୃଷ୍ଠା-୩




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ, ସମୟ: ସକାଳ ୬ଟା ୩୦। ସନ୍ଧ୍ୟା ଅଧିବେଶନ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପ୍ରୟାସର ଆନୁଆଲ ମିଟ୍, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ସରକାରୀ ହାଇସ୍କୁଲ, ବଡ଼ଗଡ଼, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ବରିଷ୍ଠ ମହିଳା କ୍ରିକେଟ ଚୟନ ଶିବିର, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ସପ୍ତମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଚତୁର୍ଥ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି, ଆମ ଖାଦ୍ୟ ଉତ୍ସବ, ସ୍ଥାନ: ପୌରପାଳିକା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା।
- ସିଦ୍ଧ ମହାବୀର ମନ୍ଦିରର ବାର୍ଷିକୋତ୍ସବ ଉପଲକ୍ଷେ ଅଧିବାସ, ସ୍ଥାନ: ଆଡ଼ିଆ ଗିରିଧାରୀନଗର, ବନ୍ତ, ସମୟ: ଅପରାହ୍ନ ୫ଟା।
- ମିଛ କବିତା ସାହିତ୍ୟ ସଂସଦର ବାର୍ଷିକ ସମାବର୍ତ୍ତନ ସମାରୋହ, ସ୍ଥାନ: ମଠଡିହ ବଜାର, ଆରଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ହନୁମାନ ମନ୍ଦିରର ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଭଜନ ସନ୍ଧ୍ୟା, ସ୍ଥାନ: ଅଣା ଅଖଣ୍ଡ ଧନୀ ମଠ, ଛେନାପଦି, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ବୁଢ଼ୀ ଠାକୁରାଣୀଙ୍କ ପୂଜା ଉତ୍ସବ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ ଓ ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଂଟରେ ଖେରୱାଲ ଜୁମିଦ ସହିତ ଶାନ୍ତିନିକେତନ ୱାଇସି, ସ୍ଥାନ: ଷ୍ଟାଡିୟମ ପଡିଆ ବାରିପଦା, ସମୟ: ସକାଳ ୮ଟା।
- ମା' ଲାଲପାଟ ସାଲ ପାଟ ଗ୍ରାମଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବର ସର୍ବସାଧାରଣ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୧୫ ବାରିପଦା, ସମୟ: ସକାଳ ୯ ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡିଆ, ବାରିପଦା, ସମୟ: ଅପରାହ୍ନ ୪ ଟା।
- ପ୍ରସିଦ୍ଧ ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ଉତ୍ତର ଓ ଦକ୍ଷିଣ ସାହି ଭକ୍ତା ଉଡ଼ାପର୍ବର ପୂଜାପାଠ, ସ୍ଥାନ: ବାରିପଦା, ସମୟ: ରାତ୍ର ୮ ଟା।

## ଢେଙ୍କାନାଳ

- ଶ୍ରୀ ହନୁମାନଙ୍କ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠର ଅଙ୍କୁରରୋପଣ, ସ୍ଥାନ: କାମାକ୍ଷାନଗର ହନୁମାନ ମନ୍ଦିର, ସମୟ: ଅପରାହ୍ନ ୫ଟା।
- କାରୁବାକୀ ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ ପରିସର,ସମୟ:ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଚିକିତ୍ସାଳୟ ଓ କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ମିଳିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବନ୍ଦର ଚିକିତ୍ସାଳୟ, ବଡ଼ପଡିଆ, ପାରାଦୀପ ସମୟ: ସକାଳ ୮ ଟା।
- ପାରାଦୀପ କଲେଜ ପରିସରରେ ରକ୍ତଦାନ ଶିବିର, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ୨ ଦିନିଆ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ବାଲିଯାତ୍ରା ପଡ଼ିଆ, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ହନୁମତ୍ ପୂଜା କମିଟି ପକ୍ଷରୁ ଶ୍ରୀ ହନୁମାନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମହିଁଷାସୁର, ରାଜନଗର, ସମୟ: ସକାଳ ୮ଟା।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଳେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା'ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ:ସକାଳ ୮ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର

- ଅଖିଳ ଚକ୍ର ପକ୍ଷରୁ ମହାବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ : ବିଞ୍ଝାରପୁର ଅରିରୋ ଶାମେଶ୍ୱର ପୀଠ, ସମୟ : ପୂର୍ବାହ୍ନ ୯ଟା।
- ଓଡ଼ିଶା ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଅଭିଯାନ,ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ,ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡିଫା କପ୍‌ର ୧ମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼

- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ଗିରି ହନୁମାନ ପୀଠ ସମୟ:ସକାଳ ୭ଟା।
- ହାଣ୍ଡି ଭଙ୍ଗା ପବ ଉଦ୍‌ଯାପିତ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦର ମହିଷାକ୍ଷୁଣୀ ପୀଠ, ସମୟ:ସକାଳ ୭ଟା।
- ଚଇତି ପର୍ବର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ଅତବୁଦ୍ଧିପାଟଣା, ଫକିର ଅତବୁଦ୍ଧିପାଟଣା, କଂସାରିସାହି ପାଟଣା, ସିଦ୍ଧମୂଳା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା।
- ପାଟମରା ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ହରି ସୁବୁଦ୍ଧି ପାଟଣା ମଙ୍ଗଳାମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଝାମୁଯାତ୍ରା, ସ୍ଥାନ:କଣ୍ଟିଲୋ ପାଣ୍ଡୁସାହୁ ପାଟଣା ତିଅରସାହ, ସମୟ: ଅପରାହ୍ନ ୧ଟା।
- ପାଟମରା ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କୁମ୍ଭାରପଡାର ନୀଳକଣ୍ଠେଶ୍ୱର ଦେବ, ସମୟ: ଅପରାହ୍ନ ୩ଟା।
- ୧୫ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସିଦ୍ଧାମୂଳା, ରୟତ ଢ଼ୋଲମରା, ଗୋଡିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ନ ୪ଟା।
- ୨୧ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଷଠିଆପଲ୍ଲୀ, ସମୟ: ଅପରାହ୍ନ ୪ଟା।
- ୭ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ଦିବସରେ ଶ୍ରୀରାମ ବନବାସ ଓ ଭରତ ମିଳନ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ରାମ ଚରିତ ମାନସ ପାରାୟଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମୁନିଗୁଡ଼ାରେ ମା' ରୁଦ୍ର କାଳୀଙ୍କ ଦଣ୍ଡନାଚ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡିଆ, ମୁନିଗୁଡା, ସମୟ: ସକାଳ ୯ଟା।
- ନୂତନ ହନୁମାନ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡାଙ୍ଗସୋରଡ଼ାସ୍ଥିତ ଇନ୍ଦିରା ନଗର, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ:ଦାମନଯୋଡ଼ି ନାଲକୋ ଟାଉନ୍‌ସିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା ୩୦।
- ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ମହିମା ଆଶ୍ରମ, ମସୁରୀ, ସମୟ:ପୂର୍ବାହ୍ନ ୧୧ଟା।
- ବୁଢ଼ୀ ଠାକୁରାଣୀ ଯାତ୍ରା, ସ୍ଥାନ: ସୁନାବେଡ଼ା-୧, ସମୟ: ଅପରାହ୍ନ ୨ ଟା।
- ଦେଓମାଳି ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ ଟା।
- ମିଡିଆ ହାଉସ ଦାମନଯୋଡ଼ିର ବାର୍ଷିକ ଉତ୍ସବ, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ମାଥିଲି ଲ୍ୟାମ୍ପସ୍ ରଥ ଶୁଭାରମ୍ଭର ୨ ଦିନ, ସ୍ଥାନ: ୪ ପଞ୍ଚାୟତ ପରିଭ୍ରମଣ, ସମୟ: ସକାଳ ୭ଟା।
- ଚିତ୍ରକୋଣ୍ଡା ବନାଞ୍ଚଳର ପଶୁପକ୍ଷୀ ଶିକାର ନିଷେଧ ପଥପ୍ରାନ୍ତ ନାଟକ, ସ୍ଥାନ: ଚିତ୍ରକୋଣ୍ଡା ଦୈନିକ ବଜାର, ସମୟ:ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ୩୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୮ଟା।
- ବନ୍ଦନା ଆର୍ଟ କର୍ନର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଫାର୍ମ ରୋଡ ସ୍ଥିତ ସିଟି ସେଣ୍ଟର, ସମୟ : ସକାଳ ୯ଟା।
- ଜିଲାପ୍ରଶାସନ ଆୟୋଜନରେ ପାରମ୍ପାରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ ଟା।

## ରାଉରକେଲା

- ହନୁମାନ ଜୟନ୍ତୀ ପାଳିତ,ସ୍ଥାନ: ଶଙ୍କଟ ମୋଚନ ମନ୍ଦିର, ଷ୍ଟେସନରୋଡ, ସମୟ: ସକାଳ ସାଢେ ୫ଟା।
- ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସନ୍ଧ୍ୟା ସାଢେ ୬ଟା।
- ଜିଲା କବାଡି ଟୁର୍ନାମେଣ୍ଟ, ସ୍ଥାନ: ପାଙ୍କିଟାଙ୍କି ଖେଳ ପଡିଆ, ବାସନ୍ତୀ କଲୋନୀ ସମୟ: ସନ୍ଧ୍ୟା ସାଢେ ୬ଟା।
- ନିଖିଳ ଉତ୍କଳ କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ,ସ୍ଥାନ: ଭଞ୍ଜଭବନ, ସେକ୍ଟର-୫ ସମୟ: ସକାଳ ସାଢେ ୯ଟା।
- କୈବତ ସମାଜର ୨୫ତମ ବାର୍ଷିକ ସମ୍ମିଳନୀ,ସ୍ଥାନ: ସେକ୍ଟର-୫,ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଶୀଲାବତୀ ମହିଳା ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ସମାବେଶ,ସ୍ଥାନ:ସେକ୍ଟର--୨,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ସି. ଏମ ଟ୍ରଫି ଫୁଟବଲ,ସ୍କାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୮ଟା।
- ପପଙ୍ଗା ପାହାଡ଼ ମହୋତ୍ସବ କଳସଯାତ୍ରା, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ସକାଳ ୮ଟା।
- ପାରମ୍ପରିକ ଖାଦ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ବରଗଡ଼, ସମୟ: ସକାଳ ୯ଟା।
- ଗୋ ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ତପୋବନ, ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିକାଶ ଇନଷ୍ଟିଚ୍ୟୁଶନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆପକ୍ଷ ପାଳନ ଅବସରରେ ଓଡ଼ିଆ ଖାଦ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ନାମଯଜ୍ଞର କଳସଯାତ୍ରା ଓ ଅଧିବାସ, ସ୍ଥାନ: ଲାଞ୍ଜିଗଡ଼ ସାପ୍ତାହିକ ବଜାର ପରିସର, ସମୟ: ଅପରାହ୍ନ ୩ଟା ୦୫।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିନ ନାଟକ ଲଙ୍କାଦହନ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିବସ ନାଟକ ସୁଗ୍ରୀବ ମିତ୍ରତା ଓ ବାଳୀବଧ,ସ୍ଥାନ: ବହିରା ରାମଲିଳା ମଣ୍ଡପ,ବହିରା, ସମୟ:ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରିବାରର ସୁବିଧା ଅସୁବିଧା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ଅର୍ଥ ପାଇଁ ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରାରେ ବିଳମ୍ବିତ ସମୟରେ କୃତ୍ତିକା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସୂଚନା ରହିଛି।

**ବୃଷ** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ମୃଗଶିରା ନକ୍ଷତ୍ର ସକାଳୁ ସକାଳୁ କୌଣସି ବ୍ୟକ୍ତି ସହ ତର୍କ କରି ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକ କାମ ହାସଲ କରିପାରିବେ। ବନ୍ଧୁ ଗହଣରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ** କାମ ହାସଲ ସକାଶେ ପ୍ରିୟଜନଙ୍କ ସହଯୋଗର ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ। ଆର୍ଦ୍ରା ନକ୍ଷତ୍ରର ପ୍ରଶାସନିକ ସ୍ତରରେ କାମ ଅଟକି ରହିଥିବାରୁ ମନ ଭଲ ରହିନପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେଇପାରନ୍ତି। କର୍ମକ୍ଷେତ୍ର କିମ୍ବା ବୃତିଗତ ଧନ୍ଦାରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କର୍କଟ** ପରିବାରର ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ର ଅନିୟମିତ ଭୋଜନଜନିତ ପେଟପୀଡ଼ା ଅନୁଭବ କରିପାରନ୍ତି। ସ୍ଥଗିତ କାମର ବହୁଳତାଜନିତ କର୍ମକ୍ଷେତ୍ରରେ ଭାବୁଥିବା କାମଟିକୁ ଆଜି ଶେଷ କରିପାରିବେନି।

**ସିଂହ** ପୂର୍ବର କଳହକୁ ମନେପକାଇ ଦେଖିଲେ ମଧ୍ୟ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ମଘା ନକ୍ଷତ୍ର ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ସନ୍ଦେହୀ ମନ ବୁଝିବ ନାହିଁ। ଆଜିର ଯାତ୍ରା, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ତରବରିଆ ହୋଇ କୌଣସି କାମ କରନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହେବ। ଆବଶ୍ୟକୀୟ ଜିନିଷପତ୍ର ଅଭାବରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଖୋଜି ଖୋଜି ଆଶା ଛାଡ଼ିଦେଇଥିବା ଜିନିଷଟି ହଠାତ୍ ପାଇଯିବେ।

**ତୁଳା** ବନ୍ଧୁମିଳନ ପରିବେଶରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗର ସୂଚନା ରହିଛି। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ବିଛା** ଜ୍ୟେଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ସୁଧୁରିନଥିବା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନି ଘଟିପାରେ। ଆନୁଷ୍ଠାନିକ କାମ, ଧାର୍ମିକ କାର୍ଯ୍ୟ ଓ ସଭାସମିତି ପାଇଁ ବ୍ୟଗ୍ରତା ପ୍ରକାଶ ପାଇବ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ରର ପରସ୍ପର ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଅବହେଳା କାରଣରୁ କୈଫିୟତ ଦେବାକୁ ପଡ଼ିପାରେ। ଈର୍ଷାପରାୟଣତା କାରଣରୁ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**ମକର** ପୂର୍ବର ସମ୍ମାନ ଫେରିପାଇବା କିମ୍ବା କର୍ମକ୍ଷେତ୍ରରେ ପୁନଃ ନିଯୁକ୍ତି ଖବର ପାଇ ମନ ଖୁସି ହୋଇଯିବ। ନିକଟରେ ରହୁଥିବା ଲୋକଟି ସାହାଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ଦରକାରୀ ଜିନିଷଟି ଅନ୍ୟକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ରର ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**କୁମ୍ଭ** ଶାରୀରିକ ସୁସ୍ଥତା ସାଙ୍ଗକୁ ଦୃଢ଼ ମନୋବଳ ସ୍ଥଗିତ କାମକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ବ୍ୟସ୍ତତାଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଶତଭିଷା ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ପାଇଁ ମନ ବଳାଇବେ।

**ମୀନ** ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବ। ବନ୍ଧୁଙ୍କ ଦ୍ୱାରା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ବିଫଳତାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ରେବତୀ ନକ୍ଷତ୍ରର ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। କଚେରି ମାମଲା କିମ୍ବା ଜମିଜମା ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିପାରେ।

ଆଜି ଏପ୍ରିଲ ୧୩ ତାରିଖ, ଜାଲିଆନାୱାଲାବାଗ ଦିବସ, ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ, ମାସାନ୍ତ, ବୈଶାଖ କୃଷ୍ଣ ପ୍ରତିପଦା ରବିବାର, ରାଶି ନକ୍ଷତ୍ର-ଚିତ୍ର/କନ୍ୟା ଘ.୦୭।୩୮ ଗତେ ତୁଳା/ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ. ୦୯।୪୨ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧.୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁକାଳ।

# ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ମାମଲା: ଜନସାଧାରଣଙ୍କ ଅଧିକାର ଓ ନ୍ୟାୟିକ ବିଜୟ

ଉମାବଲ୍ଲଭ ରଥ

ଓଡ଼ିଶାର ପୁରୀ ଜିଲାର ୨୨ଟି ମୌଜାର ଚାଷୀଙ୍କ ଜମି ରକ୍ଷା ପାଇଁ ଏକ ଦୀର୍ଘ ସଂଘର୍ଷର କାହାଣୀ ଆଜି ମଧ୍ୟ ଆଲୋଚନାର ବିଷୟ ହୋଇରହିଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ନାମରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଏକ ବିଶାଳ ଦୁର୍ନୀତିର ରୂପ ନେଇଥିଲା। ଏହି ପ୍ରକ୍ରିୟାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ପ୍ରାୟ ୧,୩୦୦ ଏକର ସାମିଲ ଥିଲା। ଏହି ଅମୃତ ମଣୋହି ଜମିରୁ ଉତ୍ପାଦିତ ଧାନ, ମୁଗ ଓ ଅନ୍ୟାନ୍ୟ ଫସଲ ଅମଳ ହୋଇ ଶ୍ରୀମନ୍ଦିରରେ ଭୋଗ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଏ, ଯାହା ଏକ ପ୍ରାଚୀନ ପ୍ରଥା। ଏହି ଦୁର୍ନୀତି ବିରୋଧରେ ସ୍ଥାନୀୟ ଚାଷୀମାନେ ଏକଜୁଟ ହୋଇ ଲଢ଼ିଥିଲେ, ଯେଉଁଥିରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୨୦୨୩ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ। ତେଣୁ ଏପ୍ରିଲ ୧୨ ତାରିଖକୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି। ସେହି ରାୟକୁ ଦୁଇବର୍ଷ ପୂର୍ଣ୍ଣ ହୋଇଛି। କିନ୍ତୁ ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଲେଖାରେ ଆମେ ଏହି ସଂଘର୍ଷର ପୂରା କାହାଣୀ, ଚାଷୀଙ୍କ ବିଜୟ, ଓକିଲମାନଙ୍କ ଅବଦାନ, ଗଣମାଧ୍ୟମ, ରାଜନେତା, ଶ୍ରୀମନ୍ଦିର ସେବାୟତ ଓ ରାଜନୈତିକ ଦଳମାନଙ୍କ ଅବଦାନ ଏବଂ ସରକାରୀ ଅବହେଳା ଉପରେ ଆଲୋକପାତ କରିବା।

### ଜମି ଅଧିଗ୍ରହଣ ଓ ଦୁର୍ନୀତିର ଆରମ୍ଭ

୨୦୦୬ରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଓଡ଼ିଶା ସରକାରଙ୍କ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରି ପୁରୀ ଜିଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଣିଥିଲା। ଏହି ପ୍ରକଳ୍ପ ପାଇଁ ପ୍ରାୟ ୬,୮୯୨ ଏକର ଜମି ଅଧିଗ୍ରହଣ କରାଯିବାର ଯୋଜନା ହୋଇଥିଲା, ଯେଉଁଥିରୁ ଅଧିକାଂଶ ଜମି ଥିଲା କୃଷିଜମି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାରୁ ସ୍ଥାନୀୟ ଚାଷୀମାନେ ଏହାର ବିରୋଧ କରିଥିଲେ। ୨୨ଟି ମୌଜାର ବାସିନ୍ଦା ଏକାଠି ହୋଇ ଏହି ଅଧିଗ୍ରହଣ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟାରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ତତ୍କାଳୀନ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ସମ୍ପର୍କ ଦେଖାଦେଇଥିଲା, ଯାହାକୁ ଏକ ଭିତିରି ବୁଝାମଣା ଭାବେ ବର୍ଣ୍ଣନା କରାଯାଇଥିଲା। ଏହି ଦୁର୍ନୀତିରେ ତତ୍କାଳୀନ ପୁରୀ ଜିଲାପାଳଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଅନେକ ପବ୍ଲିକ ସର୍ଭାଣ୍ଟ ଜଡ଼ିତ ଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଯିଏ ଜଣେ ପ୍ରଭାବଶାଳୀ ଆଇଏଏସ୍ ଅଫିସର ଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରେ କାମ କରୁଥିଲେ ସେ ଏହି ପ୍ରକଳ୍ପକୁ ଅତ୍ୟଧିକ ପ୍ରୋତ୍ସାହନ ଦେଇଥିଲେ। ଏହା ପରେ ଲୋକପାଳଙ୍କ ତଦନ୍ତରେ ଏକ ଦୁର୍ନୀତି ଭାବେ ଉଜାଗର ହୋଇଥିଲା। ୨୦୧୦ରେ ଓଡ଼ିଶା ଲୋକପାଳ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଅନିୟମିତତା ଥିବା ଆଲୋଚନା କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ତଦନ୍ତ ପାଇଁ ସୁପାରିସ କରିଥିଲେ। ଲୋକପାଳଙ୍କ ରିପୋର୍ଟ ଅନୁଯାୟୀ, ସରକାର ଅତ୍ୟନ୍ତ ତ୍ୱରିତ ଗତିରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ଅନୁରୋଧକୁ ମାନିନେଇଥିଲେ, ଯାହା ଏକ ସ୍ୱାର୍ଥପର ସମ୍ପର୍କକୁ ଇଙ୍ଗିତ କରୁଥିଲା।

### ଦୁର୍ନୀତିର ଉନ୍ମୋଚନ ଓ ଗଣମାଧ୍ୟମର ଭୂମିକା

ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଖବରଦାତା ଏବଂ ସାମାଜିକ କର୍ମୀମାନେ ବେଦାନ୍ତ ବିଶବିଦ୍ୟାଳୟ ପ୍ରକଳ୍ପ ନାମରେ ହେଉଥିବା ଦୁର୍ନୀତିକୁ ଉଜାଗର କରିଥିଲେ। ଏହା ସାମ୍ନାକୁ ଆସିଥିଲା ଯେ ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ମଧ୍ୟରୁ ଅନେକ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଅନୁଯାୟୀ ଅବୈଧ ଥିଲା। ଏହା ସହିତ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ଘରୋଇ କମ୍ପାନୀ ହୋଇଥିବାରୁ ଏତେ ବଡ଼ ପରିମାଣର ଜମି ଅଧିଗ୍ରହଣ କରିବା ଆଇନଗତ ଭାବେ ଅସମ୍ଭବ ଥିଲା। ଏହି ଦୁର୍ନୀତି ଉନ୍ମୋଚନରେ ଗଣମାଧ୍ୟମ ବିଶେଷକରି ଖବରକାଗଜଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଓ ଚାଷୀଙ୍କ ସଂଘର୍ଷ

ଏହି ଆନ୍ଦୋଳନର ସଫଳତା ପଛରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସଂଘର୍ଷ ସମିତିର ସଭାପତି ଭାବେ ୨୨ଟି ମୌଜାର ବାସିନ୍ଦାମାନଙ୍କୁ ଏକାଠିକରି ଏହି ଲଢ଼େଇକୁ ନେତୃତ୍ୱ ଦେଇଥିଲେ। ବେଣୁଧର ଜଣେ ସାଧାରଣ ଚାଷୀ ହୋଇଥିଲେ ମଧ୍ୟ ତାଙ୍କର ଦୃଢ଼ ସଂକଳ୍ପ ଓ ନ୍ୟାୟ ପାଇଁ ଲଢ଼ିବାର ଅଦମ୍ୟ ଇଚ୍ଛା ଏହି ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା। ସେ ସ୍ଥାନୀୟ ଚାଷୀଙ୍କୁ ଏକାଠି କରି ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ ଏବଂ ଏହି ଅଧିଗ୍ରହଣ ବିରୋଧରେ ଏକ ସଂଗଠିତ ଆନ୍ଦୋଳନ ଗଢ଼ି ତୋଳିଥିଲେ। ବେଣୁଧରଙ୍କ ନେତୃତ୍ୱରେ ଚାଷୀମାନେ ବିଭିନ୍ନ ପ୍ରଦର୍ଶନ, ଧାରଣା ଏବଂ ସଭା ଆୟୋଜନ କରିଥିଲେ। ସେମାନେ ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ। ଆନ୍ଦୋଳନ ଚାଲୁଥିବା ସମୟରେ ଜିଲା ପୋଲିସ ପ୍ରଶାସନ ଓ କମ୍ପାନୀ ତା'ର ଲୋକଙ୍କୁ ଧରି ଏହି ଜମି ଉପରେ ପାଚେରି ନିର୍ମାଣ ପାଇଁ ହିଂସାକାଣ୍ଡ ସୃଷ୍ଟି କରିଥିଲେ। ସରକାରଙ୍କ ଏହି ଷଡ଼ଯନ୍ତ୍ରକୁ ୨୨ଟି ମୌଜାର ଯୁବକ ଓ ମହିଳାମାନେ ମୁକାବିଲା କରି ଏହାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ଆନ୍ଦୋଳନ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ଚାଷୀମାନଙ୍କ ଜୀବନ ଜୀବିକା ଏବଂ ସଂସ୍କୃତି ରକ୍ଷା ପାଇଁ ଏକ ଲଢ଼େଇ ଥିଲା।

### ଓକିଲଙ୍କ ଅବଦାନ ଓ ଆଇନଗତ ଲଢ଼େଇ

ଏହି ଆନ୍ଦୋଳନକୁ ଆଇନଗତ ରୂପ ଦେବାରେ ଓକିଲମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଓକିଲମାନେ ବିନା ଫି'ରେ ଏହି ମକଦ୍ଦମା ଲଢ଼ିଥିଲେ, ଯାହା ଏହି ଲଢ଼େଇକୁ ଆହୁରି ସଶକ୍ତ କରିଥିଲା। ସ୍ଥାନୀୟ ଚାଷୀଙ୍କ ସପକ୍ଷରେ ଓକିଲମାନେ ଓଡ଼ିଶା ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବିରୋଧରେ ମାମଲା ଦାଏର କରିଥିଲେ। ୨୦୧୦ରେ ଓଡ଼ିଶା ହାଇକୋର୍ଟ ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ, କାରଣ ଏହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଏବଂ ଭାରତୀୟ ସମ୍ବିଧାନର ଧାରା ୩୦୦ ଏ' ଅନୁଯାୟୀ ଅନୁମୋଦିତ ନ ଥିଲା। ଏହି ରାୟକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ୨୦୨୩ ଏପ୍ରିଲ ୧୨ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ବଳବତ୍ତର କରି ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଜମି ଚାଷୀମାନଙ୍କୁ ଫେରାଇ ଦିଆଯାଉ ଏବଂ ଅମୃତ ମଣୋହି ଜମି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଉ।

### ଶ୍ରୀମନ୍ଦିର ସେବାୟତ, ରାଜନେତା ଓ ରାଜନୈତିକ ଦଳଙ୍କ ଅବଦାନ

ଏହି ଲଢ଼େଇରେ ଅନେକ ରାଜନେତା, ଶ୍ରୀମନ୍ଦିର ସେବାୟତ ଏବଂ ରାଜନୈତିକ ଦଳଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଜେଡି ବ୍ୟତୀତ ଅନ୍ୟସବୁ ଦଳର ନେତାମାନେ ଆନ୍ଦୋଳନ ସ୍ଥଳକୁ ଆସି ସମର୍ଥନ କରିଥିଲେ। ବିଶେଷକରି କଂଗ୍ରେସ ସମ୍ପୂର୍ଣ୍ଣ ସକ୍ରିୟ ଭାବରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାରେ ସହଯୋଗ କରିଥିଲା।

### ସରକାରୀ ଅବହେଳା ଓ ଅନୁଷ୍ଠାନର ଅଭାବ

ଯଦିଓ ସୁପ୍ରିମକୋର୍ଟ ୨୦୨୩ ଏପ୍ରିଲ ୧୨ରେ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ, ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀମାନଙ୍କ ବିରୋଧରେ ଯଥା ତତ୍କାଳୀନ ପୁରୀ ଜିଲାପାଳ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ସଂଘର୍ଷ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ନ୍ୟାୟ ଓ ସଚ୍ଚୋଟତା ପାଇଁ ଏକ ଐତିହାସିକ ଲଢ଼େଇ ଥିଲା। ଏପ୍ରିଲ ୧୨କୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି, ଯାହା ଚାଷୀମାନଙ୍କ ଏକତା ଓ ସଂଘର୍ଷର ପ୍ରତୀକ ହୋଇରହିଛି।

**-ପୂର୍ବତନ ବିଧାୟକ, ପୁରୀ**
**ଆବାହକ, ବେଦାନ୍ତ ବିଶ୍ୱବଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି, ବେଲଦଳ, ପୁରୀ**

# ଧରିତ୍ରୀ DHARITRI



# ପାରିବାରିକ ହିଂସା | ୨ ମୃତ, ୨ ଗୁରୁତର

ପାରିବାରିକ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମ୍ପତ୍ତି ବିବାଦ, ପାରିବାରିକ କଳହ କିମ୍ବା ସନ୍ଦେହ ଭଳି ଘଟଣାକୁ ନେଇ ବର୍ବରକାଣ୍ଡ ଘଟୁଥିବାବେଳେ ଏହାକୁ ରୋକିହେଉନାହିଁ। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି କିଛି ଘଟଣା ଘଟିଛି, ଯେଉଁଠି ଅଭିଯୁକ୍ତ ଆଉ କେହି ନୁହଁନ୍ତି, ବରଂ ରକ୍ତର ସମ୍ପର୍କ। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବେଲବାରିଆ ଗ୍ରାମରେ ଚୁଟି କଟା ଷ୍ଟାଇଲକୁ ବିରୋଧ କରିବାରୁ ଜଣେ ନାବାଳକ ତାଙ୍କ ବାପାଙ୍କ ବେକକୁ କଟୁରିରେ ହାଣି ପକାଇଥିବାବେଳେ କେନ୍ଦୁଝର ଜିଲା ତାଳକଇଁସାରି ଗ୍ରାମରେ ଜମିଜମା ବିବାଦକୁ ନେଇ ଜଣେ ଯୁବକ କକାଙ୍କୁ ହତ୍ୟା କରି କଟା ମୁଣ୍ଡ ଧରି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଞ୍ଚଳରେ ଜଣେ ସାନଭାଇ ତାଙ୍କ ବଡ଼ଭାଇଙ୍କୁ ତୀରମାଡ଼ କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେହିପରି କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳରେ ପାରିବାରିକ ବିବାଦକୁ ନେଇ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ କଟୁରି ଚୋଟ ସ୍ତ୍ରୀଙ୍କ କାଖରେ ଥିବା ଶିଶୁକନ୍ୟା ମୁଣ୍ଡରେ ବାଜିଥିଲା। ଶିଶୁକନ୍ୟା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଚୁଟି କଟାକୁ ବିରୋଧରୁ ବାପାଙ୍କୁ ହାଣିଲେ ନାବାଳକ ପୁଅ

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ)

ଆଧୁନିକ ଷ୍ଟାଇଲରେ ଚୁଟିକଟାକୁ ବିରୋଧ କରିବାରୁ ବାପାଙ୍କୁ ତେଲେଙ୍ଗା କଟୁରିରେ ଆକ୍ରମଣ କରିଛନ୍ତି ନାବାଳକ ପୁଅ। ଗୁରୁତର ଅବସ୍ଥାରେ ବାପାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ଥାନା ଅଧୀନ ବେଲବାରିଆ ଗ୍ରାମରେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ନିକଟରେ ମାଟ୍ରିକ ପରୀକ୍ଷା ଦେଇଥିବା ନାବାଳକ ପୁଅ ଶନିବାର ଚୁଟି କାଟି ଘରକୁ ଫେରିଥିଲେ। ଚୁଟି କଟା ଷ୍ଟାଇଲକୁ ଦେଖି ତାଙ୍କ ବାପା ବିରୋଧ କରିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାଶୁଣି ନାବାଳକଙ୍କ ମା' ଆସି ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହଠାତ୍ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣକ ନିଜ ସ୍ତ୍ରୀଙ୍କୁ ଚାପୁଡ଼ାଏ ମାରିଥିଲେ। ଏଥିରେ ନାବାଳକ ପୁଅ ହଠାତ୍ ହିଂସ୍ର ହୋଇଯାଇ ଘରୁ ଏକ ତେଲେଙ୍ଗା କଟୁରି ଆଣି ବାପାଙ୍କୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ବ୍ୟକ୍ତି ଜଣକ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଆହତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କକାଙ୍କ ମୁଣ୍ଡ କାଟି ହତ୍ୟା

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତାଳକଇଁସାରି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି। ଜମି ବିବାଦକୁ କେନ୍ଦ୍ରକରି କକାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗାକରି ଦେଇଛନ୍ତି ପୁତୁରା। ହତ୍ୟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟାମୁଣ୍ଡକୁ ବ୍ୟାଗ୍‌ରେ ଧରି ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତକ ହେଲେ ଗ୍ରାମର ହରି ଦେହୁରୀ (୫୧)। ପୋଲିସ ଅଭିଯୁକ୍ତ ପୁତୁରା କବି ଦେହୁରୀ (୩୫)ଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ପୋଲିସ ଅନୁଯାୟୀ, ହରି ଏବଂ କବି ଉଭୟେ ☞ପୃଷ୍ଠା-୩

## ଭାଇଙ୍କୁ ତୀର ମାରି ହତ୍ୟା ପରେ ବିଷ ପିଇଲେ ସାନ


ଲହୁଣୀପଡ଼ା,୧୨।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଲୁଙ୍ଗା ଗ୍ରାମରେ ଶନିବାର ସକାଳ ପ୍ରାୟ ୧୦ଟାରେ ସାନଭାଇର ତୀରମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମିୟା ମୁଣ୍ଡା(୪୫)। ଏହି ଘଟଣା ପରେ ଭୟରେ ସାନଭାଇ ସନାତନ ମୁଣ୍ଡା (୪୦) ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୦/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୁଙ୍ଗା ଗ୍ରାମର ଗମିୟା ଓ ସାନଭାଇ ସନାତନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହି ଆସିଥିଲା। ଶନିବାର ଘରେ କେହି ନ ଥିବାର ସୁଯୋଗ ନେଇ ସନାତନ ବଡ଼ଭାଇ ଗମିୟାଙ୍କୁ ତୀରମାଡ଼ କରିଥିଲେ। ଘଟଣା ସ୍ଥଳରେ ହିଁ ଗମିୟାଙ୍କ ମୃତ୍ୟୁ ଘଟିଥିଲା। ଗମିୟାଙ୍କ ମୃତ୍ୟୁ ହେବା ଜାଣି ଭୟରେ ସନାତନ ବିଷ ☞ପୃଷ୍ଠା-୩

## ସ୍ତ୍ରୀଙ୍କୁ କଟୁରିରେ ହାଣିବାବେଳେ ଶିଶୁକନ୍ୟା ଆହତ

ବାଙ୍କୀ, ୧୨।୪ (ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶନିବାର ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଜେଲରୁ ଫେରିଥିବା ସ୍ୱାମୀ କଟୁରିରେ ହାଣିବାକୁ ଉଦ୍ୟମ କରିଥିଲେ। ହେଲେ କଟୁରି ଚୋଟ ସ୍ତ୍ରୀଙ୍କ ବେକରେ ନ ବାଜି ସେ କାଖରେ ଧରିଥିବା ୩ ବର୍ଷର ଝିଅ ମଣ୍ଡରେ ବାଜିଥିଲା। ଶିଶୁକନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଗିରଫ ଭୟରେ ଅଭିଯୁକ୍ତ ସ୍ୱାମୀ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ପୁରୁଣାପାଣି ଗ୍ରାମର ବାଙ୍କନିଧି ପଣ୍ଡା ଚଢ଼େଇବନ୍ଧ ☞ପୃଷ୍ଠା-୩




## ଶିକ୍ଷୟିତ୍ରୀଙ୍କ ଲୁହାପାଇପ୍ ମାଡ଼ରେ ଛାତ୍ର ଗୁରୁତର

ଢେଙ୍କାନାଳ,୧୨।୪ (ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)

■ ବିଦ୍ୟାଳୟକୁ ବନ୍ଦକରି ଗ୍ରାମବାସୀଙ୍କ ପ୍ରତିବାଦ

■ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର୍ ଧରିଲା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କାଣ୍ଡିଙ୍କ ଲୁହାପାଇପ୍ ମାଡ଼ରେ ଷଷ୍ଠ ଶ୍ରେଣୀ ଛାତ୍ର ବିମଳ ସିଂହ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଛାତ୍ର ବିମଳଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୫ଟି ଷ୍ଟିଚ୍ ପକାଯାଇଛି। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଘଟିଥିବା ଏହି ଘଟଣାର ପ୍ରତିବାଦ କରି ଅଭିଭାବକ ଓ ଗ୍ରାମବାସୀ ଶନିବାର ସକାଳେ ବିଦ୍ୟାଳୟ ଫାଟକ ବନ୍ଦକରି ଧାରଣା ଦେଇଥିଲେ। ୧୨ବର୍ଷ ହେଲା ବିଦ୍ୟାଳୟରେ ରହିଥିବା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀଙ୍କୁ କାହିଁକି ବଦଳି କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇବା ସହିତ ତୁରନ୍ତ ବିଦ୍ୟାଳୟରୁ ହଟାଯିବାକୁ ଦାବି କରିଥିଲେ। ଏଥିପୂର୍ବରୁ ବିଭିନ୍ନ ଘଟଣାରେ ୫ଥର ତାଙ୍କୁ କ୍ଷମା କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖବରପାଇ ଓଡ଼ାପଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଧର ସ୍ୱାଇଁ, ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଅତିରିକ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଏ ସଂକ୍ରାନ୍ତରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି, ପୋଲିସ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହୋଇଛୁ। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହିତ ମଙ୍ଗଳବାର ଘଟଣାର ସମାଧାନ କରିବା ପାଇଁ ଉଦ୍ୟମ କରାଯିବ। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବାଦ କରାଯାଉଛି।

## ୨ ବାଇକ୍ ଧକ୍କା: ଜଣେ ମୃତ

ଲାଞ୍ଜିଗଡ଼,୧୨।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ବଳଭଦ୍ରପୁରକୁ ସଂଯୋଗ କରୁଥିବା ରାସ୍ତାର ବଂଶୀଧାର ନଦୀ ନିକଟରେ ଶନିବାର ୨ ବାଇକ୍ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଳି (୨୨) ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ଲାଞ୍ଜିଗଡ଼ ପଟୁ ଯାଉଥିବା ଚମ୍ପାଦେଇପୁର ପଞ୍ଚାୟତ ପ୍ରତାପପୁର ଗ୍ରାମର ରଞ୍ଜିତ ମାଝୀ (୩୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁଇଜଣ ଗୁରୁତର ହୋଇଥିଲେ। ଖବରପାଇ ସାମାଜିକ କର୍ମୀ ସୁବାସ ଅଗ୍ରୱାଲ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଲାଞ୍ଜିଗଡ଼ ସିଏଚ୍‌ସିକୁ ପଠାଇଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ରଞ୍ଜିତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଲାଞ୍ଜିଗଡ ପୋଲିସ ଦୁଇ ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଛି।

DADLS-11



ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

OIPR-15001/13/0502/2526

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଚାଇନାର ପ୍ରତିରୋଧ



ଆକାର ପଟେଲ

ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ ସାରା ବିଶ୍ୱର ବାଣିଜ୍ୟ ମନ୍ତ୍ରଣାଳୟଗୁଡ଼ିକ ଆମେରିକାକୁ ସେମାନଙ୍କ ମାମଲା ସମ୍ପର୍କରେ ବିଚାର ପାଇଁ ନିବେଦନ କରିବାକୁ ଲାଇନ ଲଗାଉଛନ୍ତି। ଆମେ ସେମାନଙ୍କ ସହ ଅଛୁ କି? ନା, ଆମେ ନାହୁଁ। ସପ୍ତାହାନ୍ତରେ ପ୍ରକାଶିତ ଏକ ଖବରରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ, ଆମେ ଧମକ ସହ ବୁଝାମଣା କରୁ ନାହୁଁ। ଦେଖିବାକୁ ଗଲେ ଏହା ହିଁ ଉତ୍ତମ ତରିକା ଏବଂ ଏହା ସହ ମୁଁ ଏକମତ। ସାର୍ବଭୌମ ଦେଶଗୁଡ଼ିକ ଦୃଢ଼ତାର ସହ କହିବା ଦରକାର ଯେ, ସେମାନଙ୍କୁ ସମାନ ଭାବେ ଦେଖିବା ଆବଶ୍ୟକ, ଅଧସ୍ତନ ବା ଦାସ ରୂପେ ନୁହେଁ। ଟ୍ରମ୍ପଙ୍କ ଟାରିଫ୍‌କୁ କାନାଡା ଭଳି ଚାଇନା ମଧ୍ୟ ଦୃଢ଼ତାର ସହ ପ୍ରତିରୋଧ କରିଛି। ତେବେ ଗୋୟଲ ଯାହା କହିଥିଲେ ତାହା ତାଙ୍କୁ ସମସ୍ୟାରେ ପକାଇଲା। ସେ କହିଥିଲେ, ଭାରତର ନୂଆ ବିଜ୍‌ନେସ୍‌ସବୁ ନୂତନତ୍ୱ ବଦଳରେ କେବଳ ବାଣିଜ୍ୟ (ଦୋକାନଦାରି ଶବ୍ଦ ବ୍ୟବହାର କରିଥିଲେ) ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏହାକୁ ଚାଇନା ସହ ତୁଳନା କରିଥିଲେ, ଯେଉଁଠି ଷ୍ଟାର୍ଟଅପ୍‌ଗୁଡ଼ିକ ରୋବୋ , କୃତ୍ରିମ ବୁଦ୍ଧିମତ୍ତା ନିର୍ମାଣ କରିବା ସହ ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଏହାକୁ ନେଇ ଏଣ୍ଟ୍ରେପ୍ରିନ୍ୟୁୟରମାନେ ଗୋୟଲଙ୍କୁ ବିରୋଧ କରିଥିଲେ। ତେବେ ଭାରତରେ ନୂଆକରି ଗଢ଼ିଉଠିଥିବା ଅନେକ କମ୍ପାନୀ ଏଭଳି କିଛି କାମ କରୁଛନ୍ତି ଏବଂ ସେମାନେ ଏହା କରିବା ଉଚିତ ବୋଲି ଗୋୟଲ କହିଥିଲେ।

ଭାରତରେ ବିଜ୍‌ନେସ୍‌ର ଇତିହାସକୁ ଦେଖିଲେ ଜଣାଯାଏ ଯେ, ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବାଣିଜ୍ୟିକ ସମୁଦାୟ ମୁଖ୍ୟତଃ ବଣିକ ଓ ବ୍ୟାଙ୍କର ଥିଲେ। ୧୯୧୯ରେ ମାନୁଫାକ୍ଚରିଂ କ୍ଷେତ୍ରରେ ବିର୍ଲାଗୋଷ୍ଠୀ ପ୍ରବେଶ କଲା ଏବଂ ଏହା ପୂର୍ବରୁ ପାର୍ସୀଙ୍କ ସମେତ ଅଳ୍ପ କେତେଜଣ ଗୁଜରାଟୀଙ୍କ ଉଦ୍ୟମରେ ୧୯୧୦ରେ ଟାଟା ଷ୍ଟିଲ୍ ଆସିଥିଲା। ଆମ ବାଣିଜ୍ୟ ଏହିଭଳି ଇତିହାସ ସହ ଜଡ଼ିତ ରହୁଛି ଏବଂ ଉତ୍ପାଦିତ ସାମଗ୍ରୀ ଓ ତାହାକୁ ଡେଲିଭରି ଆପ୍ ଭଳି ବିଷୟ ପର୍ଯ୍ୟନ୍ତ ବିସ୍ତାର କରାଯାଉ ନ ଥିବା ସମ୍ଭବତଃ ଗୋୟଲ ସୂଚିତ କରିଥିଲେ। ତେବେ ପୁନର୍ବାର ତାଙ୍କର ଏହି ବ୍ୟାପକ ଦୃଷ୍ଟିକୋଣ ସହ ମୁଁ ଏକମତ। ପ୍ରଶ୍ନ ହେଉଛି, ଚାଇନାର ଷ୍ଟାର୍ଟଅପ୍ ଭଳି ହେବା ପାଇଁ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକର ବିକାଶ ଓ ସଫଳତା ସକାଶେ କେଉଁସବୁ ବିଷୟ ଜରୁରୀ? ବିଜ୍‌ନେସ୍ ସେକ୍ଟରକୁ ଏହି ପ୍ରଶ୍ନ ପଚାରିବା ଠିକ୍ ହେବ। ସମାନ ଭାବେ ସରକାରଙ୍କୁ ମଧ୍ୟ ଏହା ପଚାରିବା ଉଚିତ। ଚାଇନା ଏବେ ଯେଉଁଠି ପହଞ୍ଚିଛି ତାହା ଗତବର୍ଷରଏକ ଅନୁଧ୍ୟାନରୁ ସାମ୍ନାକୁ ଆସିଥିଲା। ଏହା ଦର୍ଶାଇଥିଲା, ''ଚାଇନା ଏବେ ବିଶ୍ୱର ଏକ ମାତ୍ର ମାନୁଫାକ୍ଚରିଂ ସୁପରପାୱାର। ଚାଇନାର ଉତ୍ପାଦନ ତା' ପଛକୁ ଥିବା ୯ଟି ଉତ୍ପାଦନକାରୀ ଦେଶର ମୋଟ ଉତ୍ପାଦନଠାରୁ ଅଧିକ।'' ଚାଇନା ସରକାର ଶିଳ୍ପ ନୀତି ଓ କୌଶଳଗତ ପରିଚାଳନା ମାଧ୍ୟମରେ ଏସବୁ ହାସଲ କରିପାରିଲା। ଏହା ଆଫ୍ରିକା ଓ ଲାଟିନ ଆମେରିକାର ଖଣିଜ ସମୃଦ୍ଧ ଦେଶଗୁଡ଼ିକ ସହ ସମ୍ପର୍କ ସ୍ଥାପନ କଲା ଏବଂ ଏହିସବୁ ଦେଶଗୁଡ଼ିକରୁ ଅନେକରେ ବନ୍ଦର ଓ ରେଳପଥ ନିର୍ମାଣ କଲା। ସରକାରଙ୍କ ଅଧୀନରେ ଥିବା ତାହାର କମ୍ପାନୀଗୁଡ଼ିକ ଅନ୍ୟ କାହା ଉପରେ ନିର୍ଭର ନ କରି ବ୍ୟବସାୟଭିତ୍ତିକ ପାଣିଜାହାଜ ଓ ଉଡ଼ାଜାହାଜ ନିର୍ମାଣ କଲେ। ଚାଇନା ସହ ଯୁଦ୍ଧ କରିଥିବା କିମ୍ବା ଏବେ ବିବାଦରେ ଲିପ୍ତ ଥିବା ପଡ଼ୋଶୀ ଦେଶଗୁଡ଼ିକୁ ବୁଝାଇବାକୁ ସକ୍ଷମ ହେଲା ଯେ, ଏହିସବୁ ସମସ୍ୟାକୁ ବାଣିଜ୍ୟ ସହ ଯୋଡ଼ିବା ଠିକ୍ ନୁହେଁ। ଚାଇନାର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ଆମେରିକା କିମ୍ବା ୟୁରୋପୀୟ ସଂଘ ନୁହନ୍ତି ବରଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ( ଏସିଆନ)। ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ଆକୁସ୍ ଓ କ୍ୱାଡ୍ ଭଳି ଆମେରିକାର ସାମରିକ ମେଣ୍ଟଗୁଡ଼ିକ ବିରୋଧରେ ଚାଇନା ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ(ବିଆର୍‌ଆଇ) ଅର୍ଥାତ୍ ରେଳପଥ, ସଡ଼କ ପଥ, ବନ୍ଦର ଆଦି ଭିତ୍ତିଭୂମି ବିକାଶ ରଣନୀତି ଆପଣାଇଛି।

ଦେଖିବାକୁ ଗଲେ ଅନେକ ଦଶନ୍ଧିଧରି ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତାପ୍ରକଟ କରିଆସୁଛି, କିନ୍ତୁ କେବଳ ଚାଇନା ଏଭଳି ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ସେଥିରୁ ଲାଭ ଉଠାଇବା ପାଇଁ ଏକ ଭିନ୍ନ ଶିଳ୍ପ ରଣନୀତି ଗଢ଼ିଛି। ଅନ୍ତର୍ଜାତୀୟ କମ୍ବଶନ ଇଞ୍ଜିନ କ୍ଷେତ୍ରରେ ଜାପାନ ଏବଂ ଜର୍ମାନୀ କମ୍ପାନୀଗୁଡ଼ିକର ପ୍ୟାଟେଣ୍ଟ ଓ ଅଭିଜ୍ଞତା ସହ ତାହାର ଅଟୋମୋବାଇଲ ସେକ୍ଟର ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଚାଇନା ବୈଦ୍ୟୁତିକ କାର୍ ଉପରେ ଧ୍ୟାନ ଦେଲା। ଚାଇନା ୨୦୧୬ରେ ୫ ଲକ୍ଷ, ୨୦୧୮ରେ ୧୦ ଲକ୍ଷ ଏବଂ ଗତ ବର୍ଷ ୧ କୋଟି ନ୍ୟୁ ଏନର୍ଜି ଚାଳିତ କାର୍ ଉତ୍ପାଦନ କରିଥିଲା। ଗତବର୍ଷ ଚାଇନା ୫୮ ଲକ୍ଷ କାର୍ ରପ୍ତାନି କରିଥିଲା। ସୋଲାର ପ୍ୟାନେଲ କ୍ଷେତ୍ରରେ ସମାନ କଥା ଦେଖିବାକୁ ମିଳିଛି। ବର୍ତ୍ତମାନ ବିଶ୍ୱରେ ବ୍ୟବହାର ହେଉଥିବା ମୋଟ ସୋଲାର ସେଲ୍‌ର ୮୦ ପ୍ରତିଶତରୁ ଅଧିକ ଚାଇନା ଉତ୍ପାଦନ କରିବା ସହ ପୃଥିବୀର ଦୁଇ ତୃତୀୟାଂଶ ବୈଦ୍ୟୁତିକ ଯାନର ବ୍ୟାଟେରି ମଧ୍ୟ ନିର୍ମାଣ କରୁଛି। ମାଇନିଂଠାରୁ ଆରମ୍ଭ କରି ରିଫାଇନିଂ, ମାନୁଫାକ୍ଚରିଂ ପର୍ଯ୍ୟନ୍ତ ଯୋଗାଣ ଶୃଙ୍ଖଳ ଚାଇନା ଦ୍ୱାରା ଚାଲୁଛି। ସମସ୍ତ କ୍ଷେତ୍ରରେ ବିଶେଷକରି ଭବିଷ୍ୟତରେ ଯେଉଁସବୁ କ୍ଷେତ୍ରର ଗୁରୁତ୍ୱ ରହିବ ସେଗୁଡ଼ିକରେ ଚାଇନାର ଏକଚାଟିଆ ପ୍ରାଧାନ୍ୟ ରହିଛି। ଏହା ସତ୍ୟ ଯେ, ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ଯାହା ଆମେ ନିକଟରେ ଡିପ୍‌ସିକ୍ ଏଆଇ କ୍ଷେତ୍ରରେ ଦେଖିଛୁ। ଆମେରିକାର ପ୍ରାଧାନ୍ୟ ଥିବା କ୍ଷେତ୍ର ଯଥା ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ)ରେ ମଧ୍ୟ ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନଙ୍କର ସଫଳତା ଦେଖିବାକୁ ମିଳିଛି। ଚାଇନା ସରକାରଙ୍କ ରଣନୀତି ଓ ଶିଳ୍ପ ନୀତି ଯୋଗୁ ଏଭଳି ବିଜୟ ସମ୍ଭବ ହୋଇଛି। ଚାଇନର ଏଣ୍ଟ୍ରେପ୍ରିନ୍ୟୁୟରମାନେ ସଫଳତା ହାସଲ କରିବାର କାରଣ ପଛରେ ରହିଛି ଉଦାରୀକରଣରେ ହସ୍ତକ୍ଷେପ। ଆମେରିକାର ପଦକ୍ଷେପକୁ ମୁକାବିଲା କରିବା ପାଇଁ ଚାଇନାର ବିଶ୍ୱାସ ଅଛି। ଚାଇନା ମଧ୍ୟ ଭଲ ଭାବେ ବୁଝିଛି ଯେ, ଏବେ ଆମେରିକାକୁ ଶାସନ କରୁଥିବା ବ୍ୟକ୍ତିଙ୍କ ବିଚ୍ଛିନ୍ନତାବାଦୀ କଳ୍ପନା ଯାହା ହେଉନା କାହିଁକି ବିଶ୍ୱ ତା' (ଚାଇନା) ଉପରେ ନିର୍ଭର କରିବ।

Email:aakar.patel@gmail.com

# ଲୁହା ଓ କଳଙ୍କି



ରଞ୍ଜନ କୁମାର ଦାସ

ଲୁହା ଏକ ଶକ୍ତିଶାଳୀ ପଦାର୍ଥ। ଏଥିରେ ନାନାଦି ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରାଦି ତିଆରି ହୁଏ। ସେଥିରେ ବି ଗଛ ହାଣିହୁଏ, ମଣିଷ ମାରିହୁଏ, ସେଇ ଲୁହାରେ ବଡ଼ ବଡ଼ କଳକାରଖାନା, କୋଠାବାଡ଼ି ଓ ଗାଡ଼ିମୋଟର ତିଆରି ହୁଏ। ଲୁହା କେବଳ ନିଜେ ଶକ୍ତିଶାଳୀ ନୁହେଁ, ତାକୁ ଧରିଥିବା ବ୍ୟକ୍ତି ମଧ୍ୟ ଶକ୍ତିଶାଳୀ ହୋଇଯାଏ। ଏମିତି କୌଣସି ଅଧିକ ଶକ୍ତିଶାଳୀ ପଦାର୍ଥ ନାହିଁ, ଯାହା ଲୁହାକୁ ସହଜେ ଭାଙ୍ଗି ବା କାଟିପାରିବ। ସେକଥା କେବଳ ଅନ୍ୟ ଏକ ଧାରୁଆ ଲୁହାରେ ସମ୍ଭବ। ତା'ଛଡ଼ା ଲୁହା ଯେବେ ନିଜେ କଳଙ୍କି ଲାଗି ଦୁର୍ବଳ ହେଇଯାଏ, ସେ ଆପେ ଆପେ କ୍ଷୟ ହୋଇଯାଏ। ଏ କଳଙ୍କି କ'ଣ ଏକ ବାହାର ଜିନିଷ? ସିଏ ବାହାର ପାଣି ପବନ ବାଜି ସେଇ ଲୁହାରୁ ହିଁ ତିଆରି ହୁଏ ଓ ତାକୁ ନଷ୍ଟ କରେ। ତେଣୁ ଏକଥା କହିବା ଅପ୍ରାସଙ୍ଗିକ ହେବନାହିଁ ଯେ, ଲୁହା ଭଳି ଏକ ଶକ୍ତିଶାଳୀ ଜିନିଷ ଖରାପ ସଂସର୍ଗ ଓ ନିଜ ଗୁଣରୁ ହିଁ ନଷ୍ଟ ହୋଇଯାଏ। ନ ହେଲେ ଅନ୍ୟ କେହି ତାକୁ ଏତେ ସହଜରେ ନଷ୍ଟ କରିପାରନ୍ତା ନାହିଁ।

ଲୁହା ଭଳି ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ମଣିଷ, ପ୍ରତ୍ୟେକ ଜାତି ଓ ଧର୍ମ, ପ୍ରତ୍ୟେକ ଭାଷା ସଂସର୍ଗଗତ ଦୋଷରୁ ଓ ନିଜ ଗୁଣଧର୍ମରୁ ହିଁ ନିଜେ ନଷ୍ଟ ହୁଏ। ଅନ୍ୟ ବାହ୍ୟ ଶତ୍ରୁ ଅପେକ୍ଷା ଏମାନେ ନିଜ ନିଜ ଦୋଷରୁ ହିଁ ବେଶି ନଷ୍ଟ ହୋଇଥା'ନ୍ତି! ଜିନିଷ ଭିତରେ ଦେଖିବେ କାଠ, ବାଉଁଶ ଯେତେବେଳେ ପାଣି ପବନ ସଂସର୍ଗରେ ଆସେ ନାଶ ଯାଏ। ମଣିଷର ସେମିତି ଯେତେ ଧନସମ୍ପଦ ଥାଉନା କାହିଁକି ନିଜ ଗର୍ବ, ଅହଂକାର, ଔଦ୍ଧତ୍ୟ ଓ ଚାରିତ୍ରିକ ଦୋଷରୁ ସେ ନଷ୍ଟ ହୁଏ। ବହୁ ବଡ଼ ବଡ଼ ଲୋକ ଗୋଟିଏ ଗୋଟିଏ ଛୋଟ ଦୋଷ ଯୋଗୁ ଲୋକଲୋଚନରେ ନିନ୍ଦିତ ହୋଇ ଜନମାନସରୁ ବିଦା ହୋଇଛନ୍ତି। ଯେଉଁ ସମାଜ ତାଙ୍କୁ ପୂଜା କରୁଥାଏ, ସେଇ ସମାଜ ତାଙ୍କ ଦୋଷଗୁଣ ଯୋଗୁ ଗୋଇଠା ମାରି ଦୂରଦୂର କରେ। ଆପଣ ଦେଖିବେ ଭାଷା ସେମିତି। ଗୋଟିଏ ଭାଷା ଯେତେବେଳେ ନିଜ ଐତିହ୍ୟ ଓ ପରମ୍ପରାକୁ ଭୁଲି ଅନ୍ୟ ଭାଷା ଉପରେ ଅତିରିକ୍ତ ନିର୍ଭର କରେ, ସେ ଭାଷା ମଧ୍ୟ କ୍ରମେ ଲୁପ୍ତପ୍ରାୟ ହୁଏ।

ଗୋଟିଏ ଭାଷାର ସବୁଠୁ ବଡ଼ ଶତ୍ରୁ ସେମିତି ଅନ୍ୟ ଭାଷା ବା ଅନ୍ୟ ଭାଷାଭାଷୀ ଲୋକ ଯେତେ ନୁହନ୍ତି; ସେତେ ଦୋଷୀ ହେଲେ ସେଇ ଭାଷାରେ ଜନ୍ମିତ ଲୋକ। ଗୋଟିଏ ଭାଷାର ସବୁଠୁ ବେଶି ପଢ଼ାଲେଖା କରିଥିବା ଲୋକମାନେ ଅନ୍ୟଭାଷା ବେଶି ବ୍ୟବହାର କରିଥା'ନ୍ତି। କାରଣ ସେମାନେ ଅନ୍ୟ ଭାଷା ଜାଣିଥା'ନ୍ତି ଓ ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରିବାକୁ ମାତୃଭାଷାକୁ ଅବହେଳା କରି ଅନେକାଂଶରେ ଅନ୍ୟଭାଷାର ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ସେଇ ଭାଷାର ସବୁଠୁ ଗରିବ ଓ ମୂର୍ଖ ଲୋକଟି ଅନ୍ୟ ଭାଷାକୁ ଏତେ ବେଶୀ ଜାଣିନଥିବାରୁ, ନିଜ ମାତୃଭାଷାକୁ ସର୍ବତ୍ର ବ୍ୟବହାର କରିଥାଏ ଓ ତାକୁ ବଞ୍ଚେଇ ରଖିଥାଏ। ତେଣୁ ନବ୍ୟ ଶିକ୍ଷିତମାନେ ନିଜ ଭାଷାର ବିକାଶ କରିବା ବଦଳରେ ତା'ର ବିନାଶରେ ବେଶି ସହାୟକ ହୋଇଥା'ନ୍ତି।

ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ମଧ ଅନୁଚାପ ଅବସ୍ଥା। ଆଧୁନିକ ପରିବାରରେ ଏବେ ପୂଜାପାଠ ଓ ପ୍ରାର୍ଥନା ପ୍ରାୟତଃ କମିଗଲାଣି। ଆପାର୍ଟମେଣ୍ଟ ବା ଡୁପ୍ଲେକ୍ସ ଘରେ ରହୁଥିବା ଲୋକ ଗୋଟେ ପୂଜାଘର ପାଇଁ ଜାଗା ଛାଡ଼ି ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ସେତିକି ଜାଗାରେ ଅନ୍ୟ କ'ଣଟେ ହେଇପାରିବ। ଠାକୁରଘର କ'ଣ ଦରକାର? ଆମ ପିଲାବେଳେ ଆମକୁ ସକାଳ ସନ୍ଧ୍ୟାରେ ଘରେ ପଢ଼ିବାକୁ ଗଲାବେଳେ ପ୍ରାର୍ଥନା ଗାଇବାକୁ ପଡୁଥିଲା। ଏବେ ମା'ବାପା, ଛୁଆ ସେ ଦିଗରେ କେହି ଆଗ୍ରହୀ ନୁହନ୍ତି। ନବ୍ୟ ଆଧୁନିକତା ନାମରେ ସେସବୁକୁ ପୁରୁଣାକାଳିଆ କୁହାଯାଉଛି। ସେମାନେ ଭାବନ୍ତି ଭକ୍ତି ଠାକୁରଘରେ ନ ଥାଏ, ହୃଦୟରେ ଥାଏ। ହଁ, ଯଦି ସେତକ ବି ଥାଆନ୍ତା ତାହାଲେ ବି ଚିନ୍ତା ଥିଲା। ହୃଦୟରେ କି ମସ୍ତିଷ୍କରେ କୋଉଠି ଭକ୍ତିଭାବ କି ଆଧ୍ୟାତ୍ମିକ ଚିନ୍ତନ ପାଇଁ ଜାଗା ନାହିଁ। ଖାଲି ପରୀକ୍ଷାରେ ଭଲ ମାର୍କ ଦିଅ, ଇଣ୍ଟରଭ୍ୟୁରେ ଚାକିରିଟା ମୋର ହେଉ, ମାଲପତ୍ରରେ ମୋ ଘର ଭରିଯାଉ ଯେ ଆମ ଭକ୍ତିଭାବ ସୀମିତ। ଥରେ ଦି'ଥର ଓଡ଼ିଶା ବାହାରୁ ବୁଲି ପଳେଇ ଆସିଲେ, ପାଠ ଦି'ଅକ୍ଷର ପଢ଼ିଦେଲେ ଲୋକେ ଭାବୁଛନ୍ତି ଆମେ ଆଧୁନିକ ହୋଇଗଲୁ। ଆମ ଦ୍ୱାରା ଧୋତିପିନ୍ଧା ହବନି, ପୂଜାପାଠ ସମ୍ଭବ ନୁହେଁ। ଝିଅମାନେ ଭାବୁଛନ୍ତି ଚୁଡ଼ି ପିନ୍ଧିବା, ଶାଢ଼ି ପିନ୍ଧିବା, ସିନ୍ଦୂର ପିନ୍ଧିବା, ଗାଉଁଲି ଲୋକଙ୍କ ଲକ୍ଷଣ। ଆମ ସଭ୍ୟତାରେ ଏ ଛଦ୍ମ



ଆଧୁନିକତା ଏତେ ବ୍ୟାପିଗଲାଣି ଯେ, ଆମ ଛୁଆଏ ପିଠାକୁ ଭୁଲି ପିଜାକୁ ଆପଣେଇଲେଣି। କଣ୍ଟିନେଣ୍ଟାଲ ଚାଇନିଜ୍ ଫୁଡ୍, ଥାଇଫୁଡ୍ ଯିଏ ନ ଖାଇଛି, ସିଏ ମଫସଲିଆ ବୋଲି ଲୋକେ ଭାବୁଛନ୍ତି। ଆମ ଖେଚୁଡ଼ି କୁଆଡ଼େ ଗଲା, ବିରିଆନୀ ଆସିଗଲା। ବରା ସିଙ୍ଗଡ଼ା କୁଆଡ଼େ ଗଲା, ଇଡିଲି ଦୋଷା ତା' ସ୍ଥାନ ନେଇଗଲା। ପାଖଘର ମାଉସୀ ଆମକୁ ମା'ଠୁ ମଡର୍ନ ଲାଗୁଛନ୍ତି। ବଡ଼ମାନଙ୍କୁ ନମସ୍କାର କରିବାକୁ ବା ଗୁରୁଜନଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଆଜିକାର ପିଲାଏ ଘୃଣା କରୁଛନ୍ତି। କାରଣ ଆମ ମୁରବିମାନେ ତାଙ୍କୁ ସେଇଭଳି ଶିକ୍ଷା ଦେଉଛନ୍ତି।

ଆମ ସମାଜର ମୁରବିମାନେ ସେଥିରେ ଚିନ୍ତିତ ନୁହନ୍ତି। ପୁଅ ରାତିଅଧରେ ଘରକୁ ମଦ ପିଇ ଆସିଲେ ମଧ ମା'ବାପା କହୁଛନ୍ତି ଆଜିକାଲି ସମାଜରେ ଏଇଟା ଚଳିଲାଣି ଆଉ ଆମେ ପୁରୁଣାକାଳିଆ ମନୋବୃତ୍ତି ନେଇ ତାକୁ ବିରୋଧ କଲେ କ'ଣ ହବ? ନବ୍ୟ ସଭ୍ୟ ସମାଜରେ ପାର୍ଟି ଫଙ୍କସନ ଗଲେ ପିଇବାକୁ ପଡ଼ିବ, ତେଣୁ ଏଥିରେ ଦୋଷ କୋଉଠି ରହିଲା? ପୁଅ ତା' ସ୍ତ୍ରୀକୁ ଛାଡ଼ି ଅନ୍ୟ ଝିଅଙ୍କ ସାଙ୍ଗରେ ବୁଲିଲେ ବି ଏପରି ଅଭିଭାବକ ଅଛନ୍ତି, କହୁଛନ୍ତି ଏଥିରେ ଖରାପ କ'ଣ ରହିଲା? ଚାକିରି ବାକିରି କଲେ ଏମିତି ଫ୍ରେଣ୍ଡଶିପ ହୁଏ। ମାତ୍ର ଏ ଉଦାରତା ଛାଡ଼ିଯାଏ, ଯେତେବେଳେ ପୁଅ ଗୋଟାଏ ସ୍ତ୍ରୀ ଥାଉଥାଉ ଆଉ ଗୋଟେ ଆଣି ସେଇ ମା'ବାପାଙ୍କ ଆଗରେ ଘରେ ରଖେ ଏବଂ ଘରେ ନିତି ମହାଭାରତ ହୁଏ।

ଆମେ ଏଠି ଅତି ପରମ୍ପରାପ୍ରବଣ ହେଉନାହୁଁ ବା ରକ୍ଷଣଶୀଳତା ସପକ୍ଷରେ ଯୁକ୍ତି ରଖୁନାହୁଁ। ମାତ୍ର ଅତି ଆଧୁନିକତା ନାମରେ ନିଜ ବଂଶ, ବୁନିଆଦି, ଜାତି, ଭାଷା, ସଂସ୍କୃତି, ନିଜ ପୋଷାକ, ଖାଦ୍ୟପେୟ, ନିଜ ଗୁରୁଜନ, ନିଜ ଠାକୁର, ନିଜ ମାତୃଭୂମିର ଅବମାନନା ମଧ ଗ୍ରହଣୀୟ ନୁହେଁ। ପାଣି ପବନର ଅତି ସଂସର୍ଗ ଲୁହାକୁ ଯେମିତି କଳଙ୍କିଗ୍ରସ୍ତ କରିଦିଏ, କାଠକୁ ଯେମିତି ଘୁଣଖିଆ କରିଦିଏ, ସେମିତି ଅନ୍ୟର ଭାଷା, ପୋଷାକ, ଖାଦ୍ୟପେୟ ସଂସ୍କୃତି ସେମିତି ଆମ ମୂଳପିଣ୍ଡକୁ କଳଙ୍କିଗ୍ରସ୍ତ କରି ନ ଦଉ! ଅନ୍ୟ ଜାତି ଓ ଧର୍ମର ପର୍ବପର୍ବାଣି ପାଳନ କରୁକରୁ ଆମ ଓଡ଼ିଆ ନବବର୍ଷ ଆମେ ଭୁଲିଗଲୁଣି। ସାବିତ୍ରୀ ବ୍ରତ ଛାଡି କଡ଼ୱା ଚୌଥ, ଖୁଦୁରୁକୁଣୀ ଛାଡ଼ି ଭାଇ ଦୁଜ, ରୁଦ୍ରାଭିଷେକ ଛାଡ଼ି ବୋଲ୍ ବମ ସଂସ୍କୃତିରେ ଏମିତି ପଶିଗଲାଣି ଯେ ଆମେ ସାବିତ୍ରୀ-ସତ୍ୟବାନ୍, ତଅପୋଇଙ୍କୁ ଭୁଲିଗଲୁଣି। ମଡର୍ନଟି ଆମ ମୁଣ୍ଡଟିକୁ ଖାଇଗଲାଣି। ପିତୃଶ୍ରାଦ୍ଧ ବେଳେ ଲୋକେ ନିଜ ଜେଜେବାପା ଜେଜେମାଆଙ୍କ ନା ଆଉ ମନେ ପକେଇ ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ମନେରଖିବାର ଆବଶ୍ୟକତା ବୋଧେ ନାହିଁ। ଏ ଟ୍ରେଣ୍ଡ ଦେଖିଲେ ଭୟ ଲାଗୁଚି ଆମେ କୋଉଦିନ ଜଗନ୍ନାଥଙ୍କୁ ଭୁଲିଯାଉ, ଆଉ କୋଉ ଇମ୍ପୋର୍ଟେଡ ଠାକୁରଙ୍କୁ ଆଣି ସେ ସ୍ଥାନରେ ବସେଇବାର ଭୁଲ୍ କରିବାନି ତ! ଆମ ପରପିଢ଼ିକୁ ଈଶ୍ୱର ଏ ସଦ୍‌ବୁଦ୍ଧି ଦିଅନ୍ତୁ, ଆଉ ବେଶି ସଦ୍‌ବୁଦ୍ଧି ଦିଅନ୍ତୁ ଆମ ତଥାକଥିତ ଛଦ୍ମ ଉଦାରବାଦୀ ମୁରବିମାନଙ୍କୁ!

ମୋ: ୯୪୩୭୨୮୬୫୧୨
ମେଲ: ranjank.das.rkd@gmail.com

# ଧର୍ମ - ରିଲିଜିଅନ୍



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ସାଧାରଣତଃ ଆମେ ଇଂରାଜୀ 'ରିଲିଜିଅନ୍' ଶବ୍ଦକୁ 'ଧର୍ମ' ଶବ୍ଦର ପ୍ରତିଶବ୍ଦ ବୋଲି ବିଚାର କରିଥାଉ।

ଏହା କିନ୍ତୁ ଶବ୍ଦର ଧାତୁଗତ ଅର୍ଥ ତଥା ବାସ୍ତବ ତାତ୍ପର୍ଯ୍ୟ ଦୃଷ୍ଟିରୁ ପ୍ରମାଦପୂର୍ଣ୍ଣ ବୋଲି ମନେହୁଏ। ଧର୍ମ କଥାଟି ଆସିଛି ସଂସ୍କୃତର 'ଧୃ' ଧାତୁରୁ ଯାହାର ଅର୍ଥ ଧାରଣ କରିବା। ଯେକୌଣସି ବସ୍ତୁକୁ ତାହାର ସମସ୍ତ ବୈଶିଷ୍ଟ୍ୟ ସହିତ ଯେଉଁ ତତ୍ତ୍ୱ ଧାରଣ କରିଥାଏ ତାହା ହିଁ ତା'ର ଧର୍ମ। ଯେପରି କି ୦°-୧୦୦° ଡିଗ୍ରୀ ତାପମାତ୍ରା ମଧ୍ୟରେ ଦୁଇଟି ହାଡ୍ରୋଜେନ୍ କଣିକା ଓ ଗୋଟିଏ ଅକ୍ସିଜେନ୍ କଣିକାର ମିଶ୍ରଣ ଘଟିଲେ ଜଳର ସୃଷ୍ଟିହୁଏ। ଏହାର ସାମାନ୍ୟ ବ୍ୟତିକ୍ରମ ହେଲେ, ଜଳ ଆଉ ଜଳ ହୋଇ ରହିବ ନାହିଁ। ତେଣୁ ଏହି ତତ୍ତ୍ୱକୁ ହିଁ ଜଳର ଧାରକ ବା ଧର୍ମ କୁହାଯାଇପାରେ। ସତ୍ୟାନୁସରଣରେ କୁହାଯାଇଛି- ଧର୍ମକୁ ଜାଣିବା ମାନେ ହିଁ ବିଷୟର ମୂଳ କାରଣକୁ ଜାଣିବା, ଆଉ ସେହି ଜାଣିବା ହିଁ ଜ୍ଞାନ। ଏହି ଦୃଷ୍ଟିରୁ ବିଚାର କଲେ ମାନବଧର୍ମ ଯାହାକୁ ଆମେ ସାଧାରଣତଃ ଧର୍ମ ବୋଲି କହିଥାଉ, ତାହାର ତାତ୍ପର୍ଯ୍ୟ ହେଲା- ଯେଉଁ ସମସ୍ତ ଆଚାର-ଆଚରଣ, ଖାଦ୍ୟ-ପାନୀୟ, ଦେହ-ମନର ବୈଶିଷ୍ଟ୍ୟ ମଣିଷକୁ ମଣିଷ କରି ରଖିଛି ତାହା ହିଁ ମାନବ ଧର୍ମ। ସେହିପରି ସ୍ନେହ, ପ୍ରୀତି, ଦୟା, କ୍ଷମା, ପାରସ୍ପରିକତା, ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ବାକ୍‌ଶକ୍ତି, ଉଦ୍ଭାବନ-କ୍ଷମତା ଇତ୍ୟାଦି ଗୁଣ ମଣିଷକୁ ପଶୁଠାରୁ ଭିନ୍ନ ଅର୍ଥାତ୍ ମାନବୀୟ ବୈଶିଷ୍ଟ୍ୟ ପ୍ରଦାନ କରିଛି। ଏଣୁ ମାନବ ଧର୍ମ କୌଣସି ଗୋଷ୍ଠୀ ବା ସମ୍ପ୍ରଦାୟ-ସାପେକ୍ଷ ନୁହେଁ, ଏହା ସମସ୍ତଙ୍କ ପାଇଁ ସମାନ। ଏହାର ପାଳନ ଯେତେ ଉନ୍ନତ ସେ ବ୍ୟକ୍ତି ମଣିଷ ହିସାବରେ ସେତେ ଉନ୍ନତ।

ଅପରପକ୍ଷରେ ଇଂରାଜୀର ରିଲିଜିଅନ୍ ଶବ୍ଦ ଆସିଛି, ଦୁଇଟି ଲାଟିନ୍ ଶବ୍ଦ 'ରି' (ପୁନଃ) ଏବଂ 'ଲିଗେୟାର' (ନିବନ୍ଧନ)ର ସମ୍ମିଶ୍ରଣରେ, ଯାହାର ଅର୍ଥ ହେଲା, ପୁନଃ ନିର୍ବନ୍ଧନ ଅର୍ଥାତ୍ ଯେଉଁ ଉତ୍ସ ପୁରୁଷଙ୍କଠାରୁ ଆମର ଜୀବନ ନିସୃତ ହୋଇଛି। (ଯାହାଙ୍କୁ ଈଶ୍ୱର, ଆଲ୍ଲା ବା ଗଡ୍ କୁହାଯାଏ) ତାଙ୍କ ସହିତ ପୁନଃ ନିବନ୍ଧିତ ହେବା। ବିଶ୍ୱାସ, ନିଷ୍ଠା, ଶ୍ରଦ୍ଧା, ଭକ୍ତି, ପୂଜା, ଅର୍ଚ୍ଚନା, ଧ୍ୟାନ, ଧାରଣା, ପଠନ-ପାଠନ ଇତ୍ୟାଦିକୁ ଅବଲମ୍ବନ କରି ଯେଉଁ ସମସ୍ତ ଉପାସନା ପଦ୍ଧତି ଅନୁସୃତ ହୁଏ ତାହାକୁ ହିଁ ରିଲିଜିଅନ୍ କହନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଆବିର୍ଭୂତ ମହାପୁରୁଷଙ୍କ ପ୍ରଦତ୍ତ ଉପାସନା ପଦ୍ଧତିକୁ କେନ୍ଦ୍ରକରି ବିଭିନ୍ନ ସମ୍ପ୍ରଦାୟ, ଯଥା- ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟିଆନ ଇତ୍ୟାଦି ସୃଷ୍ଟି ହୋଇଛି। ତେଣୁ ସମ୍ପ୍ରଦାୟ ଭେଦରେ ରିଲିଜିଅନ୍ ବହୁ ହେଲେ ମଧ ଧର୍ମ କିନ୍ତୁ ଏକ ଏବଂ ସାର୍ବଜନୀନ ହୋଇଥାଏ। ଉଦାହରଣସ୍ୱରୂପ- ସୁଖାଦ୍ୟ ଗ୍ରହଣ କଲେ ଜଣେ ହିନ୍ଦୁର ଜୀବନ ସୁରକ୍ଷିତ ରହେ ଏବଂ ବିଷ ଭକ୍ଷଣ କଲେ ଜୀବନ ବିପନ୍ନ ହୁଏ। ଅନୁରୂପ ଭାବରେ ଜଣେ ମୁସଲମାନ ବା ଖ୍ରୀଷ୍ଟିଆନ କ୍ଷେତ୍ରରେ ମଧ ସେହି ପରିଣତି ହୋଇଥାଏ। ସେହିପରି ଦୟା, କ୍ଷମା ଇତ୍ୟାଦି ଗୁଣର ଆଚରଣରେ ଯେକୌଣସି ସମ୍ପ୍ରଦାୟର ଲୋକଙ୍କ ଜୀବନ ଉନ୍ନତ ହୁଏ ଏବଂ ହିଂସା, ଦ୍ୱେଷ, ନିଷ୍ଠୁରତା ଇତ୍ୟାଦିର ଆଚରଣରେ ସମସ୍ତଙ୍କ ଜୀବନ ନିମ୍ନଗାମୀ ହୋଇଥାଏ।



ତା'ଛଡ଼ା ରିଲିଜିଅନ୍ ମୁଖ୍ୟତଃ ମଣିଷର ଆଧ୍ୟାତ୍ମିକ ଜୀବନ ସହିତ ସଂଶ୍ଳିଷ୍ଟ ହୋଇଥିବା ବେଳେ ଧର୍ମ ତାହାର ସାମଗ୍ରିକ ଜୀବନ, ଅର୍ଥାତ୍ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଜୀବନକୁ ଧରିରଖେ ଏବଂ ଉନ୍ନତି ପଥରେ ପରିଚାଳିତ କରେ। ସେହି ଦୃଷ୍ଟିରୁ ଧର୍ମକୁ ସେକ୍ୟୁଲାର(ସମ୍ପ୍ରଦାୟ ନିରପେକ୍ଷ) ଏବଂ ରିଲିଜିଅନ୍‌କୁ କମ୍ୟୁନାଲ୍ (ସାମ୍ପ୍ରଦାୟିକ) କହିବା ଉଚିତ ହେବ।

ଗଣତନ୍ତ୍ର ରାଷ୍ଟ୍ରକୁ ସେକ୍ୟୁଲାର ବା ସମ୍ପ୍ରଦାୟ ନିରପେକ୍ଷ ରାଷ୍ଟ୍ର କୁହଯାଏ। ରାଷ୍ଟ୍ରର ଧର୍ମ ହେଲା ତାହାର ସମ୍ବିଧାନ, ଯାହା ଉପରେ ରାଷ୍ଟ୍ର ତିଷ୍ଠି ରହିଥାଏ। ଆମ ସମ୍ବିଧାନରେ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ସତ୍ ଭାବରେ ବଞ୍ଚିବାର ଏବଂ ଉନ୍ନତି କରିବାର ମୌଳିକ ଅଧିକାରକୁ ନିଶ୍ଚିତ କରାଯାଇଛି। ତେଣୁ ଆମର ରାଷ୍ଟ୍ର ସମ୍ପ୍ରଦାୟ ନିରପେକ୍ଷ ହୋଇ ମଧ ସାର୍ବଜନୀନ ମାନବ ଧର୍ମର ରକ୍ଷକ, ଅର୍ଥାତ୍ ଏକ ଧର୍ମସାପେକ୍ଷ ରାଷ୍ଟ୍ର।

ଅତୀତରେ ଭାରତବର୍ଷରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ, ଜୈନ ଭଳି ଅନେକ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ ସାଧାରଣ ମାନବ ଧର୍ମର ବିଧିବିଧାନଗୁଡ଼ିକ ସମସ୍ତେ ନିଜର ତଥା ପରିବେଶର ମଙ୍ଗଳ ନିମନ୍ତେ ନିଷ୍ଠାର ସହିତ ପାଳନ କରୁଥିଲେ। କେହି କାହାରି ସାମ୍ପ୍ରଦାୟିକ ମର୍ଯ୍ୟାଦା ଉପରେ ହସ୍ତକ୍ଷେପ କରୁ ନ ଥିଲେ। ଏଣୁ ସମାଜରେ ପ୍ରୀତି ସଂହତିର ଅଭାବ ନ ଥିଲା। ଧର୍ମ ହିଁ ନିଶ୍ଚିତ କରିଥିଲା ବିଭିନ୍ନତା ମଧ୍ୟରେ ଏକତ୍ୱର ଆଦର୍ଶ, ଯାହା ଭାରତବର୍ଷର ମହାନ୍ ଐତିହ୍ୟ ହୋଇ ଆସିଛି।

ସର୍ବପ୍ରଥମେ ବ୍ରିଟିଶ ଶାସକ ଗୋଷ୍ଠୀ ଧର୍ମ ଏବଂ ରିଲିଜିଅନ୍‌କୁ ଏକାର୍ଥବୋଧକ ବୋଲି ଶିକ୍ଷା ଦେଲେ ଏବଂ ଧର୍ମର ଉଦାର, ସାର୍ବଜନୀନ ରୂପକୁ ବିକୃତ କରି ସାମ୍ପ୍ରଦାୟିକତା ସହିତ ଏକାକାର କରିଦେଲେ। ଶାସନର ସ୍ୱାର୍ଥ ଦୃଷ୍ଟିରୁ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଏବଂ ବିଭେଦର ବୀଜ ରୋପଣ କରିଲେ। ଫଳରେ ଲୋକଙ୍କର ସାର୍ବଜନୀନ ଧର୍ମ ଜୀବନ ରସାତଳଗାମୀ ହେଲା, ଯାହାର ପରିଣାମ ହେଲା ଦେଶ ବିଭାଜନ ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ, ଯାହା ଆଜି ଦେଶବାସୀଙ୍କୁ ଭୋଗିବାକୁ ପଡୁଛି। ତେଣୁ ଦେଶ ଏବଂ ଜାତିର ମଙ୍ଗଳ ନିମନ୍ତେ ଧର୍ମକୁ ରିଲିଜିଅନ୍ ବା ସାମ୍ପ୍ରଦାୟିକତାଠାରୁ ମୁକ୍ତ କରିବାକୁ ପଡ଼ିବ ଏବଂ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକଙ୍କ ଧର୍ମ ଜୀବନକୁ ଉନ୍ନତ କରିବାକୁ ପଡ଼ିବ। କେବଳ ପଠନ-ପାଠନ, ପୂଜା-ଅନୁଷ୍ଠାନ ମଧ୍ୟରେ ଧର୍ମକୁ ସୀମିତ ନ ରଖି ଲୋକଙ୍କ ବାସ୍ତବ କର୍ମ ଜୀବନରେ ଧର୍ମର ବିଧି ବିଧାନକୁ ଆଚାର-ଆଚରଣ ମାଧ୍ୟମରେ ଫଳପ୍ରସୂ କରିବାର ପ୍ରୟାସ କରିବାକୁ ପଡ଼ିବ। ଧର୍ମକୁ ଜୀବନରେ ବାସ୍ତବାୟିତ କରିବାକୁ ହେଲେ ଏଭଳି ଜଣେ ବ୍ୟକ୍ତିଙ୍କୁ ଶ୍ରଦ୍ଧାର ସହିତ ଜୀବନରେ ଅନୁସରଣ କରିବାକୁ ହେବ, ଯିଏ ଧର୍ମର ବିଧିବିଧାନଗୁଡ଼ିକୁ ନିଜ ଜୀବନରେ ବାସ୍ତବାୟିତ କରିପାରିଛନ୍ତି। ତାଙ୍କୁ ହିଁ କହନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ ବା ଗୁରୁ। ତେଣୁ ପ୍ରାଚୀନ କାଳରୁ ଗୁରୁକୈନ୍ଦ୍ରିକ ଜୀବନ ଭାରତୀୟ ସଂସ୍କୃତିର ମାନଦଣ୍ଡ ହୋଇ ଆସିଛି। ଆଜିର ଧ୍ୱଂସମୁଖୀ ସମାଜକୁ ବଞ୍ଚିବାକୁ ହେଲେ, ସେହି ପଥକୁ ଫେରିବାକୁ ପଡ଼ିବ।

ମୋ-୯୪୩୭୨୮୭୯୬୪

## ଏଇ ଭାରତରେ

ସାଫ୍ରୋନକୁ ରେଡ୍ ଗୋଲ୍ଡ କୁହାଯାଏ। ଏହାର ମୂଲ୍ୟ ଅଧିକ। ଏହା ମୁଖ୍ୟତଃ କଶ୍ମୀର ମାଟିରେ ଅଧିକ ଚାଷ ହୋଇଥାଏ। ତେବେ ଘର ଭିତରେ ସାଫ୍ରୋନ ଚାଷ କରିବା କଷ୍ଟକର ହୋଇଥିଲେ ମଧ ଗୁଜରାଟର ଦୁଇ ଇଞ୍ଜିନିୟର ଏଥିରେ ସଫଳ ହୋଇଛନ୍ତି। ସୁଭାଷ କାନେଟିୟା ଓ ଅଶିଷ ବାଭାଲିୟା ଇଞ୍ଜିନିୟରିଂ ପଢ଼ିବା ପରେ ଘର ଭିତରେ ସାଫ୍ରୋନ ଚାଷ କରିବାକୁ ଯୋଜନା କରିଥିଲେ। ସୁଭାଷ ବାୟୋଟେକ୍ନୋଲୋଜି ଓ କୃଷିରେ ଏବଂ ଆଶିଷ କୃଷି ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ୟୁଟ୍ୟୁବ୍‌ରୁ ଏହି ଚାଷ ସମ୍ପର୍କିତ କୌଶଳ ଓ ଜ୍ଞାନ ହାସଲ କରିବା ପରେ ଏ ସମ୍ପର୍କରେ ଗବେଷଣା କରିଥିଲେ। ପ୍ରଥମେ ୨୦୨୨ରେ ଏହି ଚାଷ ଆରମ୍ଭ କରିଥିଲେ ଏବଂ ଆମରେଲିରେ ଥିବା ଆଶିଷଙ୍କ ଫାର୍ମରେ ୫୦ ବର୍ଗଫୁଟ ଜାଗାରେ ଏହା କରାଯାଇଥିଲା। ଏବେ ୨୧୬ ବର୍ଗଫୁଟ ଜାଗାରେ ଚାଷ କରାଯାଉଛି। ସେମାନେ ଏହି ଚାଷରୁ ଉତ୍ପାଦିତ ସାଫ୍ରୋନ କେଜି ପ୍ରତି ୯ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ସେମାନେ ୨୦୨୩ରେ ହାଇଟେକ୍ ଏଗ୍ରିବାୟୋଟେକ୍ କମ୍ପାନୀ ପ୍ରତିଷ୍ଠା କରି ଘରଭିତରେ ସାଫ୍ରୋନ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୭୬

- ପ୍ରବଳ ଘୂର୍ଣ୍ଣିଝଡ଼ ଫଳରେ ବାଂଲାଦେଶର ୩ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିବା ସଙ୍ଗେ ସଙ୍ଗେ ଅନ୍ୟୁନ ୫୦ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଆଲାହାବାଦଠାରେ ଅନୁଷ୍ଠିତ ଏକ ପୁନର୍ମିଳନ ଉତ୍ସବରେ ସଂଗଠନ କଂଗ୍ରେସର ୭ ହଜାର କର୍ମୀଙ୍କ ସହ ବହୁ ପ୍ରବୀଣ ନେତା କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି।
- ଗୁଜରାଟରେ ପୂର୍ବତନ ଜନତା ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ସଦସ୍ୟ ଥିବା ହରିଜନ ନେତା ଶ୍ରୀ କର୍ଷନ ଦାସ ସୋନେରୀଙ୍କ କଂଗ୍ରେସ ଦଳରେ ଯୋଗଦାନ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | | | | | 7 | |
| | | 8 | | | | 2 | 9 | |
| 7 | | | | 8 | | | 5 | 4 |
| 8 | | | | 5 | | | | |
| | | 9 | | | | 4 | | |
| 2 | | | | | 3 | | | 9 |
| | | | | 6 | 2 | 7 | 1 | |
| | | 1 | | | | | | |
| | | | | 7 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 8 | 4 | 1 | 5 | 3 | 9 |
| 5 | 8 | 9 | 2 | 3 | 6 | 1 | 7 | 4 |
| 4 | 3 | 1 | 9 | 7 | 5 | 2 | 6 | 8 |
| 7 | 4 | 8 | 3 | 2 | 9 | 6 | 5 | 1 |
| 9 | 5 | 2 | 6 | 1 | 4 | 7 | 8 | 3 |
| 6 | 1 | 3 | 5 | 8 | 7 | 4 | 9 | 2 |
| 3 | 6 | 7 | 1 | 9 | 2 | 8 | 4 | 5 |
| 8 | 2 | 5 | 4 | 6 | 3 | 9 | 1 | 7 |
| 1 | 9 | 4 | 7 | 5 | 8 | 3 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢୁ

ମହାଶୟ,

ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁ ଦିନ ଲାଗିଯାଉଛି। ଅଯଥା ସମୟ ନିଆଯାଉଛି। ଏପରିକି ଏମ୍‌ଆରଆଇ, ସିଟିସ୍କାନ୍ ଏବଂ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏପରି ଭିଡ଼ରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ। ଏ କ୍ଷେତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବହୁ ଦୂରରୁ ଆସୁଥିବା ରୋଗୀମାନେ ନିରାଶ ଓ ହନ୍ତସନ୍ତ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଯନ୍ତ୍ରଣା ପାଉଛନ୍ତି। ସେହିପରି ପରୀକ୍ଷା ସମ୍ପର୍କିତ ରିପୋର୍ଟ ମିଳିବା ବିଳମ୍ବ ହେଉଛି। ତୁରନ୍ତ ଅଧିକ ସଂଖ୍ୟାରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ସମସ୍ୟାର ସମାଧାନ କରାଯାଉ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମୃଦ୍ଧ ଓଡ଼ିଶାକୁ ସାକାର କରିବ ଆୟୁଷ୍ମାନ ଭାରତ



ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, ସଂସଦୀୟ ବ୍ୟାପାର ବିଭାଗ, ଓଡ଼ିଶା ସରକାର

"ଆରୋଗ୍ୟମ୍ ପରମଂ ଭାଗ୍ୟଂ ସ୍ୱାସ୍ଥ୍ୟଂ ସର୍ବାର୍ଥସାଧନମ୍" ଆମ ଶାସ୍ତ୍ର କୁହେ, ସୁସ୍ଥ ରହିବା ହେଉଛି ପରମ ସୌଭାଗ୍ୟ। ସୁସ୍ଥ ବ୍ୟକ୍ତି ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ। ସୁସ୍ଥ ମଣିଷରୁ ସମୃଦ୍ଧ ସମାଜର ପରିକଳ୍ପନା କରାଯାଇପାରିବ, ତେଣୁ ବିକଶିତ ରାଷ୍ଟ୍ର ହେବା ଅଭିମୁଖେ ଅଗ୍ରସର ହେଉଥିବା ଆମ ଦେଶର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତାକୁ ଅନୁଭବକରି ସ୍ୱାଧୀନତାର ଅମୃତ କାଳଖଣ୍ଡରେ ୨୦୪୭ ସୁଦ୍ଧା ବିଶ୍ୱ ଦରବାର ଆଗରେ ବିକଶିତ ଭାରତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ, ଅଦ୍ୱିତୀୟ ଜନନାୟକ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୂରଦୃଷ୍ଟିସମ୍ପନ୍ନ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଅପାର ସମ୍ଭାବନାଯୁକ୍ତ ଆମ ଓଡ଼ିଶାରେ ଇତିମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ହେବାପରେ ରାଜ୍ୟ ପ୍ରତିଷ୍ଠାର ଶତାବ୍ଦୀ ବର୍ଷ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ କରିବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନୂଆମୋଡ଼ ଆଣିଛନ୍ତି। ଆମ ସଙ୍କଳ୍ପପତ୍ର ଅନୁସାରେ ସାଧାରଣ ଜନତାର ସଞ୍ଜୀବନୀ ସ୍ୱରୂପ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ରାଜ୍ୟରେ ଏକ ସାଙ୍ଗରେ ଲାଗୁହୋଇଛି। ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶାର କଳ୍ପନା ସମ୍ଭବ। ତେଣୁ ସମୃଦ୍ଧତାର ସ୍ୱପ୍ନ ଦେଖୁଥିବା ଓଡ଼ିଶା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି ଯୋଜନା ମାଧ୍ୟମରେ ଆମ ସରକାର ପ୍ରତ୍ୟେକଟି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ।

ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର ୧.୩ କୋଟି ପରିବାରର ସାଢ଼େ ୩ କୋଟିରୁ ଅଧିକ ଲୋକ ଉପକୃତ ହେବେ। ଦେଶସାରା ଯେଉଁଠି ଥିଲେ ମଧ ପ୍ରାୟ ୨୯ ହଜାର ହସ୍ପିଟାଲରେ ଏହାର ସୁବିଧା ମିଳିବ। ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ସହ ପରିବାର ପିଛା ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ଲାଗି ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର। ବରିଷ୍ଠ ନାଗରିକମାନଙ୍କ ପାଇଁ ଚିନ୍ତାଶୀଳ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କୁ ଏହି ଯୋଜନାରେ ପରିବାର ପିଛା ଅତିରିକ୍ତ ୫ ଲକ୍ଷ ଦେୟମୁକ୍ତ ସୁବିଧା ମିଳିବ। ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ଆରମ୍ଭକରି ଆୟକରଦାତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୧୭,୩୨,୫୬୯ ପରିବାରର ୨୩,୧୨,୯୭୯ ଲୋକ ଲାଭବାନ୍ ହେବେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ, ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ, ନବୀନ କାର୍ଡ ମାଧ୍ୟମରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ସମସ୍ତ ଲୋକଙ୍କ ସହ ଆଉ ଅତିରିକ୍ତ ୬ଲକ୍ଷ ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ। ଆର୍ଥିକ ସମସ୍ୟା ପାଇଁ ସାଧାରଣ ଜନତା ହସ୍ପିଟାଲରୁ ଫେରିଆସି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ ନାହିଁ। ସ୍ୱାସ୍ଥ୍ୟ ସେବା ପାଇଁ ଅର୍ଥ ବାଧକ ହେବ ନାହିଁ, ସମାଜ ଶେଷ ସ୍ତରରେ ଥିବା ବ୍ୟକ୍ତି ପାଖରେ ଆୟୁଷ୍ମାନ ଭାରତ ଯୋଜନା ପହଞ୍ଚାଇବା ଲାଗି ଆମେ ବଦ୍ଧପରିକର।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନାର କାର୍ଡ ବଣ୍ଟନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜନସେବା କେନ୍ଦ୍ର ଓ ୪୮,୦୦୦ ଆଶାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋଟିଏ ବ୍ୟକ୍ତି ଗୋଟିଏ କାର୍ଡ ଆଧାରରେ ଆଶାକର୍ମୀମାନେ ଘରକୁ ଘର ଯାଇ ଇ-କେୱାଇସି ମାଧ୍ୟମରେ କାର୍ଡ ବଣ୍ଟନ କରିବେ। ଏହା ସାରା ଦେଶର ଅନୁବନ୍ଧିତ ହସ୍ପିଟାଲ ପାଇଁ କାର୍ଯ୍ୟ କରିବ, ଯାହା ଦ୍ୱାରା ରାଜ୍ୟ ବାହାରେ ଥିବା ଲୋକଙ୍କ ଲାଗି ଚିକିତ୍ସା ସୁବିଧା ପାଇବାରେ ଅସୁବିଧା ହିଁ ନାହିଁ। କୌଣସି କାରଣବଶତଃ କାହା ପାଖରେ କାର୍ଡ ନ ଥିଲେ ନିଜର ଆଧାର କାର୍ଡ ଦେଖାଇ ସ୍ୱାସ୍ଥ୍ୟସେବା ପାଇପାରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଏସ୍‌ଓପି ମଧ ଜାରି ହୋଇଛି। ଏହାକୁ ଆଧାରକରି ଅନୁବନ୍ଧିତ ହସ୍ପିଟାଲଗୁଡ଼ିକ ଚିକିତ୍ସା ପ୍ରଦାନ କରିବେ। ଏହି ଚିକିତ୍ସା ସୁବିଧା ପାଇଁ ପ୍ରସ୍ତୁତ ହୋଇଥିବା ନୂଆ ଆଇଟି ପ୍ଲାଟଫର୍ମରେ ଯଦି କିଛି ସମସ୍ୟା ଉପୁଜିଲା, ଏହାକୁ ବାହାନା କରି କୌଣସି ହିତାଧିକାରୀ ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଆମ ସରକାର ଗୁରୁତ୍ୱ ଦେଇଛନ୍ତି। ଏହା ସର୍ବଭାରତୀୟ ଆଇଟି ପ୍ଲାଟ୍‌ଫର୍ମରେ ମଧ ଅନ୍‌ବୋର୍ଡ ରହିଛି। ସମସ୍ତେ ନୂଆ ସ୍ୱାସ୍ଥ୍ୟ କାର୍ଡ ପାଇବା ପୂର୍ବରୁ ଯଦି କାହାର କୌଣସି ଅସୁବିଧା ହେଲା ଆଧାର କାର୍ଡ ମାଧ୍ୟମରେ ନିର୍ଦ୍ୱନ୍ଦ୍ୱରେ ଚିକିତ୍ସା ପାଇପାରିବେ। ଆଗାମୀ ତିନି ମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ପାଖକୁ କାର୍ଡ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ସଙ୍କଳ୍ପବଦ୍ଧ।

ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ନେତୃତ୍ୱରେ ଆର୍ଥିକ ଦୁର୍ବଳ ଥିବା ଲୋକଙ୍କୁ ଆର୍ଥିକ ନିରାପତ୍ତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଲକ୍ଷ୍ୟକୁ ସରକାରଙ୍କ ଦ୍ୱାରା ୨୦୧୮ ମସିହା ସେପ୍ଟେମ୍ବର ମାସରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଥିଲା। ନିଜସ୍ୱ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଗରିବ ଲୋକଙ୍କୁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବିଗତ ସରକାର ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ରାଜ୍ୟରେ ଆୟୁଷ୍ମାନ ଯୋଜନା ଜାଣିଶୁଣି ଲାଗୁ କରି ନ ଥିଲେ। ତେବେ ଏହା ପଛରେ ତାଙ୍କର ମନ୍ଦ ଉଦ୍ଦେଶ୍ୟ ଥିଲା। କାଳେ ନିଜର ଭୋଟ ବ୍ୟାଙ୍କ୍ କମିଯିବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକେ ସବୁ ଶ୍ରେୟ ଦେଇଦେବେ, ସେଇ ଭୟ ଗତ ସରକାରଙ୍କୁ ଘାରିଥିଲା। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନ ହେବା ଯୋଗୁ ଗତ ୫ ବର୍ଷରେ ରାଜ୍ୟ ୩ ହଜାର କୋଟି କ୍ଷତି ସହିବା ଘଟଣା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପ୍ରତି ପୂର୍ବ ସରକାରଙ୍କ ହୀନ ମାନବିକତାର ପରିଚୟ। ତେବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡବଲ ଇଞ୍ଜିନ ସରକାରର ମଙ୍ଗ ଧରିବା ପରେ ଧରାଶାୟୀ ହୋଇପଡ଼ିଥିବା ସ୍ୱାସ୍ଥ୍ୟାବସ୍ଥାର ବିକଳ ଚିତ୍ର ସଜାଡ଼ିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗତ ସରକାର ଯାହା କରିପାରି ନ ଥିଲା ୧୦ ମାସରେ ଆମ ସରକାର ତାହା କରି ଦେଖେଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ ଗତ ଏପ୍ରିଲ ୧୧ ତାରିଖରେ ରାଜ୍ୟର ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହେବା ଫଳରେ ଓଡ଼ିଶାବାସୀଙ୍କ ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇଛି। ଆୟୁଷ୍ମାନ କାର୍ଡ ଅଧୀନରେ କ୍ୟାନ୍‌ସର, ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ ପରି ଗୁରୁତର ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ଦ୍ୱାରା ରୋଗୀମାନେ ବିନା ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ପାଇପାରିବେ। ଏହି କାର୍ଡ ମାଧ୍ୟମରେ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇପାରିବ। ଏହା ବ୍ୟତୀତ, ଔଷଧ, ଡାଇଗ୍ନୋଷ୍ଟିକ ଓ ଅନ୍ୟାନ୍ୟ ସେବା ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆୟୁଷ୍ମାନ ଭାରତ ଆସ୍ୟୁରାନ୍ସ ଅଟେ। ପୂର୍ବ ଯୋଜନାରେ ଗୋଟିଏ ପରିବାରକୁ ଗୋଟିଏ କାର୍ଡ ମିଳୁଥିଲା କିନ୍ତୁ ଏବେ ଜଣେ ବ୍ୟକ୍ତି ଗୋଟିଏ କାର୍ଡ ପାଇବେ, ଯାହା ଫଳରେ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ଦେଶର ବିଭିନ୍ନ ସ୍ଥାନରେ ଏକ ସାଙ୍ଗରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବ ସରକାରର ଯୋଜନା କେବଳ ରାଜ୍ୟ ଓ ରାଜ୍ୟ ବାହାରେ ହାତଗଣତି ସର୍ବମୋଟ ୯୦୦ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା ବେଳେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ କଶ୍ମୀରରୁ କନ୍ୟାକୁମାରୀ ଦେଶର ସମସ୍ତ ସ୍ଥାନରେ ୨୯,୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତ ସାସ୍ଥ୍ୟସେବା ଯୋଜନା ହୋଇଥିବାରୁ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାରେ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

"ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା"କୁ ଆଧାରକରି ମାଲକାନଗିରିରୁ ମୟୂରଭଞ୍ଜ, କେନ୍ଦ୍ରାପଡ଼ାରୁ ନୂଆପଡ଼ା ସମସ୍ତ ରାଜ୍ୟବାସୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବାକୁ ଆମେ ଉଦ୍ୟମରତ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମାଧ୍ୟମରେ ସମସ୍ତଙ୍କର ସୁସ୍ଥ ଓ ସୁଖଦ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବର୍ତ୍ତମାନ ବ୍ୟବସ୍ଥା ନିର୍ମାଣ ଚାଲିଛି। ସୁସ୍ଥତାରୁ ସମୃଦ୍ଧତା ଦୃଷ୍ଟିକୋଣକୁ ପାଥେୟକରି ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶା ଗଠନ ପରିକଳ୍ପନାର ସାକାର ହୋଇପାରିବ, ତେଣୁ ସମସ୍ତଙ୍କର ସୁଖୀ ଓ ରୋଗମୁକ୍ତ ଜୀବନ କାମନା ପାଇଁ ଆମ ସରକାର କାର୍ଯ୍ୟରତ।

## ପ୍ରଥମ ପୃଷ୍ଠାରୁ

### ରାଜ୍ୟପାଳ ଅଲୋଡ଼ା...

ଆନିମଲ୍ ସାଇନ୍ସେସ୍ ୟୁନିଭର୍ସିଟି (ଆମେଣ୍ଡମେଣ୍ଟ) ଆକ୍ଟ ଏବଂ ତାମିଲନାଡୁ ୟୁନିଭର୍ସିଟିଜ୍ ଲଜ୍ (ସେକେଣ୍ଡ ଆମେଣ୍ଡମେଣ୍ଟ) ଆକ୍ଟ-୨୦୨୨। ନବପ୍ରଣୀତ ଆଇନ ବଳରେ ତାମିଲନାଡୁ ସରକାର ରାଜ୍ୟର ୧୮ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରିପାରିବେ। ପୂର୍ବରୁ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଥିବା ରାଜ୍ୟପାଳଙ୍କ ହାତରେ ଏହି ନିଯୁକ୍ତି କ୍ଷମତା ରହିଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ରାଜ୍ୟପାଳ ରବି ମୁହାଁମୁହିଁ ହୋଇଥିଲେ। ତେବେ ଗତ ମଙ୍ଗଳବାର ସୁପ୍ରିମକୋର୍ଟ ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରି ଏଗୁଡ଼ିକ ଆଇନରେ ପରିଣତ ହେବ ବୋଲି ସ୍ପଷ୍ଟ ରାୟ ଦେବା ପରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏହାକୁ ଏକ ଐତିହାସିକ ନିଷ୍ପତ୍ତି ଭାବେ ଅଭିହିତ କରିଥିଲେ। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଭାରତର ସମସ୍ତ ରାଜ୍ୟ ସରକାରଙ୍କ ବିଜୟ ବୋଲି ଷ୍ଟାଲିନ୍ କହିଥିଲେ। ଏକ ବିଧେୟକ ବିଧାନସଭାରେ ଦ୍ୱିତୀୟ ଥର ପାଇଁ ପାରିତ ହେଲେ ରାଜ୍ୟପାଳ ତାକୁ ଅନୁମୋଦନ କରିବାକୁ ବାଧ ବୋଲି ସାମ୍ବିଧାନିକ ନିୟମ ରହିଥିବା ସତ୍ତ୍ୱେ ରାଜ୍ୟପାଳ ଜାଣିଶୁଣି ବିଳମ୍ବ କରିଚାଲିଥିଲେ ବୋଲି ଷ୍ଟାଲିନ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ସମାଲୋଚନା କରିଥିଲେ। ଶନିବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ତଥା ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆଇନଜୀବୀ ପି. ୱିଲ୍‌ସନ କହିଛନ୍ତି, ଭାରତର ପ୍ରଥମ ଥର ପାଇଁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ସ୍ୱାକ୍ଷରରେ ଆଇନ ପରିଣତ ହୋଇ ଇତିହାସ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ବଳରେ ଏହା ସମ୍ଭବ ହୋଇଛି ବୋଲି ୱିଲ୍‌ସନ ଟୁଇଟ୍ କରିଛନ୍ତି।

### ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ...

ବିଧେୟକକୁ ରାଷ୍ଟ୍ରପତି ଗ୍ରହଣ କରିବା ଦିନଠାରୁ ୩ ମାସ ଭିତରେ ତା' ଉପରେ ସମ୍ମତି ଦେବେ ବୋଲି ଆମେ ସମୟସୀମା ସ୍ଥିର କରୁଛୁ। ରାଷ୍ଟ୍ରପତି ଏହି ଅବଧି ମଧ୍ୟରେ ବିଧେୟକ ଉପରେ ନିଷ୍ପତ୍ତି ନ ନେଲେ ତାଙ୍କୁ ବିଳମ୍ବ ହେବାର ଉପଯୁକ୍ତ କାରଣ ରେକର୍ଡରେ ଦର୍ଶାଇବାକୁ ପଡ଼ିବ। ଏପରି କି ରାଷ୍ଟ୍ରପତି ଏନେଇ ସମ୍ପୃକ୍ତ ରାଜ୍ୟକୁ ମଧ ଅବଗତ କରାଇବେ। ରାଜ୍ୟଗୁଡ଼ିକ ମଧ ସମନ୍ୱୟ ରକ୍ଷା ପୂର୍ବକ ସହଯୋଗୀ ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ତୁରନ୍ତ ଦେବେ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

### ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ...

କାର୍ଯ୍ୟକଳାପ ଏବଂ ନିଯୁକ୍ତି ସୃଷ୍ଟିରେ ପୋଷାକ ଶିଳ୍ପର ବଡ଼ ଭୂମିକା ରହିଥିବାବେଳେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପୋଷାକ ରପ୍ତାନିକାରୀ ବାଂଲାଦେଶ ଉପରେ ଆମେରିକା ୩୭ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ଲଗାଇଛି। ଏହା କାର୍ଯ୍ୟକାରୀ ହେଲେ ୨୦୨୯ ସୁଦ୍ଧା ଆମେରିକାକୁ ବାଂଲାଦେଶର ବାର୍ଷିକ ରପ୍ତାନି ୩.୩ ବିଲିୟନ ଡଲାର କ୍ଷତି ସହିପାରେ ବୋଲି ପାମେଲା କହିଛନ୍ତି।

### ଅହଂକାର ରଖନି, ...

ଭାଜପା କର୍ମୀ ଏବଂ ନେତାଙ୍କ ପରିଶ୍ରମ ଓ ଶୃଙ୍ଖଳା ସହ ଦେଶବାସୀଙ୍କ ଭରସା ଓ ଆଶୀର୍ବାଦ ଯୋଗୁ ୧୯ଟି ରାଜ୍ୟରେ ଏନ୍‌ଡିଏ ସରକାର ଅଛି। ଏହି ୧୯ଟି ରାଜ୍ୟରୁ ୧୩ଟି ରାଜ୍ୟରେ ଭାଜପାର ଏକାକୀ ସରକାର ରହିଛି। ବିଧାୟକ ଓ ସାଂସଦମାନେ ସବୁବେଳେ କିଛି ନୂଆ କଥା ଶିଖିବା ଉଚିତ୍। ଏହା ଦ୍ୱାରା ଦଳର ଉନ୍ନତି ହେବା ସହ ସଫଳତା ମିଳିପାରିବ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ନିଜ ବକ୍ତବ୍ୟରେ କହିଛନ୍ତି।

### ସୁଟ୍‌କେସ୍‌ରେ ଗର୍ଲଫ୍ରେଣ୍ଡ...

ମିଳିଥିଲା। ଏହା ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀ ଓ ଅନ୍ୟ ଛାତ୍ରମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଏବଂ ସୁରକ୍ଷା କର୍ମୀମାନେ ଏହି ଦୃଶ୍ୟର ଭିଡିଓ ରେକର୍ଡ କରିଥିଲେ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

### କକାଙ୍କ ମୁଣ୍ଡ ...

ସମ୍ପର୍କରେ କକା, ପୁତୁରା। ହରିଙ୍କ ଘର ପାଖରେ ଅଭିଯୁକ୍ତ କବି ଏକ ଜବରଦଖଲ ଜମିରେ ଘର କରିଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଶୁକ୍ରବାର ରାତିରେ ଗାଁରେ ଦଣ୍ଡନାଚ ଚାଲିଥିବା ବେଳେ କବି କାକାଙ୍କୁ କୌଣସି ବାହାନାରେ ବାହାରକୁ ଡାକି ଆଣି ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଇ କଟାମୁଣ୍ଡକୁ ଏକ ବ୍ୟାଗ୍‌ରେ ଧରି ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ସଦର ପୋଲିସ ଉକ୍ତ ଗ୍ରାମକୁ ଯାଇ ମୃତଦେହ ଜବତକରି ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଦନ୍ତ କରିଛି। ଅପରାଧ ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୧୭୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ କହିଛନ୍ତି, ଏକ ଜମି ଉପରେ ଘର କରିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କୁ ଗିରଫ ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଜବତ କରାଯାଇ ତଦନ୍ତ ଜାରି ରହିଛି।

### ଭାଇଙ୍କୁ ତୀର ମାରି ହତ୍ୟା ...

ପିଇ ଦେଇଥିଲେ। ଖବରପାଇ ମହୁଲପଦା ପୋଲିସ ଓ ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଗମିୟାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ସ୍ତ୍ରୀଙ୍କୁ କଟୁରିରେ ...

ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ହେଲେ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଥାନାରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଙ୍କନିଧିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାଙ୍କନିଧି ଜେଲରୁ ଜାମିନରେ ଆସିବା ପରେ ଲକ୍ଷ୍ମୀପ୍ରିୟାଙ୍କୁ ମାରିବାକୁ ଉଦ୍ୟମ କରୁଥିଲେ। ମଧ୍ୟାହ୍ନରେ ଲକ୍ଷ୍ମୀପ୍ରିୟା କଳାପଥର ସ୍ୱାସ୍ଥ୍ୟକେନ୍ଦ୍ରକୁ ଝିଅର ଚିକିତ୍ସା ପାଇଁ ଯାଇଥିଲେ। ପୂର୍ବ ରାଗ ରଖି ବାଙ୍କନିଧି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କଟୁରିରେ ହାଣିବାକୁ ଗଲାବେଳେ ଚୋଟଟି ସ୍ତ୍ରୀଙ୍କ ବେକରେ ନ ବାଜି କାଖରେ ଧରିଥିବା ୩ ବର୍ଷର ଝିଅ ମୁଣ୍ଡରେ ବାଜିଥିଲା। ରକ୍ତାକ୍ତ ଅବସ୍ଥାରେ ଝିଅକୁ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ପୋଲିସ ଉଭୟ ଝିଅ ଓ ମା'ଙ୍କୁ ଥାନାକୁ ନେଇ ରଖିଛି। ଲକ୍ଷ୍ମୀପ୍ରିୟାଙ୍କ ଏତଲା ଆଧାରରେ ପୋଲିସ ନଂ. ୬୮/୨୫ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ଘଟଣା ଘଟାଇ ଅଭିଯୁକ୍ତ ବାଙ୍କନିଧି ଗିରଫ ଭୟରେ ଫେରାର ହୋଇଯାଇଛନ୍ତି ବୋଲି ଆଇଆଇସି ପ୍ରଭାକର ନାୟକ କହିଛନ୍ତି।



## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ୨ ଗାଡ଼ି ଜବତ

ଧୂଷୁରୀ,୧୨।୪ (ଦୀପ୍ତିରଞ୍ଜନ ନାୟକ)

ଧୂଷୁରୀ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପଙ୍ଗଟା ଛକ ନିକଟରେ କୋଚିଳା ନଦୀବନ୍ଧ ରାସ୍ତାରେ ଚୋରା କୋଇଲା ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ୨ ପିକ୍‌ଅପ୍ ଭ୍ୟାନ୍ ଯାଜପୁର ଅଭିମୁଖେ ଯାଉଥିଲା। ଗୋଟିଏ ଗାଡ଼ିର ଡ୍ରାଇଭର ଧରାପଡ଼ିଥିବା ବେଳେ ଅନ୍ୟ ଭ୍ୟାନ୍‌ର ଡ୍ରାଇଭର ଚମ୍ପଟ ମାରିଛନ୍ତି। ଜବତ ୨ ଗାଡ଼ିକୁ ଥାନା ପରିସରରେ ରଖାଯାଇଥିବା ବେଳେ ଗିରଫ ଡ୍ରାଇଭର ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗ୍ରାମର ଅଶୋକ ମଳିକଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଧୂଷୁରୀ ଥାନାରେ ୨ଟି ମାମଲା (ନଂ.୧୬୧/୨୫ ଓ ୧୬୨/୨୫) ରୁଜୁ ହୋଇଛି।

### ଜଳିଲା ବାଇକ୍

ବାସୁଦେବପୁର/ସାବରଙ୍ଗ, ୧୨।୪ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ମୁଖ୍ୟ ବଜାର ଧାମରା ବସ୍‌ଷ୍ଟାଣ୍ଡଠାରେ ଶନିବାର ମଧ୍ୟାହ୍ନରେ ଏକ ବାଇକ୍ ଜଳି ଉଠିଥିଲା। ସ୍ଥାନୀୟ ଲୋକେ ଓଦାପାଲ ଓ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ବାଲିନଗର ଅଞ୍ଚଳର ଏକ ଦମ୍ପତି ବାଇକ୍‌ରେ ଏହି ବଜାରକୁ ଆସିଥିଲେ। ସେମାନେ ବସ୍‌ଷ୍ଟାଣ୍ଡ ନିକଟରେ ବାଇକ୍ ରଖିଥିବା ବେଳେ ହଠାତ୍ ଗାଡ଼ିରୁ ଧୂଆଁ ବାହାରିବା ସହ ଟାଙ୍କି ଉପରେ ନିଆଁ ଜଳୁଥିବା ଦେଖାଯାଇଥିଲା। ପାଖରେ ଥିବା ଦୋକାନୀ ଓ ବାଇକ୍ ଆରୋହୀ ଭୟରେ ପଳାଇ ଯାଇଥିଲେ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ତାତି ଯୋଗୁଁ ବାଇକ୍ ତେଲ ଟାଙ୍କିରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି।

### ୩୨ ୟୁନିଟ ରକ୍ତ ସଂଗୃହୀତ

ଭଦ୍ରକ, ୧୨।୪ (ରବିନାରାୟଣ ଖିଲାର)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀମାନେ ରକ୍ତଦାନ କରିଥିଲେ। ଶିବିରରେ ୩୨ଟି ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡା. ବିମଳା ମିଶ୍ର, ଜିଲା ରକ୍ତଦାନ ଶିବିରର ସଂଯୋଜକ ରତିକାନ୍ତ ବଳ, ଖବରଦାତା ଅତିଶ ବେହେରା, ମଳୟ ପରିଡ଼ା, ରଶ୍ମିରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଦକ୍ଷିଣକାଳୀ ମନ୍ଦିରରେ ଘଟଯାତ୍ରା

ଭଦ୍ରକ, ୧୨।୪ (ରବିନାରାୟଣ ଖିଲାର)

ଭଦ୍ରକ ପୌରପାଳିକା ୧୬ନଂ. ୱାର୍ଡର ନାୟକ କଲୋନୀରେ ଦକ୍ଷିଣକାଳୀ ମନ୍ଦିର ଘଟଯାତ୍ରା ଆରମ୍ଭ ହୋଇଛି। ଚଣ୍ଡୀପାଠ ସହ ଶୁକ୍ରବାର ରାତି ୧୧ଟାରେ ଘଟଯାତ୍ରା ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଶଙ୍କିରି ନାୟକ ଦାୟିତ୍ୱ ତୁଲାଇଥିଲେ। ଶିବା ନାୟକ, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନସିଲର ଘାଉଲି ଜେନା, ଅଶୋକ ନାୟକ, ଗଣେଶ ନାୟକ, ପରେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଦିନ ଧରି ପୂଜାର୍ଚ୍ଚନା ହେବ। ଆସନ୍ତା ୧୪ ତାରିଖରେ ଘଟଯାତ୍ରା ଶେଷ ହେବ।

# ମୂର୍ତ୍ତି ଗଢ଼ିବାରେ ନିପୁଣ ଶିଳ୍ପୀ ଲକ୍ଷ୍ମଣ

ନଳାଙ୍ଗ, ୧୨।୪(ସାଇଶଙ୍କର ମହାକୁଳ)



ହନୁମାନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଲକ୍ଷ୍ମଣ ମହାନ୍ତି।

ବିଦ୍ୟାଳୟରେ ପଢ଼ିବା ସମୟରୁ ତାଙ୍କର ଅନ୍ତର୍ନିହିତ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା। ବୟସ ବଢ଼ିବା ସହ ମାଟି, ବାଲି, ସିମେଣ୍ଟ, ରଙ୍ଗ ଆଉ ତୂଳୀ ସ୍ପର୍ଶରେ ସେ ବିଭିନ୍ନ କଳାକୃତି ସୃଷ୍ଟି କରିଛନ୍ତି। ଇଚ୍ଛାଶକ୍ତି ଆଉ ଆତ୍ମବିଶ୍ୱାସ ବଳରେ ନିଜର କଳାକୃତି ପାଇଁ ସେ ଖାଲି ନିଜ ଜିଲାରେ ନୁହେଁ ସାରା ରାଜ୍ୟରେ ସ୍ଥାପତ୍ୟ ଶିଳ୍ପୀ ଭାବେ ପରିଚୟ ହାସଲ କରିପାରିଛନ୍ତି। ଏହି ନିଆରା ଶିଳ୍ପୀ ହେଉଛନ୍ତି ଭଦ୍ରକ ବ୍ଲକ ଅଧୀନ ରାମନବମୀ ବେତରା ପଞ୍ଚାୟତ କଳାହାଣ୍ଡିଆ ଗ୍ରାମର ଲକ୍ଷ୍ମଣ ମହାନ୍ତି(୪୫)।

ଲକ୍ଷ୍ମଣ କହନ୍ତି, ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ ଚିତ୍ର ଅଙ୍କନ ସହ ମାଟିରେ ମୂର୍ତ୍ତି ନିର୍ମାଣ କରି ବିଦ୍ୟାଳୟରେ ପୁରସ୍କୃତ ହୋଇଥିଲେ। ଏହାଦ୍ୱାରା ତାଙ୍କର ଉତ୍ସାହ ବଢ଼ିଥିଲା। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ନବମ ଶ୍ରେଣୀରୁ ପଢ଼ା ବନ୍ଦ କରି ଦେଇଥିଲେ। ପରେ କିଛି ଅଭିଜ୍ଞ ମୂର୍ତ୍ତି କାରିଗରଙ୍କ ପାଖରେ ମୂର୍ତ୍ତି ସହ ମନ୍ଦିର ନିର୍ମାଣ କାର୍ଯ୍ୟ ଶିଖିଥିଲେ। ଏପର୍ଯ୍ୟନ୍ତ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ସହ ମନ୍ଦିରର କାରୁକାର୍ଯ୍ୟ କରି ଜିଲା ଓ ଜିଲା ବାହାରେ ପ୍ରଶଂସା ସାଉଣ୍ଟିଛନ୍ତି। ସ୍ଥାନୀୟ ଅଞ୍ଚଳରେ ମା' ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି ନିର୍ମାଣ କରି ସେ ବେଶ୍ ଆଦୃତ ହୋଇଛନ୍ତି। ଏଥିସହ ସିମେଣ୍ଟ ଓ ବାଲିରେ ପକ୍କା ମୂର୍ତ୍ତି ନିର୍ମାଣ କରି ସ୍ଥାପତ୍ୟ ଶିଳ୍ପୀ ଭାବେ ପରିଚିତ ହୋଇଛନ୍ତି। କାଳୀପୂଜାରେ ପ୍ରାୟ ପ୍ରତିବର୍ଷ ଯାଜପୁର ଓ ବାରିପଦାଠାରେ ମା' କାଳୀଙ୍କ ମୂର୍ତ୍ତି ଗଢ଼ି ସେ ପ୍ରଶଂସା ଅର୍ଜନ କରିଛନ୍ତି। ଚମତ୍କାର ସ୍ଥାପତ୍ୟ ନିର୍ମାଣ କରି ରାଜ୍ୟ କଳା ଗବେଷଣା ପରିଷଦ ପକ୍ଷରୁ ଭୁବନେଶ୍ୱରର ଜୟଦେବ ଭବନ, ରବୀନ୍ଦ୍ର ମଣ୍ଡପରେ ବହୁବାର ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି। ତାଙ୍କ ପରିବାର କହିଲେ ମା', ବାପା, ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ। ଅର୍ଥ ଅଭାବରୁ କଳା ତାଙ୍କ ପ୍ରତିଭା ବିକଶିତ ହୋଇପାରୁ ନାହିଁ। ଚାଷ କରିବା ସହ ମୂର୍ତ୍ତି ଓ ମନ୍ଦିର ନିର୍ମାଣ କରି ପରିବାର ଚଳାଉଛନ୍ତି। ସରକାରଙ୍କ କଳାକାର ଭତ୍ତାରୁ ସେ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ଆଗକୁ ଆହୁରି ବହୁତ କିଛି କରିବାର ଆଶା ରଖିଛନ୍ତି ବୋଲି ଲକ୍ଷ୍ମଣ କହିଛନ୍ତି।

# ଏଯାଏ ନାବାଳକଙ୍କ ପତ୍ତା ମିଳିନି



ଗେଙ୍ଗୁଟି ନଦୀରେ ନାବାଳକଙ୍କୁ ଖୋଜୁଛି ଓଡ୍ରାଫ୍ ଟିମ୍।

### କୁମ୍ଭୀର ଟାଣିନେବା ଘଟଣା

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର ମୁଟୁରିଗଡ଼ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଆକାଶ ମାଝୀ ନାମକ ଜଣେ ନାବାଳକଙ୍କୁ କୁମ୍ଭୀର ଟାଣି ନେଇଥିଲା। ଗ୍ରାମ ନିକଟସ୍ଥ ଗେଙ୍ଗୁଟି ନଦୀରେ ଆକାଶ ଗାଧୋଉଥିବା ବେଳେ ଏହି ଘଟଣା ଘଟିଥିଲା। ତିହିଡ଼ି ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ନଦୀରେ ଖୋଜିଖୋଜି କରି ନୟାନ୍ତ ହୋଇଥିଲେ ମଧ୍ୟ ଏଯାଏ ଆକାଶଙ୍କ କୌଣସି ପତ୍ତା ମିଳିନାହିଁ।

ସୂଚନାଯୋଗ୍ୟ, ଆକାଶ କିଛି ପିଲାଙ୍କ ସହ ମିଶି ଗାଧୋଉଥିବା ବେଳେ ଏକ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ଟାଣିନେଇ ଯାଇଥିଲା। ତାଙ୍କ ସହ ଥିବା ପିଲାମାନେ ଏହା ଦେଖି ଘଟଣା ସମ୍ପର୍କରେ ତାଙ୍କ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ନଈକୂଳକୁ ଯାଇଥିଲେ ମଧ୍ୟ ଆକାଶଙ୍କ କୌଣସି ଖୋଜଖବର ପାଇ ନ ଥିଲେ। ପରେ ସେମାନେ ଏ ସମ୍ପର୍କରେ ପୀରହାଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଆକାଶଙ୍କ ପତ୍ତା ମିଳି ନ ଥିଲା। ଶନିବାର ସକାଳୁ ବନ ବିଭାଗ, ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ନଦୀରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଆକାଶଙ୍କ ପତ୍ତା ମିଳିନାହିଁ। ସରପଞ୍ଚ ଚକ୍ରଧର ଦାସ ଉପସ୍ଥିତ ରହି କର୍ମଚାରୀଙ୍କୁ ସହଯୋଗ କରୁଛନ୍ତି। ରବିବାର କଟକରୁ ସ୍କାଏ କ୍ୟାମେରା ଟିମ୍ ଆସି ନିଖୋଜ ନାବାଳକଙ୍କ ସନ୍ଧାନ ନେବ ବୋଲି ସରପଞ୍ଚ କହିଛନ୍ତି।

# ଜମିପଟ୍ଟା ବାଣ୍ଟିଲେ ମନ୍ତ୍ରୀ

### ଟିଙ୍ଗୁଡ଼ିପୁର ନୂତନ ରାଜସ୍ୱ ଗ୍ରାମ

ଭଣ୍ଡାରିପୋଖରୀ,୧୨।୪(ରାଜେନ୍ଦ୍ର ଶତପଥୀ)



ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥି।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ଭଣ୍ଡାରିପୋଖରୀ ତହସିଲ ଅଧୀନ ନବଗଠିତ ଟିଙ୍ଗୁଡ଼ିପୁର ରାଜସ୍ୱ ଗ୍ରାମର ଜମିପଟ୍ଟା ବଣ୍ଟନ କରିଛନ୍ତି। ବାରିକପୁର ରାଜସ୍ୱ ସର୍କଲର ବିଷ୍ଣୁପୁର ଓ ମୀରହସନପୁର ରାଜସ୍ୱ ଗ୍ରାମର ବିଭିନ୍ନ ସାହିର ସମିଶ୍ରଣରେ ଟିଙ୍ଗୁଡ଼ିପୁର ରାଜସ୍ୱ ଗ୍ରାମ ନୂତନ ଭାବେ ଗଠନ କରାଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ତହସିଲଦାର ରୋଜାଲିନ ବେହେରା ଏବଂ ବିଡିଓ ଦେବଦତ୍ତ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ରାଜସ୍ୱ ଗ୍ରାମର ପ୍ରାୟ ୩ଶହ ଲୋକଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ କର୍ମଚାରୀ ତେଜସ୍ୱିନୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ତହସିଲଦାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ

#### ପବନ ମାଡ଼ରେ ଧାନଚାଷ କ୍ଷତି ଆଶଙ୍କା

ଭଦ୍ରକ,୧୨।୪(ସନାତନ ରାଉତ)

କାଳବୈଶାଖୀ ପ୍ରଭାବରେ ଶନିବାର ଅପରାହ୍ନରେ ବର୍ଷା, ପବନ ହୋଇଛି। ଆକାଶରେ କଳାହାଣ୍ଡିଆ ବାଦଲ ଘୋଟିଯିବା ସହ ପ୍ରବଳ ବେଗରେ ପବନ ବହିଥିଲା। କିଛି ସମୟ ପରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ପ୍ରଭାବରେ ଜିଲାରେ ଅପରାହ୍ନରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅପରପକ୍ଷେ କାଳବୈଶାଖୀ ପ୍ରଭାବରେ ପବନ ଯୋଗୁ ଚାଷୀକୂଳ ଭୟଭୀତ ହୋଇଛନ୍ତି। ବନ୍ତ ବ୍ଲକର କାଦବରାଙ୍ଗ, ଓଡ଼ଙ୍ଗ ପଞ୍ଚାୟତରେ ପ୍ରାୟ ଶତାଧିକ ହେକ୍ଟରରେ ରବି ଧାନ ଚାଷ ହୋଇଥିବା ବେଳେ ଏବେ ଧାନ ସମ୍ପୂର୍ଣ୍ଣ ବାହାରି ସାରିଛି। ଏହି ସମୟରେ ପ୍ରବଳ ପବନ ମାଡ଼ରେ ଧାନକେଣ୍ଡା ଅଗାଡ଼ି ହେବାର ଆଶଙ୍କା କରିଛନ୍ତି ଚାଷୀ। ସେହିପରି ଭଣ୍ଡାରିପୋଖରୀ, ବାସୁଦେବପୁର, ଧାମନଗର ବ୍ଲକରେ ରବି ଧାନ ସହ ମୁଗ, ବିରି ଓ ପରିବା ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅତିଥିମାନେ ବିଦାୟୀ ସହକାରୀ ଶିକ୍ଷକ ପୀତାମ୍ବର ରାଉତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି।

ଭଣ୍ଡାରିପୋଖରୀ,୧୨।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପଞ୍ଚାୟତ ନୌରଙ୍ଗପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପୀତାମ୍ବର ରାଉତଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିରଞ୍ଚି ନାରାୟଣ ସାମଲଙ୍କ ସଭାପତିତ୍ୱରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଷ୍ଟାର ରାଜ୍ୟ ଉପସଭାପତି ଅଶୋକ କୁମାର ରାଉତ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗଦାଧର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଉପେନ୍ଦ୍ର କୁମାର ବିଶ୍ୱାଳ, ମନୋଜ ସିଂ, ସୁନୀଲ କୁମାର ନାୟକ, ବନବିହାରୀ ମହାନ୍ତି, ସିଆର୍‌ସିସି ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜୟନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ରଞ୍ଜିତା ଜେନା, ସତ୍ୟବ୍ରତ ରାଉତ, ପ୍ରକାଶ କୁମାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିସଦସ୍ୟମାନେ ସହଯୋଗ କରିଥିଲେ।

# 'ବରପୁତ୍ରମାନେ ଯୁବ ଲେଖକଙ୍କ ମାର୍ଗଦର୍ଶୀ'



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଲେଖକମାନେ।

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ଶନିବାର ପୂର୍ବାହ୍ନରେ ଯୁବ ଲେଖକ ସମ୍ମିଳନୀ ଓ ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ମାନସ କୁମାର ଜେନା ଓ ସାହିତ୍ୟିକ ଡ. ଅରୁଣ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନେ ଯୁବ ଲେଖକଙ୍କ ମାର୍ଗଦର୍ଶୀ ହୋଇଥାନ୍ତି ବୋଲି କହିଥିଲେ। ଏଥିସହ ବ୍ୟାସକବି ଫକୀରମୋହନ ସେନାପତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡ. ହରେକୃଷ୍ଣ ମହତାବ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସଙ୍କ ପରି ବରପୁତ୍ରମାନଙ୍କ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା କବିମାନେ କବିତା ପାଠ କରିଥିଲେ। କବି ଆଶୁତୋଷ କରଣ, କୈଳାସ ବେହେରା, ନିରଞ୍ଜନ ବାରିକ, ଦୈତାରୀ ଜେନା, ସୁବାସ ମହାନ୍ତି, ବିଜୟ ବେହେରା, ସୁନୀଲ ରାଉତ, ବିସ୍ମୟ ବିହାରୀ ସାହୁ, ନୀତିଶ କୁମାର ଜେନା, ବିଭୁଦତ୍ତ ସାହୁ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପ୍ରେମିକଙ୍କୁ ଧରି ପୋଲିସ ଜିମା

### ପ୍ରେମିକାଙ୍କ ଘର ପୋଡ଼ିଦେବା ପରେ ପୁଣି ଆକ୍ରମଣ ଯୋଜନା

ଧାମନଗର, ୧୨।୪ (ଦେବେନ୍ଦ୍ର ଆନ୍ଦିଆ)

ପ୍ରଥମେ ପ୍ରେମିକାଙ୍କ ଘର ପୋଡ଼ି ଦେଇଥିଲେ ପ୍ରେମିକ। ଏବେ ପୁଣି ପ୍ରେମିକାଙ୍କ ଘର ଲୋକଙ୍କୁ ଆକ୍ରମଣ ପାଇଁ ଯୋଜନା କରିଥିବା ପ୍ରେମିକଙ୍କୁ ସ୍ଥାନୀୟ ଯୁବକମାନେ ଧରି ପୋଲିସ ଜିମା ଦେଇଛନ୍ତି। ଶୁକ୍ରବାର ରାତିରେ ଧାମନଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ପୋଲିସ ଉକ୍ତ ଯୁବକଙ୍କ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଚୁଡାକୁଟି ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ଜଣେ ଯୁବକ ଦେହୁଡି ଆନନ୍ଦପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସେ ବାରମ୍ବାର ଯୁବତୀଙ୍କୁ ଦେଖା କରିବା ପାଇଁ ବାଧ୍ୟ କରିବା ସହ ବିବାହ ଲାଗି ଜିଦ୍ ଧରିଥିଲେ। ପ୍ରେମିକା ବିବାହ ପାଇଁ ରାଜି ନ ହେବାରୁ ଉଭୟଙ୍କ ଫଟୋ ଭାଇରାଲ କରିବା ସହ ପରିବାର ଲୋକଙ୍କୁ ଧମକ ଦେଇଥିବା ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଏମିତିକି ପୂର୍ବରୁ ପ୍ରେମିକ ଜଣଙ୍କ ପ୍ରେମିକାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ୫ ବଖରା ଘର ଜଳିଯିବା ସହ ସୁନାଗହଣା, ଆସବାବପତ୍ର, ଦରକାରୀ କାଗଜପତ୍ର ଆଦି ପୋଡ଼ି ପାଉଁଶ ହୋଇଯାଇଥିଲା। ଯୁବତୀ ଜଣକ ଏନେଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପ୍ରେମିକ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ଯୁବକ ଜଣକ ପ୍ରେମିକାଙ୍କ ଗାଁ ଛକରେ ବୁଲୁଥିଲେ। ପୂର୍ବରୁ ସେ ଯାଜପୁର ଟାଉନରେ ରହୁଥିବା ଯୁବତୀଙ୍କ ଦାଦାଙ୍କୁ ଧମକ ଦେଇଥିବା ବେଳେ ଆକ୍ରମଣ ଯୋଜନା ଥିଲା। ଏଣୁ ସେ ବୁଲୁଥିବାର ଦେଖି ସ୍ଥାନୀୟ ଯୁବକମାନେ ତାଙ୍କୁ ଧରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ। ଉକ୍ତ ଯୁବକଙ୍କ ନାମରେ ପୂର୍ବରୁ ଥାନାରେ ଘରପୋଡ଼ି ମାମଲା ଥିବାରୁ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବିଦ୍ୟାଳୟର ବାର୍ଷିକୋତ୍ସବ, ପ୍ରତିମୂର୍ତ୍ତି ଉନ୍ମୋଚନ



ବାର୍ଷିକୋତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଚାନ୍ଦବାଲି,୧୨।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ମୌସୁଧା ପଞ୍ଚାୟତ ଅଧୀନ ଗୌଡୁଣୀପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅପରାହ୍ନରେ ବାର୍ଷିକୋତ୍ସବ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ପ୍ରଧାନଶିକ୍ଷକ ସନାତନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସରପଞ୍ଚ ସୁରଭି ନାୟକ, ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ବ୍ରଜକିଶୋର ମଲ୍ଲିକ, ଗୌରହରି ନାୟକ, କଣ୍ଠଶିଳ୍ପୀ ସୁବାସ ଦାଶ, ସିଆର୍‌ସିସି ବୀରନାରାୟଣ ଦାସ, ଅଷ୍ଟଶମ୍ଭୁ ରାଉତ, ଶୀକାନ୍ତ ରାଉତ, ଅଭୟ ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୃଷ୍ଟିଧର ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଆଦିକନ୍ଦ ଦାଶ ଓ ଜମିଦାତା ସ୍ୱର୍ଗତ ସୁଦର୍ଶନ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଶିକ୍ଷକ ତପନ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ଦେବସ୍ମିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ଅନିତା ମିଶ୍ର, ମୁଖ୍ୟବକ୍ତା ସୁଶାନ୍ତ ଦାଶ, ଅନ୍ୟତମ ଅତିଥି ଭାବେ ପ୍ରତାପ ମହାନ୍ତି, ତପନ ସାହୁ, କୃଷ୍ଣଚନ୍ଦ୍ର ଜେନା ଓ ସୃଷ୍ଟିଧର ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ବିଭୂତି ବଳ, ନୀଳମଣି ରାଉତ, ଜନ୍ମେଜୟ ନାୟକ ଓ ମମତାରାଣୀ ଦାସ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିରର ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା ଉତ୍ସବ

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକର କୁବେରା ଗ୍ରାମରେ ଶୁକ୍ରବାର ନୂତନ ଜଗନ୍ନାଥ ମନ୍ଦିରର ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୫୭ ବର୍ଷ ଧରି ଗ୍ରାମରେ ପ୍ରତିବର୍ଷ ଶ୍ରୀଜଗନ୍ନାଥଙ୍କ ସପ୍ତାପୂଜା ଅନୁଷ୍ଠିତ ହୋଇଆସୁଛି। ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ କରାଯାଇ ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା କରାଯାଇଛି। ଶୁଭାଧିବାସ, ନାମ ସଂକୀର୍ତ୍ତନ ପରେ ଗୀତାଯଜ୍ଞ ହୋଇଥିଲା। କର୍ତ୍ତା ଭାବେ ଯତୀନ୍ଦ୍ର ରାଉତ, ବାସନ୍ତୀଲତା ରାଉତ, ଭରତ ଚନ୍ଦ୍ର ବାରିକ ଓ ଜାନକୀ ବାରିକ ଏବଂ ପୁରୋହିତ ଭାବେ ଚତୁର୍ଭୁଜ ଆଚାର୍ଯ୍ୟ, ଜୟୀରାମ ଆଚାର୍ଯ୍ୟ, ମଦନ ମୋହନ ବହଳି, ଦିଲୀପ ଉଦ୍‌ଗାତା କାର୍ଯ୍ୟ ତୁଲାଇଥିଲେ। କମିଟି ସଭାପତି କମଳାକାନ୍ତ ବାରିକ, ସମ୍ପାଦକ ଯତୀନ୍ଦ୍ର ରାଉତ, ବାଇଧର ନାୟକ, ଯତୀନ୍ଦ୍ର ରାଉଳ, ଯଜ୍ଞ ନାରାୟଣ କର, କାଳନ୍ଦୀ ବେହେରା, ଦୀନବନ୍ଧୁ ସାହୁ, ଅଭୟ ନାୟକ, ଗୋପବନ୍ଧୁ ପାଣିଗ୍ରାହୀ, ଅକ୍ଷୟ ରାଉତ, ସାଇଶରଣ ବେହେରା, ରମେଶ ବେହେରା, ବିଜୟ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# କବିତା, ପ୍ରବନ୍ଧ ଉପସ୍ଥାପନ କଲେ ଛାତ୍ରୀଛାତ୍ର



ସମ୍ମିଳନୀରେ ଉପସ୍ଥିତ ଅତିଥି।

### କଲେଜରେ ପାଳିଲେ ଓଡ଼ିଆ ପକ୍ଷ

ଭଦ୍ରକ,୧୨।୪(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ନିଜସ୍ୱ କବିତା, ପ୍ରବନ୍ଧ, ଉପନ୍ୟାସ ଓ ଗଳ୍ପ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଡ. କୃପାସିନ୍ଧୁ ନାୟକ, ମୁଖ୍ୟବକ୍ତା ଡ. ପ୍ରମୋଦ କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଅକ୍ଷୟ କୁମାର ପାଣିଗ୍ରାହୀ, ପ୍ରଭାତୀ ନାୟକ, ମିଲନ ପଣ୍ଡା, ହରିପ୍ରିୟା ମିଶ୍ର, ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଓଡ଼ିଆ ପକ୍ଷ ପାଳନର ଆବଶ୍ୟକତା ବିଷୟରେ କହିଥିଲେ। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଶିଶୁଠାରୁ ଆରମ୍ଭ କରି ପରିବାରର ସମସ୍ତ ସଦସ୍ୟଙ୍କ ଚେଷ୍ଟା ଓ ଇଚ୍ଛାଶକ୍ତି ରହିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିବା ବେଳେ ନୋଡାଲ ଅଫିସର ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥ ନାୟକ, ଗୌରାଙ୍ଗ ଦାସ, ଜ୍ୟୋତିପ୍ରକାଶ ଗୁଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦନୀୟ ବରପୁତ୍ର ଉତ୍ସବରେ ବରପୁତ୍ରଙ୍କ ସ୍ମୃତିଚାରଣ



ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର ଉତ୍ସବରେ ଅତିଥିମାନେ ।

ଢେଙ୍କାନାଳ,୧୨।୪(ରତନ ନାୟାର)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ବନ୍ଦନୀୟ ବରପୁତ୍ର ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପିକା ଡ. ପୁଷ୍ପଲତା ରଥ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ତପନ ଶତପଥୀ, ଶରତ ମିଶ୍ର ଭରଦ୍ୱାଜ, ପରେଶ ପଟ୍ଟନାୟକ, ଅଟଳ ବିହାରୀ ଦାଶ, ନିର୍ମଳା ମହାପାତ୍ର, ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଜିଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ମୂଷା ମଳିକ, ସୁବାହୁ ସିଂ, ସର୍ବ କନିଷ୍ଠ ଶହୀଦ ବାଜି ରାଉତ, ସମରକବି ବ୍ରଜନାଥ ବଡ଼ଜେନା, ବିଶିଷ୍ଟ ସାହିତ୍ୟିକା, ଜନନାୟିକା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ସ୍ୱାଧୀନତା ସଂଗ୍ରାମୀ ଗୋଲକ ବିହାରୀ ଧଳ, ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ବ୍ରଜ କିଶୋର ଧଳ, ବିଶିଷ୍ଟ ସାହିତ୍ୟିକ ଓ ଲେଖକ ଫକୀର ମୋହନ ସେନାପତି, କବି ସୁଲକ୍ଷଣା ଦେବୀ, ଦାମୋଦର ପଟ୍ଟନାୟକ, ଐତିହାସିକ ରାମକୃଷ୍ଣ ନନ୍ଦ, ଧନେଶ୍ୱର ପାଣି, ରାଜମାତା ରାଣୀ ରତ୍ନପ୍ରଭା ଦେବୀ, ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ଜିଲାପ୍ରତି ସଂଗ୍ରାମ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ନାଟ୍ୟକାର ଦୀନେଶ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟାର୍ଦ୍ଧରେ କବି ଓ କବୟିତ୍ରୀଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା । କବିତା ପାଠଚକ୍ରକୁ ସସ୍ମିତା ଦାଶ ସଂଯୋଜନା କରିଥିଲେ । ହାସ୍ୟକବି ଶତ୍ରୁଘ୍ନ ମାଟିଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପ୍ରବାସିନୀ ମହାକୁଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ କବି ଓ କବୟିତ୍ରୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲା ଲେଖକ ସଂସଦର ଆଜୀବନ ସଦସ୍ୟ କବି ଅନନ୍ତ ଚରଣ ଶତପଥୀଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଖଡ଼ଗପୁରରେ ଢେଙ୍କାନାଳ ଯୁବକଙ୍କ ମୃତ୍ୟୁ

ଢେଙ୍କାନାଳ,୧୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ କରମୂଳ ଗ୍ରାମର ଜିତେନ୍ଦ୍ର କୁମାର ଚିନରା(୩୫)ଙ୍କ ଶୁକ୍ରବାର ଅକାଳ ବିୟୋଗ ହୋଇଯାଇଛି । ଜିତେନ୍ଦ୍ର ଖଡଗପୁରଠାରେ ଥିବା ଏକ କମ୍ପାନୀ ପରିସର ଟାୱାରରେ ଚଢ଼ି କାମ କରୁଥିଲା ବେଳେ ତଳକୁ ଖସି ପଡ଼ିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହେବାରୁ ମୃତ୍ୟୁ ହୋଇଯାଇଥିଲା । ଖଡ଼ଗପୁରଠାରେ ଥିବା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଶନିବାର ଭୋର ସମୟରେ କରମୂଳ ଗ୍ରାମକୁ ଅଣାଯାଇଥିଲା । ଶୋକାକୁଳ ପରିବେଶରେ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସାନଭାଇ ସତ୍ୟ ପ୍ରକାଶ ଚିନରା ମୁଖାଗ୍ନି ଦେଇଥିଲେ । ମୃତ ଜିତେନ୍ଦ୍ର ଅବସରପ୍ରାପ୍ତ ଶିକ୍ଷକ ନିକୁଞ୍ଜ ବିହାରୀ ଚିନରାଙ୍କ ଜ୍ୟେଷ୍ଠପୁତ୍ର ଥିଲେ । ଯୁବକ ଜଣଙ୍କ ବିବାହିତ ଥିବା ବେଳେ ତାଙ୍କର ୨ ବର୍ଷର ଗୋଟିଏ ସନ୍ତାନ ରହିଛି ।



ମୃତ ଜିତେନ୍ଦ୍ର ଚିନରା ।

# ନିଷ୍ଠାର ସହ ପରିଶ୍ରମ କଲେ ସଫଳତାର ସ୍ୱାଦ ମିଳେ




ୱିଙ୍ଗ୍ କମାଣ୍ଡର ବିଏସ୍ ସିଂଦେଓଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

## ସିନର୍ଜୀରେ ସମ୍ବର୍ଦ୍ଧନା ଉତ୍ସବ

ଢେଙ୍କାନାଳ,୧୨।୪(ରତନ ନାୟାର)

ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜରେ ଶନିବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଆମେରିକାରେ ସମ୍ବର୍ଦ୍ଧିତ ୱିଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ଉତ୍ସବରେ କଲେଜ ପରିଚାଳନା ପରିଷଦ ଅଧ୍ୟକ୍ଷ ବିନୋଦ ଦାଶ, ପୂର୍ବତନ ଅଧ୍ୟକ୍ଷ ଶୈଳଜା ଶଙ୍କର ସିଂଦେଓ ପ୍ରମୁଖ ଉପସ୍ଥିତ ରହି ୱିଙ୍ଗ୍ କମାଣ୍ଡର ବିଏସ୍ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୱିଙ୍ଗ୍ କମାଣ୍ଡର ବିଏସ୍ ସିଂଦେଓ କହିଲେ, ନିଷ୍ଠାର ସହ ପରିଶ୍ରମ କରି କାର୍ଯ୍ୟକଲେ ସଫଳତାର ସ୍ୱାଦ ମିଳିଥାଏ । ପ୍ରତ୍ୟେକ କାର୍ଯ୍ୟରେ ଗୁଣବତ୍ତା ରହିବା ଆବଶ୍ୟକ। ସେହିପରି ପ୍ରତ୍ୟେକ ସଫଳତା କ୍ଷେତ୍ରରେ ପରିବାର ସଦସ୍ୟ ହିଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ । ଏହାପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଲେଜ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାୟକ ମଞ୍ଚାସୀନ ଥିଲେ । ଅଧ୍ୟାପିକା କଳ୍ପନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ୱିଙ୍ଗ୍ କମାଣ୍ଡର ବିଏସ୍ ସିଂଦେଓଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ତାଙ୍କୁ ଜୀବନବ୍ୟାପୀ ସେବା ପାଇଁ ଆମେରିକାର ଟେକ୍ସାସ ଡାଲେସଠାରେ ଭର୍ଟିକାଲ ଆଭିଗେଶନ ଇଣ୍ଟରନ୍ୟାଶନାଲ ପକ୍ଷରୁ ଗତ ମାର୍ଚ୍ଚ ୧୦ ତାରିଖରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେ ଢେଙ୍କାନାଳ କଣ୍ଟାନାଳୀ ବାଇପାସ ଠାରେ ବସବାସ କରନ୍ତି ।

# ମା' ତାରିଣୀଙ୍କ ଦଶମ ଚୈତ୍ର ମହୋତ୍ସବ

କାମାକ୍ଷାନଗର,୧୨।୪(ସୁଧୀର ପରିଡ଼ା)

କାମାକ୍ଷାନଗର ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ପ୍ରତିଷ୍ଠିତ ମା' ତାରିଣୀଙ୍କ ୧୦ ବାର୍ଷିକ ଚୈତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୀତାଯଜ୍ଞର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ଚଣ୍ଡୀପାଠ ଓ ବିଶ୍ୱଶାନ୍ତି ଯଜ୍ଞ କରାଯାଇଥିଲା । ମନ୍ଦିର ପୁରୋଧା ମନୋଜ ପଣ୍ଡା ଓ ବିଶ୍ୱଜିତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁଧାକର ମିଶ୍ର, ହରିହର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ରାଜେଶ ମିଶ୍ର ଯଜ୍ଞକାର୍ଯ୍ୟ କରିଥିବା ବେଳେ ନଳିନୀ ଶଙ୍କର ରଥ ଓ ମଧୁସ୍ମିତା ନନ୍ଦ କର୍ତ୍ତା ଭାବେ ଉପସ୍ଥିତ ଥିଲେ । ଟୁଲୁ ବ୍ରହ୍ମା, କୁନା ଖଟୁଆ ମାଧବ ଚନ୍ଦ୍ର ପରିଡ଼ା, ସରୋଜ ରଞ୍ଜନ ଦାସ, ସଞ୍ଜୟ ଦାସ, ସମିର ଦାସ, ଅଭୟ ସାହୁ, ଲଳିତ ସାହୁ, ଦୀପୁ ସାହୁ, ସୁଜିତ ଦାସ, ଅଜିତ ନାଥ ପ୍ରମୁଖ ସହଯୋଗ କରିଥିଲେ ।

# ଭାରତୀୟ ଜ୍ଞାନ ବିଶ୍ୱ ଦରବାରରେ ପହଞ୍ଚିପାରିଛି



କମ୍ପ୍ୟୁଟର ବିଜ୍ଞାନ ବିଭାଗର ପାଠଚକ୍ର ଓ ବାର୍ଷିକ ଉତ୍ସବ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

ଢେଙ୍କାନାଳ,୧୨।୪(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଇଣ୍ଡିଆନ ନଲେଜ ସିଷ୍ଟମ ଓ ଆର୍ଟିଫିସିଆଲ ଶୀର୍ଷକ ଏକ ପାଠଚକ୍ର ଏବଂ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଦିଲୀପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ସୁଶ୍ରୀ ସଙ୍ଗୀତା ବାର୍ଷିକ ବୀବରଣୀ ପାଠ କରିଥିଲେ । କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଚିତ୍ତରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ଆଜି ବିଶ୍ୱ ଦରବାରରେ ପହଞ୍ଚିପାରିଛି ବୋଲି ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ବାଣୀବିହାର ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ହରପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଜ୍ଞାନ କୌଶଳ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ସହିତ ଜଡିତ ସମ୍ପର୍କିତ ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେମିନାର ପୁସ୍ତକ ଉନ୍ମୋଚିତ ହୋଇଥିଲା । କର୍ମଚାରୀ ସସ୍ମିତା ପ୍ରଧାନ, ଅତିଥି ଅଧ୍ୟାପିକା ମଧୁସ୍ମିତା ରାଉତ, ସ୍ୱାଗତିକା ନାୟକ, ଜ୍ୟୋତି ରଞ୍ଜନ ମିଶ୍ର ଓ କର୍ମଚାରୀ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ । ସହକାରୀ ଅଧ୍ୟାପକ ମୁରଲିଧର ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରିଥିଲେ ।

# ହାତୀ ଆକ୍ରମଣରେ ଚାଷୀ ଗୁରୁତର

ଢେଙ୍କାନାଳ,୧୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା କନ୍ତିଓପୁଟସାହି ଗ୍ରାମର ଚାଷୀ ଚିତ୍ରସେନ ରାଉତ(୫୦) ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଚିତ୍ରସେନ ଭୋର୍ ସମୟରେ ବିଲକୁ ଯାଇଥିବା ବେଳେ ହଠାତ୍ ପଛପଟୁ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି ।

# ଓପିଏସ୍ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ




ଓଡ଼ାପଡ଼ା,୧୨।୪(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଶନିବାର ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି । ଡ. ପ୍ରଧାନ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁ ଚରଣ ରାଉତରାୟ ଓଡ଼ିଶା ଗଠନରେ ବରପୁତ୍ରଙ୍କ ଭୂମିକାକୁ ମନେରଖିବା ସହ ଛାତ୍ରୀଛାତ୍ର ଓଡ଼ିଶାର ସ୍ୱାଭିମାନ ବଞ୍ଚାଇ ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଡ. ଦୀନନାଥ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

# କଳା, ସଂସ୍କୃତି ଢେଙ୍କାନାଳ ଜିଲାର ଗରିମା ବଢ଼ାଇଛି

## ପ୍ରଥମ କାରୁବାକୀ ମହୋତ୍ସବ

ଢେଙ୍କାନାଳ,୧୨।୪(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ଶତରୂପାର ୪୧ତମ ବାର୍ଷିକ ଉତ୍ସବ ଅବସରରେ ୭ମ କାରୁବାକୀ ମହୋତ୍ସବ ଶନିବାର ସନ୍ଧ୍ୟାରେ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ଆଜବେଷ୍ଟସ ଲିମିଟେଡ୍‌ରେ ୱାର୍କର୍ସ ମ୍ୟାନେଜର କ୍ଷୀରୋଦ କୁମାର ବେହେରା ଉତ୍ସବକୁ ଉଦ୍‌ଘାଟନ କରି କହିଲେ, କଳା, ସଂସ୍କୃତି ହିଁ ଢେଙ୍କାନାଳ ଜିଲାର ଗରିମାକୁ ରାଜ୍ୟ ଓ ଜାତୀୟସ୍ତରରେ ବଢ଼ାଇଛି । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମୁରଲିଧର ଭଞ୍ଜ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ମାଇକ୍ରୋମିଡିଆ ନିର୍ଦ୍ଦେଶକ କବି ଅଥୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଢେଙ୍କାନାଳ ଜିଲାର କଳା, ସଂସ୍କୃତି, ଓଡ଼ିଶୀ ନୃତ୍ୟ ଓ କଳାକାରମାନେ ରାଜ୍ୟ ଓ ଜାତୀୟସ୍ତରରେ ନିଜର ପ୍ରତିଭା ପ୍ରତିପାଦନ କରି ଜିଲାର ଗୌରବକୁ ବୃଦ୍ଧି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ନିର୍ଦ୍ଦେଶକ ତଥା ଅଭିନେତା ଅନୁଷ୍ଠାନର ଅଧ୍ୟକ୍ଷ ବାଦଲ ବିହାରୀ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ । ଚନ୍ଦନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବିଭିନ୍ନ ପ୍ରତିଭାବାନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୁରୁ ଖାରବେଳ ପଟ୍ଟନାୟକ ଓ ତିମିରସୁ ପଟ୍ଟନାୟକଙ୍କ ସମେତ ଆଜାତଶତ୍ରୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ପ୍ରଥମ କାରୁବାକୀ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ କୃତୀ କଳାକାର ।

# ମା' ମଙ୍ଗଳାଙ୍କ ଝାମୁଯାତ୍ରା



ପଳାସ ପିଠିଆ ଗ୍ରାମରେ ଝାମୁଯାତ୍ରା ପାଳନ କରାଯାଉଛି ।

ଭୁବନ,୧୨।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଳାସ ପିଠିଆ ଗ୍ରାମ ପବିତ୍ର ଚୈତ୍ରପୂର୍ଣ୍ଣମୀ ପାଇଁ ଉତ୍ସବମୁଖର ହୋଇଉଠିଛି । ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପୀଠରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ । ଘରେ ଘରେ ନୂଆ ପୋଷାକ ଓ ପିଠାପଣାର ଆସର ସହିତ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା । ମା' ମଙ୍ଗଳାଙ୍କ ଯାତ୍ରା ପଡ଼ିଆରେ ଉଠା ଦୋକାନୀମାନଙ୍କ ଭିଡ଼ ସାଙ୍ଗକୁ ଦୋଳିର ମଜା ଉଠାଇଥିଲେ ଗ୍ରାମବାସୀ । ଏହି ଅବସରରେ ମନ୍ଦିର ପାର୍ଶ୍ୱରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ପାଟୁଆମାନେ ନିଆଁରେ ଚାଲୁଥିବା ବେଳେ କୁନିକୁନି ପିଲାମାନଙ୍କ ଶୁଭ ମନାସୀ ଗ୍ରାମବାସୀ ମାନସିକ କରିଥିଲେ । ଝାମୁଯାତ୍ରା ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା ।

# ଓଡ଼ିଶାର ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

କାମାକ୍ଷାନଗର,୧୨।୪(ସୁଧୀର ପରିଡ଼ା)

କାମାକ୍ଷାନଗରସ୍ଥିତ ମଠକରଗୋଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ 'ଓଡ଼ିଶାର ବରପୁତ୍ର' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଦୀନମଣି ନାୟକ ଉଦ୍‌ଘାଟନ କରିବା ସହ ଉତ୍କଳୀୟଙ୍କ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ନିମନ୍ତେ ମଧୁବାବୁ କିପରି ଅଗ୍ରଦୂତ ସାଜିଥିଲେ ତାହା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଗାୟକ ସାନନ୍ଦ ଡା. ରାମଚନ୍ଦ୍ର ଦାଶ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବରପୁତ୍ରଙ୍କ ଅବଦାନର ପ୍ରତିପାଦନ କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଖଣ୍ଡ ସହଜିଲାପାଳ ଦୀପକ କୁମାର ମିଶ୍ର ଯୋଗଦେଇ ବିଭିନ୍ନ ବରପୁତ୍ରଙ୍କ ବଳିଦାନ ଠାରୁ ଆରମ୍ଭ କରି ଆଧୁନିକ ଓଡ଼ିଶା ଗଠନରେ ନନ୍ଦିନୀ ଶତପଥୀଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ଲଳିତ କୁମାର ବେହେରା, ଅଧ୍ୟକ୍ଷ ଦାଶ ପ୍ରମୁଖ ଢେଙ୍କାନାଳ ପ୍ରଜାମେଳି ଆନ୍ଦୋଳନର କର୍ଣ୍ଣଧାରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପିକା ସ୍ୱପ୍ନିତା ରାଉତ, ଅଧ୍ୟାପକ ପ୍ରଦୀପ୍ତ ସାହୁ, ଅର୍ଚ୍ଚିତା ମହାମାନସିଂ, ଦୀପ୍ତିମୟୀ ସାହୁ, ବିଜୟିନୀ ଲେଙ୍କା, କୈଳାଶ ଚନ୍ଦ୍ର ପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ସନ୍ତୋଷ ଲେଙ୍କା, ଫକୀରମୋହନ ଲେଙ୍କା, ମାନସ ଜେନା ଓ ରଞ୍ଜିତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଧ୍ୟାପିକା ଶୁଭସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**14.04.2025**ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ** । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ବିଜ୍ଞାପନ ସଂ. ୩୨/୨୦୨୫
ଭାରତ ସରକାର
ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ
ମେକନ୍ ଲିମିଟେଡ୍‌ରେ
ନିର୍ଦ୍ଦେଶକ (ପ୍ରକଳ୍ପ)
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଣ୍ଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫର୍‌ୱାର୍ଡ କରାଯିବାର ଶେଷ ତାରିଖ ହେଉଛି
**୧୪ ମେ, ୨୦୨୫** (୧୭.୦୦ ଘଣ୍ଟିକା ସୁଦ୍ଧା) ।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ ।
CBC 40110/12/0001/2526

झारखण्ड सरकार
झारखण्ड खनिज क्षेत्र विकास प्राधिकार, धनबाद।
(लुबी सर्कुलर रोड, हीरापुर धनबाद 826001)

ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)
ई–निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराह्न तक |
| 3 | निविदा प्राप्ति (ऑन लाइन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराह्न तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराह्न तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराह्न |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
❖ उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
❖ ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
❖ निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता,
झमाडा, धनबाद।
PR 350274 (Drinking Water and Sanitation) 25-26 (D)

obcc No. CAD-99
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No. 3776 Date: 10.04.25
File: SMT-2055 (Vol-II)

NOTICE INVITING TENDER

| | | |
|---|---|---|
| 1. | Name of Work | Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | 02/Tender/OBCC/2025-26 |
| 3. | Class of Contractor | "A" Class |
| 4. | Bid Processing Fee (Only in Online Mode) | Rs.11,800 (Including GST) |
| 5. | Date of availability of bid document in e-procurement portal | From Dt.15.04.2025 |
| 6. | Last date & time of receipt of online bid | Upto 05.00 P.M. of Dt.24.04.2025 |
| 7. | Date of Bid Opening | 25.04.2025 at 11.30 A.M. |
| 8. | Project Completion Duration | 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | |

Sd./- EIC-cum-Managing Director
OIPR-34106/11/0017/2526



ପୁରୀସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଶନିବାର ଆୟୋଜିତ ଭାଜପାର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଦଳୀୟ ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପାଣ୍ଡିଆନ୍‌ଙ୍କୁ ପ୍ରଥମେ ବିରୋଧ କରିଥିଲି: ପାଟଶାଣୀ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ବିଜେଡିରେ ଥିବାବେଳେ ଦଳର ସଭାପତି ନୀବନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ଭି.କେ. ପାଣ୍ଡିଆନ୍‌ଙ୍କୁ କେହି ବିରୋଧ କରିପାରୁ ନ ଥିଲେ। ତେବେ ସେତେବେଳେ ତାଙ୍କୁ ପ୍ରଥମେ ସେ ହିଁ ବିରୋଧ କରିଥିବା କହିଛନ୍ତି ଭାଜପା ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ। ୱକ୍‌ଫ ବିଲ୍ ସପକ୍ଷରେ ରାଜ୍ୟ ସଭାରେ କେତେଜଣ ବିଜେଡି ସଦସ୍ୟଙ୍କ ଭୋଟିଂକୁ ନେଇ ନବୀନଙ୍କୁ ଦଳ ଭିତରୁ ଓ ବାହାରୁ ଟାର୍ଗେଟ କରାଯାଉଥିବାବେଳେ ଶନିବାର ଭାଜପା ନେତା ପାଟଶାଣୀ ମୁହଁ ଖୋଲି ବର୍ଷିଛନ୍ତି। ପାଟଶାଣୀ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ତାଙ୍କ ସହଯୋଗୀ ପାଣ୍ଡିଆନ୍‌ଙ୍କ କଥାରେ ଭୀଷଣ ମିଛ କହୁଛନ୍ତି। ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେବା କଥା କହିବା ସବୁଠାରୁ ବଡ଼ ମିଛ।



ପ୍ରସନ୍ନ ପାଟଶାଣୀ

ପାଣ୍ଡିଆନ୍‌ଙ୍କ ଯୋଗୁ ବିଜେଡି ନିର୍ବାଚନ ହାରିଛି। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପରବୁଦ୍ଧିରେ ବାଟ ଚାଲିଲେ ଘର ଭାଙ୍ଗିବ। ପାଣ୍ଡିଆନ୍‌ଙ୍କ ପାଇଁ ବିଜେଡିର ଏପରି ବିପର୍ଯ୍ୟୟ। ତଥାପି ନବୀନ କାହିଁକି ତାଙ୍କୁ ଛାଡ଼ିପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଲୋକମାନେ ବିଜେଡିକୁ ଫୋପାଡ଼ିଦେଲେ। ପାଣ୍ଡିଆନ୍‌ଙ୍କ ପାଖରେ କ'ଣ ଅଛି ନବୀନ ତାଙ୍କୁ ଡରୁଛନ୍ତି। ବିଜେଡିରେ ଏବେ ବି ବିଭୀଷଣ ଷଡ଼ଯନ୍ତ୍ର ଚାଲିଛି। ତାଙ୍କ ବିରୋଧରେ ମଧ ଷଡ଼ଯନ୍ତ୍ର ହୋଇଥିଲା। ପ୍ରଥମେ ସେ ପାଣ୍ଡିଆନ୍‌ଙ୍କୁ ବିରୋଧ କରିଥିଲେ। ଚିଲିକାରୁ ଟିକେଟ ଚାହୁଁଥିଲେ, ଶେଷ ସମୟରେ ତାଙ୍କୁ ବାଦ୍ ଦିଆଗଲା। ଏବେ ପ୍ରଭାତ ତ୍ରିପାଠୀଙ୍କୁ ନେଇ ନବୀନଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ନେତାଙ୍କୁ ତାଗିଦ କରିବା ଅଧିକାର କାହାର ନାହିଁ। ନବୀନଙ୍କ ଚେତାବନୀ କିଛି କାମ କରିବନାହିଁ। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପାଣ୍ଡିଆନ୍ ଆସିବା ଦିନଠାରୁ ଦଳ ଧ୍ୱଂସ ପାଇଗଲା। ନବୀନବାବୁ ସବୁବେଳେ ପାଣ୍ଡିଆନ୍‌ଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ମାର୍କେଟ ଗଲା ବୋଲି ପାଟଶାଣୀ କହିଛନ୍ତି।

ପାଟଶାଣୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ତାଙ୍କ ଦଳରେ କେଉଁଠି ଅସନ୍ତୋଷ ନାହିଁ। ପାଟଶାଣୀବାବୁ ବିଜେଡିରେ ଥିବାବେଳେ ଦଣ୍ଡ ଧରି ତାଙ୍କ ଦଳ ଦଉଡ଼ିକୁ ସମ୍ଭାଳିଥିଲେ। ଯୁଆଡ଼େ ଗଲେ ବି ତାଙ୍କ ଦଣ୍ଡର ପ୍ରଭାବ ରହିବ ବୋଲି ଦେବୀ କହିଛନ୍ତି।

# ନବୀନଙ୍କ ବୁଦ୍ଧି ଉଦୟ ହେଉନି: ଜୟନାରାୟଣ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

## ବିଜେଡି ଲୋପ ପାଇବା ବିଜେଡିର ଇଚ୍ଛାଧୀନ ବ୍ୟାପାର

ଭାଜପା ହୁଇସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଆମେମାନେ ହୁଇସିଲ୍ ଅପେକ୍ଷାରେ ରହିଛୁ। ଯେଉଁଦିନ ଫୁଙ୍କା ହେବ ସେଦିନ ବିଜେଡି ଗୋଲ୍ ହୋଇଯିବ। ତାସ୍ ପତା ଭଳି ବିଜେଡି ଭାଙ୍ଗିଯିବ। ବିଜେଡି ଲୋପ ପାଇବା ବିଜେଡିର ଇଚ୍ଛାଧୀନ ବ୍ୟାପାର। ବିଜେଡିର ସମସ୍ତେ ଯୋଗାଯୋଗରେ ଅଛନ୍ତି, ଆଗକୁ ଅନେକ କଥା ଘଟିବ ବୋଲି ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି, ରାଜ୍ୟର ଖଣି, ପାଣି ସବୁ ପାଣ୍ଡିଆନ୍ ଲୁଟ୍ କରିଛନ୍ତି। ସେହି ଲୋକକୁ ଛଡ଼ାଯିବା ଉଚିତ ନୁହେଁ। ବିଜେଡି ନେତାମାନେ ଏବେ ତାଙ୍କ ବିରୋଧରେ ଯେଉଁ ମୁହଁ ଖୋଲୁଛନ୍ତି ସେମାନଙ୍କୁ ସେ ସାହସ ଦେଇଛନ୍ତି। ଦୀର୍ଘଦିନ ଧରି ପାଣ୍ଡିଆନ୍‌ଙ୍କୁ ନେଇ ବିଜେଡି ନେତାମାନେ ନିଜର ଅସନ୍ତୋଷ ଚାପି ରଖିଥିଲେ। ଏବେ ସେଗୁଡିକ ଉଗ୍ରରୂପ ଧାରଣ କରି ବାହାରକୁ ବାହାରୁଛି। ଆଗକୁ ଅଧିକ ବାହାରିବା ଦରକାର। ଅଧିକ ବାହାରିଲେ ସେ ଲୋକ ଏକ୍ସପୋଜ ହେବ। ପାଣ୍ଡିଆନ୍ ଓ ନବୀନଙ୍କ ଭିତରେ କ'ଣ କେମିଷ୍ଟ୍ରି ରହିଛି ଜାଣିନି। ସେ ଲୋକ ପାଇଁ ଦଳ ଏତେ ବୁଡିଲା ପରେ ବି ନବୀନଙ୍କ ବୁଦ୍ଧି ଉଦୟ ହେଉନାହିଁ ଅର୍ଥ ସେମାନଙ୍କ ଭିତରେ କିଛି ପ୍ରୀତି ମଧୁର ରହିଥିବ ବୋଲି ଜୟନାରାୟଣ କହିଛନ୍ତି।

# ଭାଜପା ସରକାର ବିରୋଧରେ ଆନ୍ଦୋଳନ କରିବ ଯୁବକଂଗ୍ରେସ: ମହେଶ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ଓଡ଼ିଶାର ଭାଜପା ସରକାର ବିରୋଧରେ ଯୁବକଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ୧୦ ମାସ ଅତିବାହିତ ହେଲାପରେ ମଧ ରାଜ୍ୟର ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଅସମର୍ଥ ହୋଇଛି। ମହିଳାଙ୍କୁ ସୁରକ୍ଷିତ ଓ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ମହିଳା ନିର୍ଯାତନା, ବଳାତ୍କାର ଅନିୟନ୍ତ୍ରିତ ହୋଇପଡ଼ିଛି। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସ୍ମାର୍ଟମିଟର ଲଗାଇ ଶୋଷଣ କରିବା ସହ ବାରମ୍ବାର ବିଜୁଳି କାଟ ଚାଲିଛି। ମାଗଣା ବିଜୁଳି କଥା ଆଉ ମୁହଁରେ ଧରୁନାହାନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖ କହିଛନ୍ତି।

ଯୁବକଂଗ୍ରେସ ପ୍ରଭାରୀ ମହେଶଙ୍କୁ କଂଗ୍ରେସ ଭବନଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାଙ୍କ ବୈଠକରେ ଯୋଗଦେଇ ସେ କହିଛନ୍ତି, ରାଜ୍ୟର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜରେ ୫୦%ରୁ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ଚାଷୀ ଓ ଚାଷ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିନା କଟ୍‌ନି ଛଟ୍‌ନିରେ ଚାଷୀର ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଏବେ କଟ୍‌ନି ଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ମହେଶ କହିଛନ୍ତି।




ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖଙ୍କୁ କଂଗ୍ରେସ ଭବନଠାରେ ଯୁବକଂଗ୍ରେସ ନେତାମାନେ ସ୍ୱାଗତ କରୁଛନ୍ତି।

# ୧୭ରେ ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପାଳିବ ବିଜୁବାବୁଙ୍କ ତିରୋଧାନ ଦିବସ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସବୁ ଏମ୍‌ପି, ବିଧାୟିକା ବିଧାୟକ, ନିର୍ବାଚନମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ଜିଲା ପରିଷଦ ସଭାପତି, ବ୍ଲକ୍ ଓ ନଗର ଅଧ୍ୟକ୍ଷ, ବ୍ଲକ୍ ଓ ନଗର ସଭାପତିମାନଙ୍କୁ ଶନିବାର ଚିଠି ଲେଖି ଅବଗତ କରାଇଛନ୍ତି। ସେ କହିଛନ୍ତି, ଏହି ଦିବସରେ ପୂର୍ବବର୍ଷଗୁଡିକ ଭଳି ସକାଳେ ତିଳତର୍ପଣ, ବିଜୁବାବୁ ଏବଂ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହାପରେ ଆଧୁନିକ ଓଡ଼ିଶା ନିର୍ମାଣରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କ ଆଦର୍ଶରେ ଓଡ଼ିଶାର ସମୃଦ୍ଧି ଏବଂ ଆଗାମୀର ଆହ୍ୱାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଳନ ପରେ ଏହାର ଫଟୋଚିତ୍ର ଶଙ୍ଖ ଭବନ ହ୍ୱାଟ୍ସଆପ୍ ନମ୍ବରରେ ପଠାଇବାକୁ ନବୀନ କହିଛନ୍ତି।

## Business

# ଭୁବନେଶ୍ୱରରେ ରୁପା କିଲୋ ୧.୧୦ ଲକ୍ଷ

ଭୁବନେଶ୍ୱର,୧୨।୪ (ଅଭୟ ଦାଶ)

ଘରୋଇ ବଜାରରେ କ୍ରମାଗତ ଭାବେ ସୁନା ଓ ରୁପାର ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏପରିକି ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ବେଳେ ରୁପା ଦର କିଲୋଗ୍ରାମ ପିଛା ୧.୧୦ ଲକ୍ଷ (୧,୧୦,୦୦୦ ଟଙ୍କା)ରେ କାରବାର ହେଉଛି।

ଅପରପକ୍ଷରେ ବୈଶ୍ୱିକ ସ୍ତରର ଯୁଦ୍ଧ ପରିସ୍ଥିତି ଏବଂ ଚାଇନା ଓ ଆମେରିକାର ତିକ୍ତତା ସାଙ୍ଗକୁ ନୂଆ ଟାରିଫ୍, ବାଣିଜ୍ୟ ନୀତି ସହ ଉତ୍ପାଦନରେ ହ୍ରାସର ପ୍ରଭାବ ଯୋଗୁ ସୁନା, ରୁପାର ଦର ବୃଦ୍ଧି ହେଉଛି। ସେହିଭଳି ଫେଡେରାଲର ରିଜର୍ଭର ସୁଧହାର ବୃଦ୍ଧି ଏବଂ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତିର ପ୍ରଭାବ ଭାରତୀୟ ବଜାରରେ ସିଧାସଳଖ ପ୍ରଭାବ ପକାଉଛି।




ଉଲ୍ଲେଖଯୋଗ୍ୟ, ଶନିବାର ଭୁବନେଶ୍ୱରରେ ରୁପା ଦର କିଲୋପିଛା ୧.୧୦ ଲକ୍ଷ ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୫,୫୮୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୭,୭୦୦ ଟଙ୍କାରେ କାରବାର ହେଉଛି। ଏପରିକି ରାଜ୍ୟର ପ୍ରମୁଖ ସହର କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଝାରସୁଗୁଡା, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ବରଗଡ଼, କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ଭଳି ସହରର ରୁପା କିଲୋ ପିଛା ୧.୮ରୁ ୧.୧୦ ଲକ୍ଷ ମଧ୍ୟରେ କାରବାର ହେଉଛି ବୋଲି ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୯୪,୩୩୦ ଟଙ୍କା ରହିଥିଲାବେଳେ ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳି ପ୍ରମୁଖ ମହାନଗରରେ ରୁପା କିଲୋଗ୍ରାମ ପିଛା ୯୪,୪୯୦ ଟଙ୍କା, ୯୪,୭୬୦ ଟଙ୍କା ଏବଂ ୯୪,୩୬୦ ଟଙ୍କାରେ କାରବାର ହେଉଛି। ଉପରୋକ୍ତ ମହାନଗରଗୁଡ଼ିକରେ ସୁନା ଦର ୯୪,୦୦୦ ରୁ ୯୬,୦୦୦ ଟଙ୍କାରେ ପହଞ୍ଚିଛି।

# ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ

ମୁମ୍ବାଇ, ୧୨।୪

ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ 'ରଙ୍ଗୋ କା ଖେଲ ୨.୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ୨୦୨୫ ପାଇଁ ଏହି ନୂତନ ଅଭିଯାନ ଆରମ୍ଭ ହୋଇଛି। ପୂର୍ବ ଅଭିଯାନର ସଫଳତାକୁ ଆଧାରକରି ନୂତନ ସଂସ୍କରଣରେ ରଙ୍ଗ, ସାମୂହିକ ଭାବନା ଏବଂ ଚର୍ଚ୍ଚିତ ଚେହେରାର ମିଶ୍ରଣ ସହିତ ସିନେମା ଏବଂ ଉତ୍ସବର ଅନୁଭୂତିକୁ ଉନ୍ନତ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ଯୁଗ୍ମ ଏମ୍‌ଡି ତଥା ସିଇଓ ସୁନ୍ଦରେସନ ଏଏସ୍ କହିଛନ୍ତି, କ୍ରିକେଟ ଆଜି ରଙ୍ଗ ଓ ଭାବନାର ଏକ ଶକ୍ତିଶାଳୀ ପର୍ବ। ରଙ୍ଗୋ କା ଖେଲ ୨.୦' ଜରିଆରେ ଆମେ ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରଶଂସକଙ୍କ ସହ ଆମର ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ। କ୍ରିକେଟ କିମ୍ବଦନ୍ତୀ, ଗୋଷ୍ଠୀ ସଦ୍‌ଭାବନା ଏବଂ ଆମର ଜୀବନ୍ତ ପରିସର ସହିତ ଆମେ ଜାଣିବାକୁ ଚାହୁଁଥିଲୁ।

# ଏଫ୍‌ଆଇଭିବି ପ୍ରଶାସନିକ ବୋର୍ଡରେ ଈଶା

ମୁମ୍ବାଇ, ୧୨।୪

ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ(ଏଫ୍‌ଆଇଭିବି)କୁ ବିଶିଷ୍ଟ ମହିଳା ଉଦ୍ୟୋଗୀ ଈଶା ଅମ୍ବାନୀ ମନୋନୀତ ହୋଇଛନ୍ତି। ଏପରିକି ୨୦୨୪-୨୮ ଅଲିମ୍ପିକ୍ ଚକ୍ର ପାଇଁ ଈଶା ଅମ୍ବାନୀ ଏବଂ ଲୁଇସ୍ ବାଓ୍ୱଡେନ୍‌ଙ୍କୁ ଏଫ୍‌ଆଇଭିବିର ପ୍ରଶାସନିକ ବୋର୍ଡରେ ନିଯୁକ୍ତ କରାଯାଇଛି, ଯାହା ସଙ୍ଗଠନର ସର୍ବୋଚ୍ଚ ସ୍ତରରେ ତାଜା ଦୃଷ୍ଟିକୋଣ, ବ୍ୟବସାୟିକ ବୁଦ୍ଧି ଓ କୌଶଳ ଏବଂ ଖେଳାଳି ପ୍ରତିନିଧିତ୍ୱ ଆଣିଛି। ସେହିଭଳି ଈଶା ଏବଂ ଲୁଇସ୍‌ଙ୍କୁ ଏଫ୍‌ଆଇଭିବି ସମ୍ବିଧାନର ଧାରା ୨.୪.୧.୫ ଅନୁଯାୟୀ ନିଯୁକ୍ତ କରାଯାଇଛି, ଯାହା ଏଫ୍‌ଆଇଭିବି ସଭାପତିଙ୍କୁ ବିଭିନ୍ନ ବର୍ଗରେ ପ୍ରାୟ ୪ ଜଣ ଅତିରିକ୍ତ ବୋର୍ଡ ସଦସ୍ୟଙ୍କୁ ଚୟନ କରିବାକୁ ଅନୁମତି ଦେଇଥାଏ। ଏହା ଦୃଷ୍ଟିକୋଣର ବ୍ୟାପକତା ସୁନିଶ୍ଚିତ କରିବା ସହ ବୋର୍ଡର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ କରିଛି। ସେହିପରି ଈଶା ଅମ୍ବାନୀ ଏଫ୍‌ଆଇଭିବି ବୋର୍ଡରେ ସଂଖ୍ୟାଲଘୁ ଲିଙ୍ଗ ବର୍ଗର ପ୍ରତିନିଧିତ୍ୱ କରୁଥିବା ନିଯୁକ୍ତ ସଦସ୍ୟ ଭାବେ ଯୋଗଦାନ କରିଛନ୍ତି। ବ୍ୟବସାୟ ଜଗତର ନେତୃତ୍ୱ ନେଉଥିବା ସଫଳ ବ୍ୟକ୍ତି ଭାବେ ଈଶା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନେତୃତ୍ୱର ଏକ ଅଂଶ ଏବଂ ରିଲାଏନ୍ସ ରିଟେଲ ସମେତ ଅନେକ ଗ୍ରୁପ୍ କମ୍ପାନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେଠାରେ ସେ କମ୍ପାନୀର ବ୍ୟାପକ ଅଭିବୃଦ୍ଧିର ନେତୃତ୍ୱ ନେଇଛନ୍ତି ଏବଂ ପ୍ରମୁଖ ଡିଜିଟାଲ ଏବଂ ଇ-କମର୍ସ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଉଛନ୍ତି। ଏଥିସହ ଈଶା କମ୍ପାନୀର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।



ଈଶା ଅମ୍ବାନୀ

# ସେନେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୨।୪

ଦେଶର ପ୍ରମୁଖ ତଥା ପ୍ରିମିୟମ ହୀରା ବ୍ରାଣ୍ଡ 'ସେନେସ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେନେସ୍ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ସେନେସ୍ ହେଉଛି, ସେନ୍‌କୋ ଗୋଲ୍ଡର ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହା ୮୫ ବର୍ଷରୁ ଅଧିକ ସମୟ ଧରି ନିଜର ସମୃଦ୍ଧ କାରିଗରି ପାଇଁ ଜଣାଶୁଣା। ଏହି ବ୍ରାଣ୍ଡ୍‌ରେ ଅନେକ ପ୍ରକାର ଉତ୍କୃଷ୍ଟ ଅଳଙ୍କାର ଖଣ୍ଡ ସାମିଲ ରହିଛି, ଯାହା ସ୍ଥାୟିତ୍ୱର ଭାବକୁ ଦର୍ଶାଉଛି। ଇଟାଲୀୟ ଡିଜାଇନ ଏବଂ ଭାରତୀୟ କାରିଗରିର ଏକ ଅନନ୍ୟ ମିଶ୍ରଣ ସହ ସେନେସ୍ ଉପଭୋକ୍ତା/ଗ୍ରାହକ/ଆପଣଙ୍କୁ ବିଳାସ ଏବଂ ମୌଳିକତାର ଜୀବନଶୈଳୀ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି। ଏହି ବ୍ରାଣ୍ଡ ବିଭିନ୍ନ ଡିଜାଇନ, ସୁନ୍ଦର ସେଟିଂରେ ଲାବ୍ ଉତ୍ପାଦିତ ହୀରା ପ୍ରଦାନ କରୁଛି। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆଧୁନିକ ବିଳାସକୁ ଗ୍ରହଣ କରିବା ସହିତ ଭାରତର ଅତୁଳନୀୟ କାରିଗରୀକୁ ସଂରକ୍ଷଣ ଓ ପାଳନ କରିବା ପାଇଁ ସେନେସ୍ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି, ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଆଜି ଆମର ସେନେସ୍ ଶୋ'ରୁମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଉସ୍ ଅଫ୍ ସେନେସ୍ ପକ୍ଷରୁ ଗ୍ରାହକଙ୍କ ଶପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଅନେକ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି। ଏପରିକି ଗ୍ରାହକମାନେ ଚମଡ଼ା ବ୍ୟାଗ୍ ଏବଂ ଆକ୍ସେସରିଜ୍ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ଲାବ୍‌ରେ ପ୍ରସ୍ତୁତ ହୀରାର ଏମ୍‌ଆର୍‌ପି ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

# ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

ମୁମ୍ବାଇ, ୧୨।୪

ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ତିରୁପତି କଲେକ୍ସନ' ସହ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ତିରୁପତିର ପବିତ୍ର ଭୂମିକୁ ଶ୍ରଦ୍ଧାଞ୍ଜଳି ଅର୍ପଣକରି ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ସଂଗ୍ରହ ଏବଂ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣରେ 'ତିରୁପତି କଲେକ୍ସନ'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ସେହିଭଳି ସୂକ୍ଷ୍ମ କଳାକୌଶଳରେ ନିର୍ମିତ ଏହି ଡିଜାଇନଗୁଡ଼ିକ ଭଗବାନ ବାଲାଜୀଙ୍କ ଆଧ୍ୟାତ୍ମିକ ମହିମା, ପବିତ୍ର ତିରୁମାଲା ପାହାଡ଼ ଏବଂ ଶ୍ରୀନିବାସ କଲ୍ୟାଣମର ସୁନ୍ଦର ଆକର୍ଷଣକୁ ପ୍ରଦର୍ଶିତ କରୁଛି। ଏହା ରାଜକୀୟ ଚୋକର୍ସ ହେଉ କିମ୍ବା ଆକର୍ଷଣୀୟ ଲମ୍ବା ହାର, ସୂକ୍ଷ୍ମ ହସ୍ତଶିଳ୍ପ ତିଆରି ଚୁଡ଼ି କିମ୍ବା ସୁନ୍ଦର ଭାବେ କାରୁକାର୍ଯ୍ୟପୂର୍ଣ୍ଣ କାନଫୁଲ, ପ୍ରତ୍ୟେକ ଅଳଙ୍କାର ମନ୍ଦିର ପରମ୍ପରାର କଳାତ୍ମକତାକୁ ପ୍ରତିଫଳିତ କରୁଛି, ଯାହା ଆଧୁନିକତା ସହିତ ସହଜ ଭାବରେ ଖାପ ଖୁଆଉଛି। ଏହାର ଉତ୍କୃଷ୍ଟ ସୃଷ୍ଟି ବ୍ୟତୀତ ଜୁଏଲ୍ସ ଅଫ୍ ଇଣ୍ଡିଆ-ତିରୁପତି' କଲେକ୍ସନରେ ଭଗବାନ ବାଲାଜୀଙ୍କ ପବିତ୍ର ତତ୍ତ୍ୱକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏବଂ ହାଲୁକା ଓ ପିନ୍ଧିବା ଯୋଗ୍ୟ ଅଳଙ୍କାରର ଏକ ଶୃଙ୍ଖଳା ମଧ ଏଥିରେ ସାମିଲ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଅଳଙ୍କାର କେବଳ ଏକ ଆଭୂଷଣ ନୁହେଁ; ଏହା ଐତିହ୍ୟ, ବିଶ୍ୱାସ ଏବଂ ଦିବ୍ୟ ସମ୍ବନ୍ଧର ଏକ ଶାଶ୍ୱତ ଅଭିବ୍ୟକ୍ତି। ଜୁଏଲ୍ସ ଅଫ୍ ଇଣ୍ଡିଆ ତିରୁପତି କଲେକ୍ସନ ଭଗବାନ ବାଲାଜୀଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି, ଯାହାର ପ୍ରତ୍ୟେକ ଅଂଶରେ ତାଙ୍କର ଆଶୀର୍ବାଦ ସନ୍ନିହିତ ରହିଛି। ଏହା ଅକ୍ଷୟ ତୃତୀୟାର ଭାବନାକୁ ସୁନ୍ଦର ଭାବେ ପ୍ରସ୍ତୁତ କରୁଛି। ସେହିଭଳି ଆଗାମୀ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ସୀମିତ ଅବଧିର ଉତ୍ସବ ରିହାତି ପ୍ରଦାନ କରୁଛି। ସୁନା ଅଳଙ୍କାରରେ ଗଢା ମଜୁରି ଉପରେ ୨୫% ପର୍ଯ୍ୟନ୍ତ ରିହାତି ଏବଂ ହୀରା ଅଳଙ୍କାର ଉପରେ ୩୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ। ଗ୍ରାହକମାନେ ପୁରୁଣା ସୁନା ଉପରେ ୧୦୦% ବିନିମୟ ମୂଲ୍ୟର ଲାଭ ମଧ ନେଇପାରିବେ। ଏହି ଅଫର ୨୦୨୫ ମେ ୫ ପର୍ଯ୍ୟନ୍ତ ବୈଧ ରହିଛି।



# ବଜାରରେ ଲୟଡ୍‌ର 'ଲକ୍‌ଜୁରିଆ'

ମୁମ୍ବାଇ, ୧୨।୪

ଲୟଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲକ୍‌ଜୁରିଆ' କଲେକ୍ସନକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ଏହି ନୂତନ କଲେକ୍ସନକୁ ବଜାର ପ୍ରବେଶ ସହ ଉତ୍ପାଦନ ପରିସରକୁ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଗତ ବର୍ଷର ସଫଳତା ଉପରେ ଆଧାରକରି ଲୟଡ୍ ତା'ର ଘିଲୋଥ ଓ ଶ୍ରୀ ସିଟି ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ବାର୍ଷିକ ୩ ନିୟୁତ ଏସିଏସ୍ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଲୟଡ୍ ଲକଜୁରିଆ ସଂଗ୍ରହ ଶ୍ରେଷ୍ଠ କାରିଗରି, ଅଭିନବ ପ୍ରଯୁକ୍ତିବିଦ୍ୟା ଓ ଶକ୍ତିଦକ୍ଷତା ସହ ଏହାର ଏସି ଗୁଡ଼ିକୁ ମଜଭୁତ କରିଥାଏ। ଏହି ସେଗ୍‌ମେଣ୍ଟ ଉପରେ ଧ୍ୟାନଦେଇ ଲୟଡ୍ ଆରାମ ଗୁଣବତ୍ତା ବୃଦ୍ଧିକରି ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏ ସମ୍ପର୍କରେ ହାଭେଲ୍ସ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗେଶ କୁମାର ଗୁପ୍ତା କହିଛନ୍ତି, ଲୟଡ୍ ସର୍ବଦା ନବସୃଜନ ପ୍ରତି ଧ୍ୟାନ ଦେଇଥାଏ। ଯେଉଁ କାରଣରୁ ଗତ ବର୍ଷର ସଫଳତା ଆମକୁ ପ୍ରିମିୟମ ବଜାରରେ ବ୍ରାଣ୍ଡ୍‌ର ସ୍ଥିତିକୁ ମଜଭୁତ କରିଥିଲା। ଲକ୍‌ଜୁରିଆ କଲେକ୍ସନ ହେଉଛି,ଚିନ୍ତାଶୀଳ ଭାବେ କ୍ୟୁରେଟେଡ୍ କୁଲିଂ ସମାଧାନ ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଆମର ପ୍ରୟାସ। ଶ୍ରୀ ସିଟିରେ ଆମର ଉତ୍ପାଦନ କ୍ଷମତା ବଢାଇବା ହେଉଛି, ଆମର ବିଶ୍ୱାସ ଓ ଉଚ୍ଚ ଗୁଣବତା ମାନଦଣ୍ଡ ପ୍ରତି ସଜାଗ ରହିବା ସହ ଉପଯୁକ୍ତ ମୂଲ୍ୟରେ ଉତ୍ପାଦ ଯୋଗାଇବା ପ୍ରତି ଆମର ପ୍ରତିବଦ୍ଧତା।

ଲୟଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଆଲୋକ ଟିକ୍କୁ କହିଛନ୍ତି, ଏହା ଆମ ପାଇଁ ଏକ ବଡ଼ ମୁହୂର୍ତ୍ତ। ଆମେ ପ୍ରିମିୟମ ଏୟାର କଣ୍ଡିସନିଂ ବଜାରରେ ସ୍ତର ବୃଦ୍ଧି କରୁଛୁ। ଲକ୍‌ଜୁରିଆ କଲେକ୍ସନ ସହ ଶୁଭାରମ୍ଭ ହୋଇଥିବା ଉତ୍ପାଦଗୁଡ଼ିକ ଗ୍ରାହକଙ୍କ ପ୍ରାଥମିକତାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଉଲ୍ଲେଖ କରିବ। କେବଳ ଭଲ କାର୍ଯ୍ୟ ଦକ୍ଷତା ପାଇଁ ନୁହେଁ ବରଂ ଉପଯୁକ୍ତ ବିଳାସ ଓ ସୌନ୍ଦର୍ଯ୍ୟ ବୋଧ ପ୍ରତି ଆମ ଉତ୍ପାଦର ଏକ ସ୍ୱତନ୍ତ୍ରତା ପ୍ରଦାନ କରିବ।

# ୨ ବଳାତ୍କାରୀଙ୍କୁ ଏନ୍‌କାଉଣ୍ଟର

## କୋର୍ଟ ଚାଲାଣ ବେଳେ ବନ୍ଧୁକ ଛଡ଼ାଇ ଫେରାର ହେଉଥିଲେ



ପୋଲିସର ଏନ୍‌କାଉଣ୍ଟରରେ ଆହତ ୨ ଅଭିଯୁକ୍ତ।

**ଝାରସୁଗୁଡ଼ା,୧୨।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଞ୍ଚଳର ଏକ ବଳାତ୍କାର ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହେଉଥିବା ୨ଅଭିଯୁକ୍ତ ପୋଲିସ ବନ୍ଧୁକ ଛଡ଼ାଇ ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେଉଥିବାବେଳେ ଏନ୍‌କାଉଣ୍ଟରର ଶିକାର ହୋଇଛନ୍ତି। ଅଭିଯୁକ୍ତ ଶେଖ୍ ଆଶିଷ (୨୨) ଓ ଅଭିଷେକ ବାରିକ (୩୦)ଙ୍କ ୨ଗୋଡ଼ରେ ଗୁଳି ବାଜିଛି। ଆହତ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରାଯାଇ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇ ଝାରସୁଗୁଡା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ଗୁଳିଚାଳନାରେ ଜଣେ ଏଏସ୍‌ଆଇ ଆହତ ହୋଇଛନ୍ତି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଆଇଜିପି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ବେଲପାହାଡ଼ ଥାନା ଅଞ୍ଚଳରେ ଗତ ଗୁରୁବାର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପରେ ବେଲପାହାଡ଼ ପୋଲିସ ଶେଖ୍ ଆଶିଷ ଓ ଅଭିଷେକଙ୍କୁ ଗିରଫ କରି ନିଜ ହେପାଜତରେ ରଖିଥିଲା। ଶୁକ୍ରବାର ୨ଜଣଙ୍କ ବୟାନ ରେକର୍ଡ କରାଯାଇ ମେଡିକାଲ ପରୀକ୍ଷା କରାଯାଇଥିଲା। ଶନିବାର ସକାଳୁ ଉଭୟଙ୍କୁ କୋର୍ଟ ଚାଲାଣ ପାଇଁ ଏକ ଭ୍ୟାନ୍‌ରେ ଝାରସୁଗୁଡ଼ା ଅଣାଯାଉଥିଲା। ଏହି ସମୟରେ ବେଲପାହାଡ଼ଠାରୁ ଝାରସୁଗୁଡ଼ା ମଧ୍ୟରେ ଥିବା ବୁଢ଼ୁବୁଢ଼ିଆ ଜଙ୍ଗଲ ଛୁଆଲିବେର୍ଣ୍ଣା ନିକଟରେ ୨ ଅଭିଯୁକ୍ତ ପୋଲିସଠାରୁ ଗୋଟିଏ ବନ୍ଧୁକ ଛଡ଼ାଇ ନେଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ଆତ୍ମସମର୍ପଣ କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେମାନେ ନ ଶୁଣି ପୋଲିସ ଉପରକୁ ଗୁଳି ଚାଳନା କରିବାରୁ ପୋଲିସ ଆତ୍ମରକ୍ଷା ପାଇଁ ୩ ରାଉଣ୍ଡ ଗୁଳି ଚଳାଇଥିଲା। ୨ ଅଭିଯୁକ୍ତଙ୍କ ୨ ଗୋଡ଼ରେ ଗୋଟିଏ ଲେଖାଏ ଗୁଳି ବାଜିଥିବାବେଳେ ଗୋଟିଏ ବ୍ଲାଙ୍କ ଫାୟାର କରାଯାଇଥିବା ପୋଲିସ କହିଛି। ବଳାତ୍କାର ଶିକାର ନାବାଳିକା ଏବଂ ତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର ପାଇଁ ଅଭିଯୁକ୍ତ ଶେଖ୍ ଆଶିଷଙ୍କ ପରିବାର ଲୋକେ ଧମକ ଦେଇଥିଲେ। ଏ ନେଇ ବେଲପାହାଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ଆଶିଷଙ୍କ ନାମରେ ପୂର୍ବରୁ ୨ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ପୋଲିସ କହିଛି।

# ଅବକାରୀ ବିଭାଗ ଗାଡ଼ିକୁ ଗୁଳିମାଡ଼



ଗିରଫ ହୋଇଥିବା ଅଭିଯୁକ୍ତ।



ଜବତ ହୋଇଥିବା ଗୋରୁ।

**ସୁନ୍ଦରଗଡ଼,୧୨।୪ (ଜୟ ନାରାୟଣ ମେହେଟ୍ଟଲି)**

■ ଜଣେ ଗିରଫ, ୨ ଫେରାର
■ ପିକ୍‌ଅପ୍ ଭ୍ୟାନ୍‌ରେ ହେଉଥିଲା ଗୋରୁ ଚାଲାଣ
■ ଚୋରାମଦ ଚାଲାଣ ସନ୍ଦେହରେ ଗୋଡ଼ାଉଥିଲା ଅବକାରୀ ବିଭାଗ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସରଗଡ଼-ମଶାବିରା ରାସ୍ତାରେ ଶନିବାର ଭୋର ସମୟରେ ଅବକାରୀ ବିଭାଗର ଗାଡ଼ି ଉପରକୁ ଗୁଳିମାଡ଼ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁତ୍ରା ଥାନା ଖଟକୁର ବାହାଲର ଅବ୍ବାଜ ଖାନ୍(୨୧)। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ, ଗୋଟିଏ ମୋବାଇଲ ଫୋନ, ୨,୦୪୦ଟଙ୍କା ସହ ଗୋରୁ ବୋଝେଇ ପିକ୍ ଅପ ଭ୍ୟାନକୁ ଜବତ କରିଛି। ହେମଗିର ଅବକାରୀ ସବ୍ ଇନ୍‌ସପେକ୍ଟର ବୀରେନ୍ଦ୍ର ଲାକ୍ରାଙ୍କ ରିପୋର୍ଟ କ୍ରମେ ପୋଲିସ ଲେଫ୍ରିପଡ଼ା ଥାନାରେ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୦୩(୨), ୧୦୯/୩(୫),୨୫/୨୭ଆର୍ମ୍ସଆକ୍ଟ ଓ ପଶୁ ଚାଲାଣ ନିରୋଧ ଆଇନରେ ଏକ ମାମଲା(ନଂ. ୬୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ପ୍ରାୟ ୩ ରାଉଣ୍ଡ ଗୁଳି ଚାଳନା କରିଥିବା ଜଣାପଡ଼ିଛି। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସୂଚନା ମୁତାବକ, ପଡ଼ୋଶୀ ଛତିଶଗଡ଼ର ରାୟଗଡ଼ ଅଞ୍ଚଳରୁ ଏକ ପିକ୍‌ଅପ୍‌ରେ ଚୋରା ମହୁଲ ଓ ମଦ ଆସୁଥିବା ନେଇ ହେମଗିର ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସନ୍ଦେହରେ ଏକ ପିକ୍‌ଅପ୍ ଭ୍ୟାନକୁ ଅବକାରୀ ବିଭାଗ କର୍ମଚାରୀ ଅଟକାଇଥିଲେ। ପିକ୍‌ଅପ୍ ଭ୍ୟାନରେ ଥିବା ଦୁର୍ବୃତ୍ତମାନେ କର୍ମଚାରୀଙ୍କ ଗାଡ଼ିକୁ ୩ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଅବକାରୀ ବିଭାଗ ଗାଡ଼ିରେ ଗୋଟିଏ ରାଉଣ୍ଡ ଗୁଳି ବାଜିଥିଲା। ପରେ ପିକ୍‌ଅପ୍ ଗାଡ଼ିକୁ ଅଟକାଇ ଯାଞ୍ଚ ବେଳେ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଲେଫ୍ରିପଡ଼ା ପୋଲିସ ସରଗଡ଼-ମଶାବିରା ରାସ୍ତାରେ ପିକ୍‌ଅପରେ ଥିବା ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ପିକ୍‌ଅପ୍ ଭ୍ୟାନରେ ଥିବା ୯ ଗୋରୁଙ୍କୁ ଗୋ-ଶାଳାରେ ଛାଡ଼ିଯିବ ବୋଲି ଥାନା ଆଇଆଇସି ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅବକାରୀ ବିଭାଗର କୌଣସି କର୍ମଚାରୀଙ୍କ ଦେହରେ ଗୁଳି ବାଜି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୨।୪ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲ୍ଲା ଗହୀରମଥାର ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରୁ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଶନିବାର ଏକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଲା ନିକଟରୁ ପ୍ରଭାତୀ-୩ ନାମକ ଟ୍ରଲରକୁ ଜବତ କରିଥିଲା। ଟ୍ରଲରରୁ ୩ କୁଇଣ୍ଟାଲ ମାଛ, ଗୋଟିଏ ଜିପିଏସ୍, ଗୋଟିଏ ଭିଏଚ୍‌ଏଫ୍, ଗୋଟିଏ ଫିସ୍‌ଫାଇଣ୍ଡର, ୭ଟି ଜାଲ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ମତ୍ସ୍ୟଜୀବୀମାନେ ହେଲେ ବାସୁଦେବ ଗିରି, ସୂର୍ଯ୍ୟକାନ୍ତ ଗିରି, ବିଶ୍ୱରଞ୍ଜନ ମଲିକ, ବାସୁଦେବ ବେରା, ମାଧବ ପଣ୍ଡା, ସୁଦର୍ଶନ ପ୍ରଧାନ, ମହେନ୍ଦ୍ର ଭୂୟାଁ। ବନ୍ୟପ୍ରାଣୀ ଆଇନର ୧୯୭୨ ଧାରାରେ ମକଦ୍ଦମା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲାର ବାସିନ୍ଦା ବୋଲି ସୂଚନା ମିଳିଛି।

# କିନ୍ନରଙ୍କ ଝୁଲନ୍ତା ମୃତଦେହ ଜବତ

**ଦିଗପହଣ୍ଡି,୧୨।୪ (ଅଶେଷ ନାଥ ମିଶ୍ର)**

## ଦଣ୍ଡନାଚ ଦଳରୁ ହଠାତ୍ ନିଖୋଜ ହୋଇଯାଇଥିଲେ



ଅଜିତ ବିଷୋୟୀ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫସିଗୁଡ଼ା ଗ୍ରାମର କୁଲୁ ବିଷୋୟୀଙ୍କ ଘରୁ ଶନିବାର ସକାଳେ ସନ୍ଦେହଜନକ ଅବସ୍ଥାରେ ଜଣେ କିନ୍ନରଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ କୋଳିନ୍ଦା ଗ୍ରାମର ଅଜିତ ବିଷୋୟୀ(୩୨)। ଶୁକ୍ରବାର ରାତିରେ ଦିଗପହଣ୍ଡି ବ୍ଲକର ଉକ୍ତ ଗ୍ରାମରେ ନାଚ ପରିବେଷଣ କରିଥିଲେ। ଉକ୍ତ ନାଚ ଦଳରେ ଅଜିତ [illegible] ଅଭିନୟ କରୁଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଦଣ୍ଡନାଚ ଦଳର କିଛି ସହକର୍ମୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରାତିରେ ପ୍ରସାଦ ସେବନ ପରେ ଅଜିତ ଆକସ୍ମିକ ଭାବେ ନିଖୋଜ ହୋଇ ଯାଇଥିଲେ। ଦଣ୍ଡନାଚ ଦଳର ଅଭିନେତ୍ରୀ ଅଭିନେତାମାନେ ରହିଥିବା ଘରର ମାଲିକ କୁଲୁ ତାଙ୍କ ସାଇକେଲ ଆଣିବାକୁ ଶନିବାର ସକାଳେ ଯାଇଥିବା ବେଳେ ଅଜିତଙ୍କ ମୃତଦେହ ଘର ମଧ୍ୟରେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ସେ ଏନେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦଣ୍ଡନାଚ ଅନୁଷ୍ଠାନର ମ୍ୟାନେଜର ଗୁଣନିଧି ପାଣିଗ୍ରାହୀ ଦିଗପହଣ୍ଡିଥାନାରେ ଏନେଇ ଏତଲା ଦେବା ପରେ ଆଇଆଇସି ପ୍ରଶାନ୍ତ ପାତ୍ର ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ପାତ୍ର କହିଛନ୍ତି।

# ଦିନ ଦ୍ୱିପ୍ରହରରେ ରାସ୍ତାରେ ଯୁବକଙ୍କୁ ହତ୍ୟା, ୨ ଅଟକ

## ଟଙ୍କା କାରବାରକୁ କେନ୍ଦ୍ର କରି ହତ୍ୟାକାଣ୍ଡ ସନ୍ଦେହ

**ବଲାଙ୍ଗୀର,୧୨।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଚିମିନିଭାଟିପଡ଼ା ରାସ୍ତା ମଝିରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ଚିମିନିଭାଟି ପଡ଼ାର ରାମ ଦାସ (୪୦)। ସେ ଜଣେ ଟ୍ରକ୍ ଡ୍ରାଇଭର ବୋଲି ଚିହ୍ନଟ କରାଯାଇଛି। ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରି ଫେରାର ହୋଇଯାଇଛନ୍ତି। ସହରର ବିଟ୍ ରାସ୍ତାରେ ହତ୍ୟାକାଣ୍ଡ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ମୃତଦେହ ନିକଟରେ ଠେଙ୍ଗା ଓ ଏକ ବାଇକ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହି ଘଟଣାରେ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଟଙ୍କା ନେଣଦେଣ କାରବାରକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରାମ ଦାସ ଏକ ବାଇକ୍ ଯୋଗେ ଚିମିନିଭାଟି ପଡ଼ାକୁ ଫେରୁଥିଲେ। ତାଙ୍କୁ ଚିମିନିଭାଟି ପଡ଼ା ପ୍ରାଥମିକ ସ୍କୁଲ ନିକଟ ରାସ୍ତା ଉପରେ କେହି ଅଟକାଇ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ହତ୍ୟାରେ କିଏ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ ଟାଉନ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ଘଟଣା ବିଷୟରେ କେବଳ ତଦନ୍ତ ଚାଲିଛି ବୋଲି ସଦର ଏସଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ତଳେ ସଦର ଥାନା ଅନ୍ତର୍ଗତ ସରଗାଡ ଗାଁ ବିଟ୍ ରାସ୍ତାରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବାପପୁଅ ଗିରଫ ହୋଇଥିଲେ। ବଲାଙ୍ଗୀର ଜିଲାରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନେ ଏସପି ଅଭିଲାଷ ଜି.ଙ୍କୁ ପୋଲିସ କ'ଣ କରୁଛି ବୋଲି ପ୍ରଶ୍ନ କରିବାରୁ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା କହିଛନ୍ତି।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

**ଜୟପୁର/ମାଲକାନଗିରି/ଆସିକା, ୧୨।୪(ପବନ ପାଣିଗ୍ରାହୀ/ ଦୁର୍ଯ୍ୟୋଧନ ପାତ୍ର/ ସୁରେନ୍ଦ୍ର ନାଥ ସାହୁ)**

■ ୧୮ ଲକ୍ଷ ୧୧ ହଜାର ଟଙ୍କା ଜବତ
■ ବିଭିନ୍ନ ସ୍ଥାନରୁ ଫ୍ଲାଟ୍, ପ୍ଲଟ୍ ଠାବ

ମାଲକାନଗିରି ଜିଲା ଚିତ୍ରୋକୋଣ୍ଡା ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀ ଟଙ୍କା ନେଇ ଭୁବନେଶ୍ୱର ଯାଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶୁକ୍ରବାର ତାଙ୍କୁ ଅଟକ ରଖି ପଚରାଉଚରା ପରେ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କ ଜାମିନ ଆବେଦନ ସ୍ଥଗିତ ରଖାଯାଇଛି। ଆଗାମୀ ୧୪ ଦିନ ପରେ ଏହାର ଶୁଣାଣି କରାଯିବାକୁ ଥିବା ବେଳେ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀ ଶୁକ୍ରବାର ତାଙ୍କର ଜଣେ ସହଯୋଗୀ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କ ସହ କାର(ଓଡି-୩୦ଇ-୩୦୯୬)ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ପୂର୍ବ ସୂଚନା ଅନୁଯାୟୀ ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲୀ ଛକରେ କାରକୁ ଅଟକାଇ ଯାଞ୍ଚ କରିଥିଲେ। କାର ଭିତରୁ ନୋଟ୍ ଭର୍ତ୍ତି ହୋଇ ରହିଥିବା ଏକ ବ୍ୟାଗକୁ ଜବତ କରିଥିଲେ। କିନ୍ତୁ ସନ୍ଧ୍ୟା ଯୋଗୁ ଭିଜିଲାନ୍ସ ଅଧିକାରୀମାନେ ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟକୁ ଟଙ୍କା ଭର୍ତ୍ତି ବ୍ୟାଗକୁ ଆଣିଥିଲେ। ସେଥିରେ ୫ ଲକ୍ଷ ୭ ହଜାର ଟଙ୍କା ଥିବା ଗଣତିରୁ ଜଣାପଡ଼ିଥିଲା। ଏତେ ପରିମାଣର ଟଙ୍କା କେଉଁଠାରୁ ଆସିଲା ନେଇ ଅଧିକାରୀଙ୍କ ପ୍ରଶ୍ନର କୌଣସି ସନ୍ତୋଷମୂଳକ ଉତ୍ତର ଯନ୍ତ୍ରୀ ପାଣିଗ୍ରାହୀ ଦେଇପାରିନଥିବାରୁ ତାଙ୍କୁ ପଚରାଉଚରା ଜାରି ରଖାଯାଇଥିଲା। ଏଥିସହ ଚିତ୍ରକୋଣ୍ଡାସ୍ଥିତ ତାଙ୍କ ବାସଭବନ ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣାସ୍ଥିତ ନନ୍ଦାଦେବୀ ଆପାର୍ଟମେଣ୍ଟରେ ଥିବା ତାଙ୍କ ବାସଭବନ, ଆସିକା ତାଲୁକାସ୍ଥିତ ପୈତୃକ ବାସଭବନ ଉପରେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ବାସଭବନରୁ ୧୩ ଲକ୍ଷ ୪ହଜାର ୨ଶହ ଟଙ୍କା ଏହିପରି ମୋଟ ୧୮ଲକ୍ଷ ୧୧ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ଏହି ଟିମ୍ ପୈତୃକ ବାସଭବନ ଓ ତତ୍‌ସଂଲଗ୍ନ ସ୍ଥାବର ସମ୍ପତ୍ତି ମାପଚୁପ କରି ମୂଲ୍ୟ ଆକଳନ କରିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱରରେ ୧୫୦୦ ବର୍ଗଫୁଟର ବାସଗୃହ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ୨ଟି, ବରଗଡରେ ଗୋଟିଏ ଏବଂ ଗଞ୍ଜାମ ଜିଲା ଆସିକାରେ ପ୍ଲଟ୍ ରହିଛି। ଯନ୍ତ୍ରୀଙ୍କ ନିକଟରେ ୨୭୦ ଗ୍ରାମ ଓଜନର ସୁନାଗହଣା, ଗୋଟିଏ କାର, ୭୨ଲକ୍ଷ ୨୦ ହଜାର ଟଙ୍କାର ଜୀବନବୀମା ଥିବା ଯାଞ୍ଚରୁ ଜଣାପଡିଛି। ତାଙ୍କ ସହିତ କାରରେ ଯାଉଥିବା କନିଷ୍ଠ ଯନ୍ତ୍ରୀ ବେହେରାଙ୍କ କୌଣସି ସମ୍ପୃକ୍ତି ନ ଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଛାଡ଼ି ଦେଇଛି।


**OFFICE OF THE ZILLA PARISHAD, KALAHANDI**
**AT/POST-BHAWANIPATNA**
Email : ori-dkalahandi@nic.in, Phone No. : 06670-230334
**Notice No-1742/ Date 08.04.2025**

**No.CAD-101** : Zilla Parishad, Kalahandi invites "Expression of interest for selection of Manpower Service providing Agencies to provide manpower under Rural Housing Scheme". The bid documents containing last date for submission/opening of tender/eligibility criteria and detail terms and conditions of the tender can be downloaded from the District website https://kalahandi.nic.in.

**OIPR-19287/11/0005/2526** **Sd./- CDO-Cum-EO, ZP, Kalahandi**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.04.2025 - 183rd & 184th E-auction)**
**IRON ORE CLO & FINES**

No. CAD-134: The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.04.2025.**
For details, please visit the website of MSTC i.e. **www.mstcecommerce.com**.

**OIPR-30005/11/0177/2526** **Chief General Manager (S&M)**

**ODISHA PUBLIC SERVICE COMMISSION**
**NOTICE**
No.2361/P.S.C., Dt. 11.04.2025
(1E-36-2023/24) (DR-II)
**No.D-11**

**5th Corrigendum to Advertisement No. 19 of 2023-24 for recruitment to the posts of Assistant Executive Engineer (Civil & Mechanical), under the Department of Water Resources, Government of Odisha.**

1. The original Advertisement for recruitment of total 580 & 41 posts of Assistant Executive Engineer in Civil & Mechanical respectively under Water Resources Department was published vide Advertisement No. 19 of 2023-24 on 28.12.2023. Four Corrigenda to this Advertisement were issued and the last date of application was extended till 26.02.2024 in the 4th Corrigendum issued vide Notice No. 961/PSC, dated 17.02.2024.
2. The interim order dated 07.03.2024, passed by the Hon'ble High Court in W.P.(C) No. 596 of 2024 and similar such W.P.(C)s, directed the Opposite Parties to proceed with the selection process pursuant to Advertisement No. 19 of 2023-24 dated 28.12.2023. However, the final result of such recruitment test shall not be published without leave of this court. Accordingly, the Commission conducted the interview of candidates on 09.07.2024 & 10.07.2024 for Assistant Executive Engineer (Mechanical) vide Notice No. 3321/PSC, dated 28.06.2024 & from 16.07.2024 to 30.07.2024 for Assistant Executive Engineer (Civil) vide Notice No.3603/PSC, dated 09.07.2024 and did not publish the result thereof.
3. Now, in pursuance to the Orders dated 15.01.2025 of the Hon'ble High Court of Odisha, Cuttack in W.P.(C) No. 596 of 2024, W.P.(C) No. 10185 of 2024, W.P.(C) No. 42059 of 2023, W.P.(C) No. 8166 of 2024 & W.A. No. 948 of 2024, the period for submission of online application for recruitment to the posts of **Assistant Executive Engineer (Civil & Mechanical)**, as per Advertisement No. 19 of 2023-24 read with all earlier Corrigenda issued thereto, is further rescheduled and the live application shall be available from **22.04.2025** to **08.05.2025** **(11.59 P.M.) (Note: 08.05.2025 is the last date for submission of registered online application).**
4. The candidates who are eligible in terms of **(i) Educational Qualification** provided at Para-4 of Advertisement No. 19 of 2023-24 read with 3rd Corrigendum vide Notice No.376/PSC, dated 19.01.2024 as on the last date of application, i.e. 26.02.2024 of the Advertisement No.19 of 2023- 24, **(ii) Age** as per the requirement in Para-3 of Advertisement No. 19 of 2023-24 and **(iii)** have got valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024 may apply in pursuance to this Corrigendum.
5. Those candidates who have already submitted their online applications by 26.02.2024 with valid GATE Score in their applications and whose applications have been processed for shortlisting for interview need not apply again. However, they will be given the option to update and upload the upgraded/enhanced valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 if they have got any upgraded/enhanced valid GATE Score subsequent to the last date of application, i.e. 26.02.2024 and can furnish the same through the online application portal in "My Applications" section of https://opscechayan.in portal. The last date of updating the information on upgraded/enhanced valid GATE Score will be **08.05.2025 (11.59 P.M.)**. Those candidates who do not want to alter their submitted GATE Score details are not required to do anything.
6. However, those candidates who had already applied by the last date i.e. 26.02.2024, but their applications were not processed for shortlisting for interview because of non-furnishing of valid GATE Score, may enter/upload the valid GATE Score through the online application portal in "My Applications" section of https://opscechayan.in portal, in pursuance to this Corrigendum if they possess a valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024. The last date for updating the valid GATE Score will be **08.05.2025 (11.59 P.M.)**.
7. For all fresh applicants as mentioned in Para-4 supra the educational qualification as on the last date of application and age eligibility will strictly remain the same as per the terms of the Advertisement No. 19 of 2023-24 read with all earlier Corrigenda issued thereto without any changes i.e. they must possess B. Tech / B.E. Degree in Civil/ Mechanical Engineering by 26.02.2024 and they should have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.
8. The marks secured by the candidates in the interview who had already appeared for the interview vide Notice No. 3321/PSC, dated 28.06.2024 for AEE (Mechanical) & Notice No. 3603/PSC, dated 09.07.2024 for AEE (Civil) will remain valid and will be taken into account in preparation of the final Select List as per "Method of Selection" in Para-5 of the Advertisement No. 19 of 2023-24.
9. All other terms and conditions specified in Advertisement No. 19 of 2023-24 along with all earlier Corrigenda issued thereto shall remain unchanged.
10. **FACILITATION COUNTER :-**
To resolve any technical problems faced in filling up of online Application forms, candidates may contact OPSC Technical Support **over Telephone No. 0671-2304707** between 10.30 A.M. to 1.30 P.M. & 2.00 P.M. to 5.30 P.M. on any Odisha Government working days.
In case of any guidance/information, candidates may go through the FAQ available in the website of the Commission or contact the O.P.S.C. Facilitation Counter over Telephone No. 0671- 2304141/2305611 & Extn.- 227 on any working day between 10.30 A.M. to 1.30 P.M. & 2.00 P.M. to 5.30 P.M.
**The concerned candidates are advised to visit the website of the Commission at www.opsc.gov.in.**

**OIPR-12002/11/0185/2526** **Sd./- Secretary**

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828
Email: admin@tdccorissa.org, website: www.tdccorissa.org
**Letter No : 677/TDCCOL** **Date : 11/04/2025**

**Detail Tender Call Notice for Supply of customized Koraput Coffee branded water proof food grade paper cup to TDCCOL**

**No.CAD-105** : Sealed Tender(s) are invited from registered suppliers/ manufacturers for supply of customized Koraput Coffee branded water proof food grade paper cups to TDCCOL for a period of One year. The tenderer(s) should quote their basic rate, tax and other charges if any. The last date of submission of tender is 25.04.2025 till 4:00 PM. The detail of Tender call notice, instruction and terms and conditions can be downloaded from the official website www.tdccorissa.org. The Managing Director, TDCCOL reserves the right to accept or reject any or all the Tenders without assigning any reason thereof.

**OIPR-26005/11/0007/2526** **Sd./- Managing Director**

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
D-2/3 & 4, Industrial Estate, Rasulgarh, Bhubaneswar-751010,

**QUOTATION CALL NOTICE**

**No.CAD-97** : Sealed Quotations are invited from registered firm for supply of Printing of the Form & Register & Office stationery items for the Financial year 2025-26. The tender paper can be obtained from the office of the undersigned on deposit of **Rs.1000/- (Rupees one thousand)** only in cash towards cost of the each tender paper & Schedule form on any working days from **Dt.15.04.2025**. The last date for sale of tender paper is **Dt.22.04.2025 by 3.00 P.M.** The Tender Papers is available in website of OSCHC Ltd., Bhubaneswar www.utkalikaodisha.in. The tender paper will be opened on the same day i.e. on **Dt.22.04.2025 at 4.00 P.M.** in presence of the Tenderers or their authorised representatives and Officials of the Corporation.

The authority reserves the right to accept / reject any or all tender papers without assigning any reason thereof.

**OIPR-31041/11/0056/2526** **Sd./- Manager**

**CDA କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**

No. CAD-124: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3E/976ଟିକୁ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ସ୍ୱାମୀ: ସଚ୍ଚିଦାନନ୍ଦ ମୁଦୁଲି, ସା: ଚାନ୍ଦୋଳ, ପୋ.: କାଦୁଅପଡ଼ା, ଥା/ଜିଲ୍ଲା: ଜଗତ୍‌ସିଂହପୁର - 754106ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶୁଭ୍ରାଜ୍ୟୋତି ମିଶ୍ର, ସ୍ୱାମୀ: ଜ୍ଞାନ ରଞ୍ଜନ ଶତପଥୀ, ସା./ପୋ.: ଓଡ଼ିସୋ, ଅଣ୍ଡେଇଗୋଡ଼ା, ଥା: କୁଆଖିଆ, ଧର୍ମଶାଳା, ଜିଲ୍ଲା: ଯାଜପୁର - 755008ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**OIPR-13037/11/0231/2526** ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

**OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA-766001 (ODISHA)**
**(Social Welfare Section)**
**No.:1181** **Date : 10.04.2025**

**Tender Call Notice**

**No.g-07** : Sealed tenders are invited in the prescribed forms from the intending individuals/ Companies/ Firms /Corporations having valid agent's license for transportation of foodstuff under SNP Feeding Programme of Kalahandi District during the year 2025-26. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 1:00 P.M. of 25.04.2025 and will be opened in the presence of the tenderers or their authorized representatives on 29.04.2025 at 11:00 A.M. at the Collectorate Conference Hall, Kalahandi. The tender documents can be obtained from the District Social Welfare Officer, Kalahandi on payment of Rs.10,000/- (Rupees Ten thousand) only in shape of Bank Draft in favour of the "District Social Welfare Officer, Kalahandi" as Tender paper cost. The tender received beyond the date and time mentioned above shall not be taken into consideration. The cost of tender paper is not refundable.

Not withstanding anything contained to the contrary in the tender document, the undersigned reserves the right to cancel or modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detailed terms and conditions may be downloaded from the District website **www.kalahandi.nic.in.**

**OIPR-24180/11/0009/2526** **Sd./- Collector, Kalahandi**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦାୟିତ୍ୱ ଗ୍ରହଣ କଲେ ସମୀର


ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଗହଣରେ ସମୀର ମହାନ୍ତି।

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ଅଲିମ୍ପିକ୍‌ଆସୋସିଏଶନ (ଓଓଏ)ର ନବ ନିର୍ବାଚିତ ସଭାପତି ସମୀର ମହାନ୍ତି ଶନିବାର କଟକସ୍ଥିତ ଆସୋସିଏଶନ ମୁଖ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସେ ଆସୋସିଏଶନର ଅଧିକାରୀ ଓ କର୍ମଚାରୀଙ୍କ ସହ ଭାବ ବିନିମୟ କରିଛନ୍ତି। ''ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ସହ ରାଜ୍ୟର ସ୍ପୋର୍ଟ୍ସ ଇକୋ ସିଷ୍ଟମକୁ ଦୃଢ଼ କରିବା ଉପରେ ଫୋକସ ରହିବ। ଆଥ୍‌ଲେଟ୍‌ମାନେ ଯେପରି କ୍ୱାଲିଟି ଟ୍ରେନିଂ ପାଇ ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ନିଜର ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରିବେ ତା' ଉପରେ ଗୁରୁତ୍ୱ ଦିଆଯିବ'' ବୋଲି ସମୀର ପ୍ରକାଶ କରିଛନ୍ତି। ଏହି ଅବସରରେ ଓଓଏ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାରତରୁ ଖେଳିବେ କିଟ୍‌ର ୪ ଖେଳାଳି

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିବା ପାଇଁ କିଟ୍‌ର ୪ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କବିର ହଂସ, ଅଥର୍ବ ଶର୍ମା ଇଣ୍ଡିଆନ ୟୁନିଭର୍ସିଟି ଲନ୍ ଟେନିସ (ପୁରୁଷ) ଏବଂ ଅନନ୍ୟା ସିଂ ଓ ଗମିତ ମିନାଲ ମହିଳା ଭଲିବଲ ଦଳରେ ସାମିଲ ହୋଇଛନ୍ତି। କିଟ୍ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ମହିଳା ଭଲିବଲର ଚୟନ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ସେହିପରି ଲନ୍ ଟେନିସ ଚୟନ ଟ୍ରାଏଲ୍ସ ଲିଆଣ୍ଡର ପେସ୍ ଟେନିସ କୋର୍ଟରେ ଆୟୋଜିତ ହୋଇଥିଲା। ଗତ ୯ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଚୟନ ଟ୍ରାଏଲ୍ସରେ ୭୦ ଭଲିବଲ ଓ ୫୬ ଟେନିସ ଖେଳାଳି ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଶେଷ ଭାଗରେ କିଟ୍‌ରେ ଆଥ୍‌ଲେଟିକ୍ସ ଓ ବ୍ୟାଡ୍‌ମିଣ୍ଟନର ମଧ୍ୟ ଚୟନ ଟ୍ରାଏଲ୍ସ ହେବ। ଆର୍ଚେରିର ଟ୍ରାଏଲ୍ସ ମଧ୍ୟ ଏଠାରେ ହୋଇଥିଲା। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଡବ୍ଲ୍ୟୁଟିସି ସାଇକେଲ ପଏଣ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରେ

**ଲଣ୍ଡନ,୧୨।୪(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ପଏଣ୍ଟ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ କରିବା ଲାଗି ରାଜି ହୋଇପାରେ। ତେବେ ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ କରିବାର ବିକଳ୍ପ ଉପରେ ଆଲୋଚନା ହେବାର ଖୁବ୍ କମ ସମ୍ଭାବନା ରହିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ କ୍ରିକେଟର ପରିଚାଳନା ସଂସ୍ଥା ଦୀର୍ଘଦିନ ହେଲା ବଡ଼ ବ୍ୟବଧାନରେ ବିଜୟ ଲାଗି ବୋନସ ପଏଣ୍ଟର ନୂଆ ବ୍ୟବସ୍ଥା ଉପରେ ବିଚାର କରୁଛି। ଏଭଳି ପଏଣ୍ଟ ବ୍ୟବସ୍ଥା ରଗ୍‌ବୀ ୟୁନିଅନ ଦ୍ୱାରା ବ୍ୟବହାର କରାଯାଏ। ଅପେକ୍ଷାକୃତ ଶକ୍ତିଶାଳୀ ଦଳ ବିରୋଧରେ ମିଳିଥିବା ବିଜୟ ଓ ବିଦେଶରେ ଜିତିବା ଲାଗି ଅତିରିକ୍ତ ପଏଣ୍ଟ ଉପରେ ଜିମ୍ବାୱେଠାରେ ଚାଲିଥିବା ୪ ଦିନିଆ ବୈଠକରେ ଆଲୋଚନା ହେବ। ପରବର୍ତ୍ତୀ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆସନ୍ତା ଜୁନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସହିତ ଆରମ୍ଭ ହେବ। ୨୦୨୩-୨୫ ସାଇକେଲର ଫାଇନାଲ ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ।

### ଏକକ ଲିଗ୍ ଫର୍ମାଟ ରହିପାରେ

ବର୍ତ୍ତମାନ ଲାଗି ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ ଭାଗ କରିବାର ଯୋଜନାକୁ ଆଇସିସି ସ୍ଥଗିତ ରଖିପାରେ। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଡବ୍ଲ୍ୟୁଟିସିକୁ ଦୁଇଟି ଡିଭିଜନରେ ଭାଗ କରିବାକୁ ସୁପାରିସ ଦିଆଯାଇଥିଲା। ଏହା ଉପରେ ଭୋଟିଂ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦୁଇ ଥାକିଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆଇସିସିକୁ ଆର୍ଥିକ ଓ କ୍ରୀଡ଼ାଭିତ୍ତିକ ପ୍ରଭାବ ଉପରେ ବିଚାର କରିବାକୁ ପଡ଼ିବ।

# ଆନ୍ତଃଜିଲ୍ଲା ସିନିୟର ରଗ୍‌ବୀ ଉଦ୍‌ଯାପିତ

## କେନ୍ଦୁଝରକୁ ହରାଇ କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟ ଓ ଚୟନ ଟ୍ରାଏଲ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ କିସ୍ ୨୦-୦ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୧୦-୫ରେ ଭୁବନେଶ୍ୱରକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ କିସ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶାକୁ ବ୍ରୋଞ୍ଜ ପଦକ

## ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ସଫଳ ଫର୍ଦ୍ଦ। କେନ୍ଦୁଝର ଠାରେ ଶନିବାର ଉଦ୍‌ଯାପିତ ହୋଇଥିବା ୩୯ତମ ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛି। ସେମିଫାଇନାଲରେ ଓଡ଼ିଶା ୨୧-୩୬ ଗୋଲରେ ଉତ୍ତରପ୍ରଦେଶଠାରୁ ପରାଜିତ ହୋଇଥିଲା। ଖେଳର ନିୟମ ଅନୁସାରେ ଅନ୍ୟ ପରାଜିତ ସେମିଫାଇନାଲିଷ୍ଟ ହରିୟାଣା ସହ ଓଡ଼ିଶା ଯୁଗ୍ମଭାବେ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪-୪ରେ ଦିଲ୍ଲୀକୁ ଓ କ୍ୱାର୍ଟର ଫାଇନାଲରେ ମଣିପୁରକୁ ୨୪-୨୧ରେ ପରାସ୍ତ କରିଥିଲା। ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି।


ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

# ଦିନିକିଆରେ ଦୁଇ ବଲ ବ୍ୟବହାର ନିୟମ ବଦଳିପାରେ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ଦିନିକିଆ କ୍ରିକେଟ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଉଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୫୦ ଓଭରିଆ ଫର୍ମାଟରେ ଦୁଇ ନୂଆ ବଲର ବ୍ୟବହାର ନିୟମରେ ପରିବର୍ତ୍ତନ କରିପାରେ। ଦିନିକିଆ ଫର୍ମାଟରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଦୁଇ ନୂଆ ବଲ ବ୍ୟବହାର କରାଯାଉଛି। ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟି ଦିନିକିଆରେ ଗୋଟିଏ ବଲ ବ୍ୟବହାର କରିବାକୁ ସୁପାରିସ କରିଛି। ଏହି ସୁପାରିସକୁ ପ୍ଲେଇଂ କଣ୍ଡିଶନରେ ସାମିଲ କରିବା ପାଇଁ ଆଇସିସି ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ମଞ୍ଜୁରୀ ଦରକାର। ଆଇସିସି ବୋର୍ଡ ସଦସ୍ୟ ହରାରେରେ ରବିବାର ଏ ସଂକ୍ରାନ୍ତରେ ଆଲୋଚନା କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଦିନିକିଆରେ ଦୁଇଟି ନୂଆ ଧଳା କୁକାବୁରା ବଲ ବ୍ୟବହାର କରାଯାଉଛି। ବୋଲରମାନେ ଉଭୟ ଏଣ୍ଡରୁ ଭିନ୍ନ ଭିନ୍ନ ନୂଆ ବଲ ବ୍ୟବହାର କରୁଥିବାରୁ ବଲ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ହାର୍ଡ ରହୁଛି। ଏହା ବ୍ୟାଟରଙ୍କୁ ମୁକ୍ତ ଭାବେ ସ୍କୋର କରିବାକୁ ସୁଯୋଗ ଦେଉଛି। ୩୦ ୟାର୍ଡ ସର୍କଲ ବାହାରେ ମାତ୍ର ୪ ଖେଳାଳିଙ୍କୁ ଅନୁମତି ଥିବାରୁ ବୋଲରଙ୍କ ଅପେକ୍ଷା ବ୍ୟାଟରମାନେ ଅଧିକ ଫାଇଦାରେ ରହୁଛନ୍ତି। ଏପରି କି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ୍ୟ ଦୁଇ ନୂଆ ବଲ ବ୍ୟବହାରକୁ ନାପସନ୍ଦ କରିଥିଲେ। ଦୁଇ ନୂଆ ବଲର ବ୍ୟବହାର ଯୋଗୁ ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁନାହିଁ। କାରଣ ରିଭର୍ସ ସ୍ୱିଙ୍ଗ ହେବା ଲାଗି ବଲକୁ ଅତିକମ୍‌ରେ ୩୫ ଓଭର ପୁରୁଣା ହେବା ଦରକାର। ବଲ ପୂରା ମ୍ୟାଚରେ ହାର୍ଡ ରହୁଥିବାରୁ ସ୍ପିନରମାନେ ବି ସଂଘର୍ଷ କରୁଛନ୍ତି। ଦୁଇଟି ବଲ ୨୫ତମ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ତା' ପରେ ବୋଲିଂ ଦଳକୁ ଦୁଇ ବଲ ମଧ୍ୟରୁ ଗୋଟିଏ ବାଛିବାକୁ ବିକଳ୍ପ ଦିଆଯାଇପାରେ, ଯେଉଁଥିରେ ଦଳ ମ୍ୟାଚ ଶେଷ ପର୍ଯ୍ୟନ୍ତ ବୋଲିଂ କରିବ।

### ଟେଷ୍ଟରେ ଟାଇମ୍ କ୍ଲକ

ଟାଇମ୍‌ର କ୍ଲକ ସମ୍ପର୍କରେ ସୁପାରିସ କରାଯାଇଛି ଯେ, ପ୍ରତି ଓଭର ମଧ୍ୟରେ ବୋଲିଂ ଦଳକୁ ୬୦ ସେକେଣ୍ଡ ଅନୁମତି ଦିଆଯିବ ଏବଂ ଏକ ଦିନରେ ୯୦ ଓଭର ବୋଲିଂ କରିବା ପାଇଁ ଏକ ନିର୍ଦ୍ଧାରିତ ସମୟ ଦିଆଯିବ। ଧୀମା ଓଭର ହାର ଲାଗି ଟି୨୦ରେ ନିୟମ ରହିଛି। ଛୋଟିଆ ଫର୍ମାଟରେ ସମୟ ମଧ୍ୟରେ ଓଭର ଶେଷ ନ କରିଥିବା ଦଳକୁ ୧୯ତମ ଓଭର ଶେଷରେ ସର୍କଲ ମଧ୍ୟରେ ଅତିରିକ୍ତ ଜଣେ ଫିଲ୍ଡରଙ୍କୁ ରଖିବାକୁ ପଡ଼େ।

## ପଙ୍କଜ ଆଡ୍‌ଭାନୀଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏଠାରେ ଚାଲିଥିବା ଡବ୍ଲ୍ୟୁବିଏଲ୍ ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ବେଷ୍ଟ ଅଫ୍ ୧୫ ଫାଇନାଲ ମୁକାବିଲାରେ ସେ ବ୍ରିଟେନର ଡେଭିଡ୍ କଜିରଙ୍କଠାରୁ ଅଳ୍ପକେ ହାରିଯାଇଛନ୍ତି। ଆୟର୍ଲାଣ୍ଡର କାର୍ଲୋଠାରେ ଅନୁଷ୍ଠିତ ଏହି ମୁକାବିଲାରେ ଉଭୟ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ତେବେ କଜିର ଅଳ୍ପକେ ୮-୭ (୧୯-୧୦୦, ୦-୧୦୦, ୧୦୦-୪୭, ୧୦୦-୫୨, ୧୯-୧୦୦, ୧୦୦-୦, ୪୯-୧୦୦, ୧୦୦-୩, ୩୪-୧୦୦, ୪-୧୦୦, ୧୦୦-୮୫, ୩୧-୧୦୦, ୧୦୦-୫୩, ୧୦୦-୪୩, ୧୦୦-୧୮) ମୁକାବିଲା ଜିତି ନେଇଥିଲେ। ଆଡ୍‌ଭାନୀ ବର୍ତ୍ତମାନ ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଟାଇଟଲ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

ଚାକିରି କରି ଏକାକୀ ରହୁଥିବା 49ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-149

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆର୍ୟୁବେଦ ଡାକ୍ତର। ସକରାତ୍ମକତା, ବୁଝିବାରେ ଜୀବନ ଆନନ୍ଦମୟ। 9437593214. D-151

## GROOM WANTED

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ।7077016578 ଧ-୭୫୩୭୯

Beautiful Khandayat Girl 1997, 5'3" MSc, B.ed, serving Lecturer Govt. College, "Sunasansar"-9937512659. D-76257

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

## SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ଭିଙ୍ଗାରପୁର ଛକଠାରୁ 7 କି.ମି. ଆଗରେ ମୌଜା ପ୍ରତାପରୁଦ୍ରପୁରଠାରେ କେନାଲ ପିଚୁ ରାସ୍ତାକୁ ଲାଗି **24500** ବର୍ଗଫୁଟ ଜମି ବିକ୍ରି ହେବ। ପ୍ରତି ବର୍ଗଫୁଟକୁ **300** ଟଙ୍କା। ଯୋଗାଯୋଗ: **9439688844.** D-136

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types hair cutting, body massage by smart lady room services available. Contact: 7077240328. D-71396

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by odia therapist in homely atmosphere. 9556498382. D-75378

Newly open Jyoti SPA positively health benefits (Expert therapist). 8458067955. D-75908

Positively health benefited SPA by expert female therapist. 9114559860. D-75907

## BUSINESS

Learn AI Automation, Web design, SEO, Digital advertising with Digitomesh Bhubaneswar/ Puri. 100% placement guarantee in IT, Realestate, Hotels. Get AI tools 5,00,000/- 8093008289. D-052

## LOST

I, Susant Nayak, S/o- Radhu Nayak, At/P.O.- Badihi, P.S.- Tantipala, Dist.- Kendrapara, Odisha, I am the owner of the Property of ROR No.- 201/153, dt- 06.11.2023, which was purchased from Pabitra Samal vide sale deed No.- 10962301531, dt- 18.10.2023 ROR No.- 201/38, Plot No.- 430/915, which is in the name of Dinabandhu Samantray and Daitari Samantray has been purchased Vide RSD No.- 493 dt- 26.03.2007, Area- 0.060 Dec. Under Mouza- Jasuapli, Tahasil- Mahakalpada, Dist.- Kendrapara. That Original ROR No.- 201/38, Plot No.- 430/915, RSD No.- 493, dt- 26.03.2007, which is link to my property Document ROR No.- 201/153, dt- 06.11.2023, RSD No.- 10962301531 dt- 18.10.2023, has been lost some where during travel from my own house to Kendrapara at Aurata Chowk on dt- 29.03.2025 and inspite of my best efforts the ROR and the sale deed was untraceable. Any person find this document please contact the above address or on this Mobile No.- 8144569711. D-140

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Executive Magistrate, Dharmasala dated 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son's name from Mojasil Hosen To Mojammil Hussain. Henceforth, he shall be known as Mojammil Hussain for all future purposes. D-144

By an affidavit before Notary Public, Balasore, I, Rasmi Simons, D/o- Biren Chandra Das, W/o- Manuel Simons of Padhuanpada, P.S.- Sahadevkhunta, Balasore, Odisha my name recorded in Educational Certificates Rashmi Rekha Das. After my marriage with Manuel Simons presently I known as Rasmi Simons and accordingly my name in Aadhaar Card vide No.- xxxx xxxx 8058 and my Pan card EPSP0487E have been prepared as RASMI SIMONS, though I am one and same person & it will be used in future for all purposes. D-148

I, Priti Priyadarsini, D/o- Prasanta Kumar Behera, At- MIG11, H.B. Colony, P.O./P.S./Dist.- Khordha-752055, I declare by this affidavit No.- 842 dated on 28.03.2025 that now onwards I shall be known as Priti Priyadarshni for all purposes. D-73586

## ମନେ ପଡ଼ନ୍ତି

### ୧୮ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶରଦଶଶୀ ନାୟକ**

ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।

:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।
ଧ-୧୪୩

ଏକାଦଶାହରେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ ମନୋରମା ଜେନା**

ଆବିର୍ଭାବ : ୨୨.୧୨.୧୯୩୧
ତିରୋଧାନ : ୦୩.୦୪.୨୦୨୫

କୋରକରା (ଉଆସ), ଭଦ୍ରକ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବାବା ଆଖଣ୍ଡଳମଣୀ ଓ ମା ବଙ୍କବାଣୁଳୀଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ଜେନା ପରିବାର ଓ ବନ୍ଧୁବର୍ଗ
ଧ-୧୪୨

## ମିନିଟ୍ରକ୍ ଓଲଟି ଜଣଙ୍କ ମୃତ୍ୟୁ

ବଡ଼ବିଲ,୧୨।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ କାଳେଶ୍ୱର ମନ୍ଦିର ନିକଟରେ ଶୁକ୍ରବାର ଅପରାହ୍ନ ୨ଟା ୩୦ ସମୟରେ ଏକ ମିନିଟ୍ରକ୍ ଓଲଟି ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ମୃତକ ବଡ଼ବିଲ ମହାନ୍ତ ବସ୍ତି ଅଞ୍ଚଳର ଶିବରାମ ବୋଦ୍ରା(୧୫)। ସେ ମାଆ, ବାପା ଛେଉଣ୍ଡ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବଲାଣୀ ଥାନା ଡବ୍ଲ୍ୟୁ ହଟିଂ ସାପ୍ତାହିକ ହାଟକୁ ବଡ଼ବିଲରୁ ମିନିଟ୍ରକ୍ ଯୋଗେ ବ୍ୟବସାୟୀ ଯାଉଥିଲେ। କାଳେଶ୍ୱର ମନ୍ଦିର ନିକଟରେ ମିନିଟ୍ରକ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ମିନିଟ୍ରକ୍‌ରେ ହେଲ୍‌ପର ଭାବେ କାର୍ଯ୍ୟରତ ଶିବରାମଙ୍କ ସମେତ ବଡ଼ବିଲ ଶ୍ରୀରାମନଗର ଅଞ୍ଚଳର ଭରତ ସାହୁ ଏବଂ ୱାର୍ଡ ନଂ. ୮ ଅଞ୍ଚଳରେ ରହୁଥିବା ଛଟନ ଗୁପ୍ତା ଗୁରୁତର ହୋଇଥିଲେ। ପୋଲିସ ୩ ଜଣଙ୍କୁ ସେଲ୍(ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ) କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଶିବରାମଙ୍କୁ ମୃତ ଘୋଷଣା କରିଥିଲେ। ଭରତ ଓ ଛଟନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବଲାଣୀ ଥାନାରେ ଏକ ମାମଲା(ନଂ. ୩୫/୨୦୨୫) ରୁଜୁହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଲବ ବୋଡ଼ା କହିଛନ୍ତି।

# ଉପୁଡ଼ିଲା ଗଛ, ବ୍ୟାପକ ଫସଲ ନଷ୍ଟ

### କାଳବୈଶାଖୀ ତାଣ୍ଡବ

ପାଟଣା,୧୨।୪(ବୀରକିଶୋର ଦାଶ)


ଉପୁଡ଼ି ପଡ଼ିଥିବା ବିଶାଳକାୟ ଗଛ।

କେନ୍ଦୁଝର ଜିଲା ପାଟଣା, ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ତୁହାକୁ ତୁହା ଘଡ଼ଘଡି ସହ କୁଆପଥର ବର୍ଷା ଓ ପବନ ହୋଇଛି। ପବନ ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ଗଛ ଉପୁଡି ପଡିଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ଦେଖାଯାଇଛି। ଫଳରେ ଗମନାଗମନ, ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

ପାଟଣା କରଞ୍ଜିଆଦେଇ ଯାଇଥିବା ରାଞ୍ଚି ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥ ଉପରେ ବଡ଼ବିଲ ପଞ୍ଚାୟତ ନିକଟରେ ଗଛ ପଡ଼ିରହିଛି। ଖଜୁରିଡ଼ିହା ଛକରେ ଏକ ଦୋକାନ ଉପରେ ଗଛ ଉପୁଡ଼ି ପଡ଼ିଛି। ବର୍ଷା ପବନରେ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିଭଳି ବେଗେନା ଗ୍ରାମରେ ଏକ ବିଶାଳ ଶାଳ ଗଛ ଉପୁଡ଼ି ପଡ଼ିଛି। କୁଆପଥର ମାଡ଼ରେ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ସହ ଖରାଟିଆ ଧାନଫସଲ ଓ ଆମ୍ବ ନଷ୍ଟ ହୋଇଛି। କ୍ଷୟକ୍ଷତି ଆକଳ କରି ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। କାଳ ବୈଶାଖୀ ପ୍ରଭାବରେ ବର୍ଷା ଜନିତ କାରଣରୁ ଲୋକେ ଅସହ୍ୟ ଗୁଳୁଗୁଳି ଓ ତାତିରୁ ସାମାନ୍ୟ ଆସ୍ୱସ୍ତି ପାଇଛନ୍ତି।

## ଧାନ ସଂଗ୍ରହରେ ରେକର୍ଡ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପାଇଁ ପ୍ରସ୍ତୁତି


ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଓ ଅନ୍ୟମାନେ।

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ରେକର୍ଡ ସୃଷ୍ଟି ହୋଇଛି। ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଚାଷୀ ଅପେକ୍ଷା ନ କରି ଧାନ ଦେବାର ୪୮ ଘଣ୍ଟା ଭିତରେ ପ୍ରାପ୍ୟ ଅକାଉଣ୍ଟ ମାଧ୍ୟମରେ ପାଇବା ଏବଂ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପାଇବା ସାରା ଦେଶରେ ଏକ ନମ୍ବର ହୋଇଛି। ଏଥିପାଇଁ ରାଜ୍ୟବ୍ୟାପୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ କାର୍ଯ୍ୟକ୍ରମ ହେବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କହିଛନ୍ତି। ଏପ୍ରିଲ ୧୬ରୁ କେନ୍ଦୁଝର ଜିଲାରୁ ଆରମ୍ଭ ହେବାକୁ ଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁଭାରମ୍ଭ କରିବେ। ଏନେଇ ଶନିବାର ଭାଜପା କୃଷକ ମୋର୍ଚ୍ଚା ତରଫରୁ କେନ୍ଦୁଝର ଜିଲା କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାଗୀରଥି ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ଯୋଗଦାନ କରିଥିଲେ। ଏପ୍ରିଲ ୧୬ ପୂର୍ବାହ୍ନ ୧୦ ଟା ସମୟରେ କେନ୍ଦୁଝରଗଡ଼ସ୍ଥିତ ପାର୍କଲାଇନ ମ୍ୟୁନିସିପାଲିଟି ଅଡିଟୋରିୟମ ଚାଷୀ ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି।

# ଉତ୍ତର ପ୍ରଦେଶ ଚାମ୍ପିୟନ


ଅତିଥିଙ୍କ ସହ ବିଜେତା ଦଳର କ୍ରୀଡ଼ାବିତ୍।

### ଜାତୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ ଉଦ୍‌ଯାପିତ

କେନ୍ଦୁଝର,୧୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ହ୍ୟାଣ୍ଡବଲ ପଡ଼ିଆରେ ଆୟୋଜିତ ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଉତ୍ତର ପ୍ରଦେଶ ଓ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିଲା। ଉତ୍ତର ପ୍ରଦେଶ ୩୧–୩୦ ଗୋଲରେ ରାଜସ୍ଥାନକୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ସେମିଫାଇନାଲ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୩୬–୩୧ ଗୋଲରେ ଓଡ଼ିଶାକୁ ତଥା ରାଜସ୍ଥାନ ୨୭–୨୩ ଗୋଲରେ ହରିୟାନାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଓଡ଼ିଶା ଓ ହରିୟାନା ଯୁଗ୍ମ ତୃତୀୟ ସ୍ଥାନ ବଜାଇ ରଖିଛନ୍ତି। ଫାଇନାଲ ଖେଳକୁ ଭାରତୀୟ ହ୍ୟାଣ୍ଡବଲ ସଂଘର ରେଫରି ସନ୍ଦିପ ବଲୋଦା, ଅମିତ ପାଣ୍ଡେ, ରାହୁଲ, ସନ୍ଦିପ, ନିତେଶ ଡାଗର, ମୋହିତ, ଜିତେନ୍ଦ୍ର, ଧୂରେନ୍ଦ୍ର ଡାଗର, ଭଗବାନ ସିଂ, ଇମତେୟାଜ, ସମିମ, ବର୍ଷା ସେଠୀ ଓ ଜୋତି ପାତ୍ର ପରିଚାଳନା କରୁଥିଲେ। ସସ୍ମିତା ବିଶାଳ ଓ ମମତା ନାଏକ ସହଯୋଗ କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଲବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାପନ ଦିବସରେ ଅତିଥିଭାବେ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ବିଶିଷ୍ଟ ସାମାଜିକକର୍ମୀ ଭଗବାନ ସ୍ୱାଇଁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ସଂଘର ରାଜ୍ୟ ସମ୍ପାଦକ ମାନସ ସିଂ, ଜିଲା ସମ୍ପାଦକ ରିତିକ ଅଧିକାରୀ, କୋଷାଧ୍ୟକ୍ଷ ସିତେଶ ଦାସ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ମ୍ୟାଚ ପରେ ମୁଖ୍ୟ ଅତିଥି ଚାରୋଟି ଦଳକୁ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ।

## ୧୧୪ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

କେନ୍ଦୁଝର,୧୨।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କାଳୀପଡ଼ିଆଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୧୧୪ କୁଣ୍ଡୀୟ ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତି ହୋଇଯାଇଛି। ପୂର୍ବାହ୍ନ ୮ ଟାଠାରୁ ବେଦପାଠ କରି ତୃତୀୟ ଦିବସର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ରାହ୍ମଣମାନେ ମନ୍ତ୍ର ଓ ଶ୍ଲୋକ ଗାନ କରି ଗୋ ପୂଜା, ଧରିତ୍ରୀ ପୂଜା ପରେ ସୂର୍ଯ୍ୟପୂଜା ସାରି ଯଜ୍ଞ କର୍ମ ଆରମ୍ଭ କରିଥିଲେ। ଏହି ସମୟରେ ୧୧୪ଟି ଯଜ୍ଞ କୁଣ୍ଡରେ ୧୧୪ କର୍ତ୍ତାକର୍ତ୍ତୀଙ୍କୁ ନେଇ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ୨୫୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଯଜ୍ଞ କୁଣ୍ଡରେ ଯଜ୍ଞ କରୁଥିବା ସମୟରେ ଭକ୍ତଙ୍କ ଅପୂର୍ବ ସମାଗମ ଦେଖିବାକୁ ମିଳିଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଆର୍ଯ୍ୟ ସଂସ୍କୃତି ପରିଷଦର ସଭାପତି ପଣ୍ଡିତ ନିରଞ୍ଜନ ଦାଶ, ଡ. ଦେବଦତ୍ତ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି। କାଳୀତୀର୍ଥର କର୍ମକର୍ତ୍ତା ଓ ବିଭିନ୍ନ ବ୍ୟକ୍ତି ବିଶେଷ ଓ କେନ୍ଦୁଝର ସହରର ଜନତା ସହଯୋଗରେ ଯଜ୍ଞ ସଫଳ ହୋଇଥିବା ଯଜ୍ଞ କମିଟି ପକ୍ଷରୁ କୁହାଯାଇଛି।

## ଓଡ଼ିଆ ପକ୍ଷ, ଯୁବ ଲେଖକ ସମ୍ମିଳନୀ



ଲେଖକଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ଓଡ଼ିଆ ପକ୍ଷ ଓ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୩୦ କଲେଜରୁ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗଳ୍ପ, କବିତା, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆବୃତ୍ତି ହୋଇଥିଲା। ଉତ୍ସବରେ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ସୂଚନା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ବରିଷ୍ଠ ପ୍ରାଧ୍ୟାପକ ଡ. ଅନିଲ ଦାସ, ଯୋଗେନ୍ଦ୍ର ନାଥ ସାହୁ, ଜିଲା ସଭାପତି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗୌରାଙ୍ଗ ଦାସ, ଚିତ୍ତରଞ୍ଜନ ନାୟକ, ଶୁଭସ୍ମିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ସାହିତ୍ୟିକ ଉଜ୍ଜ୍ୱଳ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ପାଟଣା,୧୨।୪(ବୀର କେନ୍ଦୁଝର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଗ୍ରାମ ଦିବଙ୍ଗତ ସାହିତ୍ୟିକ ଡା. ଉଜଳ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରସନ୍ନ ପତିଙ୍କ ଅଧ୍ୟକ୍ଷତାରେ 'ଉଜ୍ଜ୍ୱଳ ପୁରୁଷ ଉଜ୍ଜ୍ୱଳ ସାହୁ' ଶୀର୍ଷକ ଆଲୋଚନାଚକ୍ର କାରାଯାଇଥିଲା। ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା, କବି ଚିନ୍ତାମଣି ମହାଳିକ, ଗାଳ୍ପିକ ଶାନ୍ତନୁ ମହାପାତ୍ର, କବି ଉମାକାନ୍ତ ବେହେରା, ପଣ୍ଡିତ ରଙ୍ଗାଧର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଡା. ଉଜ୍ଜ୍ୱଳ ସାହୁଙ୍କ ସ୍ମୃତି ବନ୍ଦନିକା 'ଉଜ୍ଜ୍ୱଳ ତାରକା' ଲୋକାର୍ପିତ ହୋଇଥିଲା।

## ପାଣିରେ ବୁଡ଼ି ଯୁବକଙ୍କ ସଲିଳ ସମାଧି

ଲଙ୍ଗଳେଶ୍ୱର, ୧୨।୪(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କମାରଗଡିଆରେ ଜଣେ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ଏକମାତ୍ର ପୁଅ ତପନ କୁମାର ବାଗ(୨୬)। ଶନିବାର ସକାଳ ପ୍ରାୟ ସାଢେ ୬ଟା ବେଳେ ତପନ ଘର ନିକଟସ୍ଥ ଗଡ଼ିଆକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଅଚାନକ ଗୋଡ଼ ଖସିଯାଇଥିଲା। ସେ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ଶେଷରେ ଗାଡିଆରେ ଜାଲ ପକାଇ ଉଦ୍ଧାର କରି ସଙ୍ଗେ ସଙ୍ଗେ ନିକଟସ୍ଥ ବସ୍ତା ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସିଂଲା ଏଏସ୍‌ଆଇ ଗୋପାଳ ଚନ୍ଦ୍ର ହେମ୍ବ୍ରମ ଓ ଏଏସ୍‌ଆଇ ରାଜଲକ୍ଷ୍ମୀ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମାମଲା(ନଂ. ୭/୨୫) ରୁଜୁ କରିବା ସହିତ ବ୍ୟବଚ୍ଛେଦ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ୬ ପଥର ବୋଝେଇ ଡମ୍ପର ଜବତ

ଜଳେଶ୍ୱର,୧୨।୪(ନବୀନ ସାହୁ)

ଜଳେଶ୍ୱର ଥାନା ଅଧୀନ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତା ଛମୌଜ ନିକଟରେ ୬ଟି ପଥର ବୋଝେଇ ହାଇୱାକୁ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମବାସୀ ଅଟକାଇଥିଲେ। ସ୍ଥାନୀୟ ଲୋକେ ଖଣି ବିଭାଗକୁ ଜଣାଇବା ପରେ ଖଣି ଅଧିକାରୀ ଓ ଜଳେଶ୍ୱର ପୋଲିସ ସୃଷ୍ଟିଧର ବେହେରା ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଗାଡ଼ିଗୁଡ଼ିକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଖଣି ବିଭାଗ ଜଳେଶ୍ୱର ପୋଲିସକୁ ହସ୍ତାନ୍ତର କରିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ସୋର, ୧୨।୪(ଜନ୍ମେଜୟ ମିଶ୍ର)

ସୋର ଥାନା ସବିରା ପଞ୍ଚାୟତ ଚାଳିଶମାଡ଼ ଗ୍ରାମର ହରେକୃଷ୍ଣ ତ୍ରିପାଠୀଙ୍କ ସାନ ପୁଅ ହେମନ୍ତ ତ୍ରିପାଠୀ(୩୩) ବିଦେଶରେ ରହୁଥିବା ବେଳେ ଦୁଇ ଦିନ ତଳେ ଘରକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବଜାରରୁ ଘରକୁ ଫେରି ବେକରେ ରଶି ବାନ୍ଧି ଝୁଲିପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆରୋଗ୍ୟ ସମିତି ପକ୍ଷରୁ ନିରାପଦ ମାତୃତ୍ୱ ଦିବସ


ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

ବାଲେଶ୍ୱର, ୧୨।୪(ବାଞ୍ଛାନିଧି ଦେ)

ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ବାଲେଶ୍ୱର ପୌରପାଳିକା ଅଧୀନ ୫ ନଂ. ଓ ୧୩ ନଂ. ୱାର୍ଡର ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ମାନସିଂବଜାର ସ୍କୁଲ ପରିସରରେ ଶୁକ୍ରବାର ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଚେତନତା ସଭାରେ ଆଶାକର୍ମୀ ଅନ୍ନପୂର୍ଣ୍ଣା ରାଉତ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ୫ନଂ. ୱାର୍ଡ କାଉନସିଲର ମିତା ପଟ୍ଟନାୟକ,୧୩ନଂ. ୱାର୍ଡ କାଉନସିଲର ପ୍ରତିମା ବେହେରା, ଜିଲା ମୁଖ୍ୟ ଚିକିତ୍ସାଳୟର ଏନ୍‌ଏଚ୍‌ଏମ୍ ଏଲିନା ସାମଲ, ସୁପରଭାଇଜର ଶୁଭଶ୍ରୀ ଦାସ, ପବ୍ଲିକ ହେଲଥ ମ୍ୟାନେଜର ଡ. ଭବାନୀ ଶଙ୍କର ମହାନ୍ତି, ଏନ୍‌ଏମ୍ ନୀଳାଦ୍ରି ଜେନା, ରଞ୍ଜିତାରାଣୀ ସାହୁ, ଆକାଉଣ୍ଟାଣ୍ଟ ଶୁଭେନ୍ଦୁ ସାହୁ, ସାମାଜିକ କର୍ମୀ ରୀତିକ ଜୀ, ଗୌରୀଶଙ୍କର ସାହାଣୀ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ନିରାପଦ ମାତୃତ୍ୱ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସ ସୁରକ୍ଷିତ ମାତୃତ୍ୱ ପାଇଁ ଏହା ପ୍ରସବ ପୂର୍ବ ଏବଂ ପ୍ରସବ ପରବର୍ତ୍ତୀ ଯତ୍ନ, ରକ୍ତହୀନତା ହ୍ରାସ ଏବଂ ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆହ୍ୱାନ। ସମାଜରେ ମା'ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହା ସମ୍ମାନିତ କରେ ବୋଲି ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଏବଂ ଅମ୍ବିକା, ପୂର୍ଣ୍ଣମାସୀ, ମହାବୀର, ରମଣୀକାଳି, ଭଗବତୀ, ଲକ୍ଷ୍ମୀ ମହିଳା ଆରୋଗ୍ୟ ସମିତିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର

ବାହାନଗା, ୧୧।୪(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆଇନ ସଚେତନତା ଶିବିର ଶନିବାର ଗୋପାଳପୁରସ୍ଥିତ ସେଞ୍ଚୁରୀୟାନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ପ୍ରିୟରଞ୍ଜନ ଓଝାଙ୍କ ନିର୍ଦ୍ଦେଶକ୍ରମେ ଚିଫ ଲିଗାଲ ଡିଫେନ୍ସ କାଉନସିଲ ନଟଗୋପାଳ ପଣ୍ଡା, ଅତିରିକ୍ତ ଲିଗାଲ ଡିଫେନ୍ସ କାଉନସିଲ ରାଜୀବ କୁମାର ପାଣି, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଓଡିଶା ଷ୍ଟେଟ ନିର୍ଦ୍ଦେଶକ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବଚରଣ ସାହୁ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବିକ୍ରମ ବାରିକ, ପାରା ଲିଗାଲ ସ୍ୱେଚ୍ଛାସେବୀ, ନର୍ସିଂ କଲେଜର ଭାଇସ ପ୍ରିନ୍ସପାଲ ପଦ୍ମାବତୀ ବେହେରା ପ୍ରମୁଖ ଯୋଗଦେଇ ଆଇନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ତଥା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ହିତାଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରଶିକ୍ଷକ ଯୋଗ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ସୋଲାର ଲାଇଟ୍ ଶୁଭାରମ୍ଭ

ରସାଳପୁର, ୧୨।୪ (ଶରତ ସାମଲ)




ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ଖାନନଗର ପଞ୍ଚାୟତ କୁରୁଡ଼ା ଛକଠାରୁ ଗେଙ୍ଗୁଟି ପଞ୍ଚାୟତ ପର୍ଯ୍ୟନ୍ତ ଆରଡ଼ି ରାସ୍ତାପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ସୌର ଉର୍ଜା ଷ୍ଟ୍ରିଟ୍ ଲାଇଟ୍ ସଂଯୋଗୀକରଣ ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ଶୁକ୍ରବାର କୁରୁଡ଼ା ଛକଠାରେ ଶୁଭାରମ୍ଭ ହୋଇଛି। ଏଥିରେ ଖାନନଗର ପଞ୍ଚାୟତର ବହୁ ଭାଜପା କର୍ମୀ ସହଯୋଗ କରିଥିଲେ। ଉକ୍ତ ଆଲୋକୀକରଣ ପାଇଁ ଦିଲ୍ଲୀର ନିଟ କୋନ କମ୍ପାନୀ ଭାରତ ସରକାରଙ୍କଠାରୁ କାର୍ଯ୍ୟାଦେଶ ନେଇଥିବା କମ୍ପାନୀର କର୍ମଚାରୀ ଅଶୋକ ମିଶ୍ରା ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲାରେ ଉକ୍ତ ସୋଲାର ଲାଇଟ୍ ସଂଯୋଗୀ କରଣ ଆରମ୍ଭ ହୋଇଥିବା ବେଳେ ଏହାର ନାମ କରଣ ରୋଶନ ବାଲେଶ୍ୱର ନାମରେ ନାମିତ କରାଯାଇଛି।

# ଚନ୍ଦନେଶ୍ୱରଙ୍କ ମହାନୀଳ ପର୍ବ ସମ୍ପନ୍ନ

- ୬ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ପ୍ରସିଦ୍ଧ ପାଟ ଉତ୍ସବ ଆଜି

ଭୋଗରାଇ, ୧୨।୪(ପ୍ରଦୀପ ଦାସ)



ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡ଼କ ମେଳାର ୧୩ଦିନରେ ଜୀଉଙ୍କ ମହାନୀଳ ଉତ୍ସବ ଶେଷ ହୋଇଛି। ଗୁରୁବାର ନିଶିବସାନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅସଂଖ୍ୟ ଶୈବଭକ୍ତ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଭିଡ ଲଗାଇଥିଲେ। ନଗୁଆଁ ଛକଠାରୁ ଚନ୍ଦନେଶ୍ୱର, ବର୍ଡରଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାତ୍ରୀଙ୍କ ଲମ୍ୱାଲାଇନ ଲାଗିଥିଲା। ଚଳିତବର୍ଷ ଜୀଉଙ୍କଠାରେ ଉପବୀତଧାରୀଙ୍କ ସଂଖ୍ୟା ୮୦ହଜାର ସରକାରୀ ଭାବେ ପଞ୍ଜିକୃତ ହୋଇଥିବା ବେଳେ ବେସରକାରୀ ଭାବେ ଏହା ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

ବିଜୁପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ବାରିକେଡ କରାଯାଇଛି। ଗର୍ଭଗୃହକୁ ବହୁ ଭକ୍ତ ପୂଜାର୍ଚ୍ଚନା, ଗର୍ତ୍ତଗର୍ଭରେ ଜଳାଭିଷେକ ଲାଗି ଧସେଇ ପଶିଥିଲେ। ଭକ୍ତଙ୍କ ଭାବାବେଗରେ ପୋଲିସ ଏକପ୍ରକାର ଅସହାୟ ହୋଇପଡ଼ିଥିଲେ। ଦୂରଦୂରାନ୍ତରୁ ହଜାର ହଜାର ମାନସିକଧାରୀ ଶୈବଭକ୍ତ ଚନ୍ଦନେଶ୍ୱର ମନ୍ଦିରରେ ଜଳାଭିଷେକ ନିମନ୍ତେ ସୁସଜ୍ଜିତ ବାହୁଙ୍ଗୀରେ ନଦୀରୁ ପବିତ୍ର ଜଳପାତ୍ର କାନ୍ଧରେ ଧରି ଖାଲିପାଦରେ ଚାଲିଚାଲି ଜୀଉଙ୍କ ମନ୍ଦିରକୁ ଆସିବା ଅପୂର୍ବ ଶୋଭା ଦୃଷ୍ଟିଗୋଚର ହୋଇଥିଲା। ନୀଳପର୍ବରେ ଜୀଉଙ୍କଠାରେ ଲାଗିଥିବା ପଞ୍ଚାମୃତ ପାନ କରି ଶୈବ ଭକ୍ତମାନେ ଦିନତମାମ ବ୍ରତ ପାଳନ କରିଥିଲେ। ଅପରାହ୍ନରେ ଜୀଉଙ୍କ ନୀଳପୋଖରୀରେ ନୀଳ ଉତ୍ସବ ଦର୍ଶନ ଲାଗି ପୋଖରୀ ହୁଡାରେ ଯାତ୍ରୀଙ୍କ ଭିଡ ଲାଗିଥିଲା। ଜୀଉଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା ଓ ଉପମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସହ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ ଓ ଶ୍ରୀବେର୍କିଡ଼ିଙ୍କ ନିର୍ଦ୍ଦେଶକ୍ରମେ ଉପବୀତଧାରୀମାନେ ନୀଳ ପୁଷ୍କରଣୀରୁ ୨ଟି ଠୁମ୍ବିକାଠକୁ ଜଳକ୍ରୀଡା କରି ଉତ୍ତୋଳନ କରି ମନ୍ଦିର ପରିସରରେ ରଖିଥିଲେ। ପରେ ସନ୍ଧ୍ୟାରେ ଜୀଉଙ୍କ ଶ୍ରେଷ୍ଠ ୧୩ ଭକ୍ତ ଓ ବାଦ୍ୟକାରମାନେ ୧୬ପ୍ରକାର ବାଦ୍ୟ ବଜାଇ ଶୈବନୃତ୍ୟ ପ୍ରଦର୍ଶନ କରିଥିଲେ। ନୀଳ ଉତ୍ସବର ମାହାତ୍ମ୍ୟ ବିଷୟରେ ପଣ୍ଡିତ ଭାଷ୍ୟକାର କାହ୍ନୁଚରଣ ଶତପଥୀ, ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ମହାଦେବଙ୍କ ମହାଆଳତୀ ହେବା ପରେ ଅର୍ଘ୍ୟଦାନ କରାଯାଇଥିଲା। ରବିବାର ମହାଦେବଙ୍କ ପ୍ରସିଦ୍ଧ ପାଟଉତ୍ସବ ଉଦ୍‌ଯାପିତ ହେବ। ନୀଳ ପର୍ବରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଏସ୍‌ପି ରାଜପ୍ରସାଦ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରିଣୀ ଐଶ୍ୱର୍ଯ୍ୟା ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଉପସ୍ଥିତ ଥିଲେ। ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରତାପ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟା ନିବେଦିତା ମାହାନ୍ତି, ଅନନ୍ତ ଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହାନୀଳ ଉତ୍ସବରେ ୬ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ସନ୍ଧ୍ୟାରେ କାଳବୈଶାଖୀ ହେବାରୁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ସୋର, ୧୨।୪(ଜନ୍ମେଜୟ ମିଶ୍ର)

ସୋର ଥାନା ଦାଣ୍ଡହରିପୁର ପଞ୍ଚାୟତ ପିତଳପଦା ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଗ୍ରାମର ସାବିତ୍ରୀ ମଳିକ (୭୦) ଶନିବାର ସକାଳେ ଗ୍ରାମ ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ପୋଖରୀ ନିକଟରେ ପହଞ୍ଚି ସାବିତ୍ରୀଙ୍କୁ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଉଡ଼ ଫାଣ୍ଡି ପୋଲିସ ସୋର ମେଡିକାଲରେ ପହଞ୍ଚି ଏକ ମାମଲା(ନଂ. ୩୯/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭକ୍ତି ଓ ଶ୍ରଦ୍ଧାର ଅନ୍ୟନାମ ମା' ହିଙ୍ଗୁଳା



୨୧ତମ ଲୋକ ମହୋତ୍ସବ ଉଦ୍‌ଘାଟନୀ ମଞ୍ଚରେ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ତାଳଚେର,୧୨।୪ (ମନୋଜ ନନ୍ଦ)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ୨୧ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ଉପଜିଲାପାଳଙ୍କ ପିତା ଶେଷଦେବ ଜେନା ଓ ମାତା ମନୋରମା ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏମ୍‌ପି ପାଣି ହିଙ୍ଗୁଳା ଲୋକ ମହୋତ୍ସବର ଭବ୍ୟ ଆୟୋଜନକୁ ପ୍ରଶଂସା କରିବା ସହ ଶ୍ରଦ୍ଧା ଓ ଭକ୍ତିର ଅନ୍ୟ ନାମ ହେଉଛି ମା' ହିଙ୍ଗୁଳା ବୋଲି କହିଥିଲେ। ଏହି ଅବସରରେ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା 'ମା ହିଙ୍ଗୁଳା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଞ୍ଜୀବ ପଟ୍ଟନାୟକ ଓ ମଧୁସ୍ମିତା ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ଓ କଳାକାରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଆଲଫା ଜେନା, ସହକାରୀ ଜିଲାପାଳ ନାରାୟଣ ସେଠୀ, ପୁଷ୍ପିତା ମଧୁମତୀ ଦେହୁରୀ, ନିବେଦିତା ଜେନାଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସନ୍ତୋଷ ପ୍ରଧାନ, ରାଜସ୍ୱ ସହାୟକ ଧୃଳେଶ୍ୱର ବେହେରା ସହଯୋଗ କରିଥିଲେ।

## ବାଇକ୍‌କୁ ଧକ୍କା ଦେଇ ଓଲଟିଲା ବସ୍

**ବଇଣ୍ଡା,୧୨।୪(ପରିକ୍ଷିତ ସାହୁ)**

କିଶୋରନଗର ଥାନା ଝରାବେରେଣୀ ନିକଟରେ ଶନିବାର ଏକ ସ୍କୁଲ ବସ୍ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ବସ୍ ଚାଳକ ଓ ହେଲ୍‌ପର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପରିଚୟ ମିଳି ନ ଥିବାବେଳେ ସମସ୍ତଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡ଼ିଛି, ଝରାବେରେଣୀ ଅଞ୍ଚଳରୁ ଛାତ୍ରୀଛାତ୍ରଙ୍କୁ ଛାଡ଼ି କିଶୋରନଗରକୁ ବସ୍‌ଟି ଫେରୁଥିବାବେଳେ ଏକ ବାଇକ୍ ସହ ଧକ୍କା ହୋଇ ଓଲଟି ପଡ଼ିଥିଲା। ଖବରପାଇ କିଶୋରନଗର ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଛେଣ୍ଡିପଦା,୧୨।୪(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହାକୁମାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିକ୍ରମ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ତଥା ଆଇନଜୀବୀ ଅକ୍ଷୟପାଦ ବେହେରା, ଛେଣ୍ଡିପଦା ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା ଏବଂ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ଉଭୟ ବର୍ଷର ଗୁରୁ, ଛାତ୍ରୀଛାତ୍ର ତଥା ସ୍ଥାନୀୟ ଉତ୍ସାହୀ ଯୁବତୀ ଯୁବକ ସାମିଲ ହୋଇ ରକ୍ତଦାନ କରିଥିଲେ। ଏଥିରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ପରିଚ୍ଛାଙ୍କ ଯୋଜନା ଅନୁଯାୟୀ ଏହାର ଆୟୋଜନ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷକ ମଦନ ସୁନ୍ଦର ପ୍ରଧାନ, ଡା.ଗଣେଶ୍ୱର ସାହୁ, ମମିତା ସାହୁ ଏବଂ ଛୋଟରାୟ ଟୁଡୁଙ୍କ ସମେତ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅୟସକାନ୍ତ ଭାରତୀୟ, ପ୍ରିୟରଞ୍ଜନ ଶତପଥୀ, ଭିକାରୀ ସାହୁ, ଅବିନାଶ ଚନ୍ଦ୍ର ମେହେର, ପ୍ରଯୁକ୍ତା ପୁହାଣ, ସୁପ୍ରିୟା ସାହୁ, ଅନୁପ୍ରଭା ସୁବୁଦ୍ଧି, ଗୋବିନ୍ଦ କଣ୍ଡାଲ, ବିଷ୍ଣୁପ୍ରିୟା ବେହେରା, ଦିବ୍ୟଜ୍ୟୋତି ସାହୁ, ସୋନାଲି ବେହେରା ଉପସ୍ଥିତ ଥିଲେ। ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ଓ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଦାନ କେନ୍ଦ୍ର ସହାୟତାରେ ଶିବିର ସଫଳ ହୋଇଥିଲା।

# ବରପୁତ୍ରଙ୍କ ସ୍ମୃତିଚାରଣ ଉତ୍ସବ

**ଅନୁଗୋଳ,୧୨।୪(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲା ପାଠାଗାର ସଭାଗୃହଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ରଙ୍କ ସ୍ମୃତିଚାରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ଅନ୍ୟତମ ସଂଯୋଜକ ବିରଞ୍ଚି ନାରାୟଣ ସାମଲଙ୍କ ସଂଯୋଜନାରେ ଶିକ୍ଷାବିତ୍ ଶାନ୍ତନୁ କୁମାର ସର, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ, ଡ. ଧରିଣୀଧର ନାଥ, ରାମମଞ୍ଜରୀ ସାହୁ, ଡ. ଇନ୍ଦିରା ଦାସ, ରାଧାକାନ୍ତ ମହାନ୍ତି ଓ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଜିଲାର ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଗ୍ରାମବାସୀଙ୍କ ସହ ବିଧାୟକଙ୍କ ଆଲୋଚନା



ଧଡ଼ରପାଳ ପଞ୍ଚାୟତ ଧଡ଼ରପାଳ ଗ୍ରାମବାସଙ୍କ ସହ ଆଠମଲ୍ଲିକ ବିଧାୟକ ଆଲୋଚନା କରୁଛନ୍ତି।

**ବଇଣ୍ଡା,୧୨।୪(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ଧଡ଼ରପାଳ ଗ୍ରାମକୁ ଶନିବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତକରି ଗ୍ରାମବାସୀଙ୍କ ସହ ବୈଠକ କରିଛନ୍ତି। ବିଧାୟକ ପ୍ରଧାନ ଗ୍ରାମ କୋଠଘରେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସମସ୍ୟା ସମ୍ପର୍କରେ ବୁଝିବା ସହ ତାହାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମରେ ପିଇବା ପାଣି ପାଇଁ ନୂତନ ନଳକୂଅ ଖୋଳା ଯାଇଥିବାବେଳେ ନିର୍ବାଚନ ସମୟରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରାଯିବ ବୋଲି ବିଧାୟକ କହିଥିଲେ। ସରକାରଙ୍କ ଯୋଜନା କିପରି ସମସ୍ତଙ୍କ ନିକଟରେ ପହଞ୍ଚିବ ସେଥିପତି ଧ୍ୟାନଦେବା ପାଇଁ ଲୋକଙ୍କୁ କହିଥିଲେ। ଏଥିରେ ବିଜେଡି ନେତା ସଦାଶିବ ନାୟକ, ଧଡ଼ରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ବାବୁଲା ପ୍ରଧାନ, ସୁଦେଇ ସାହୁ, ବବ୍ରୁବାହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ରୁ ୨୮ ଯାଏ ଅନୁଗୋଳ ଜିଲା ମହୋତ୍ସବ

**ଅନୁଗୋଳ,୧୨।୪ (ଜ୍ୟୋତିରଞ୍ଜନ ସାହୁ)**

ଆସନ୍ତା ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଗୋଳ ଷ୍ଟାଡିୟମଠାରେ ଅନୁଗୋଳ ଜିଲା ମହୋତ୍ସବ ଆୟୋଜନ ହେବ। ପୂର୍ବରୁ ମହୋତ୍ସବ ପାଇଁ ଜାନୁଆରୀ ମାସରେ ତାରିଖ ଘୋଷଣା ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି କାରଣବଶତଃ ପ୍ରଶାସନ ତରଫରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ମହୋତ୍ସବ ପୂର୍ବରୁ ମଶାଲ ଶୋଭାଯାତ୍ରା ୨୨ ତାରିଖରେ ଆୟୋଜନ କରାଯିବ। ପାଲଲହଡ଼ାର ଖୁଲୁଡ଼ି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡ଼ାର ଶିବ ମନ୍ଦିର ଓ ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର, ଛେଣ୍ଡିପଦାର ବାୟାଣୀ ପୀଠରୁ ମଶାଲ ଆସି ବିଭିନ୍ନ ବ୍ଲକ ପରିକ୍ରମା କରି ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିର ଠାରେ ସ୍ଥାପିତ ହେବ। ମହୋତ୍ସବର ପ୍ରତି ସନ୍ଧ୍ୟାରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାରର କଳାକାର ନୃତ୍ୟ ପ୍ରଦର୍ଶନ କରିବେ। ଚଳିତବର୍ଷ ଯେପରି ସର୍ବସାଧାରଣ ସୁବିଧାରେ ମହୋତ୍ସବକୁ ଉପଭୋଗ କରିପାରିବେ ସେଥିନିମନ୍ତେ କୌଣସି ପାସ୍ ବ୍ୟବସ୍ଥା ରଖାଯାଇ ନାହିଁ। ଜିଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ ଓ ଯୋଗ ପ୍ରାଣାୟମ ଶିବିର ଆୟୋଜନ କରାଯିବ। ସେହିପରି ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲିଘାଟ ସମସ୍ୟାର ସମାଧାନ ଦାବି

**ଆଠମଲ୍ଲିକ,୧୨।୪(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ନିକଟରେ ପ୍ରବାହିତ ମହାନଦୀରୁ ବାଲି ଉତ୍ତୋଳନ ପାଇଁ ଏକାଧିକ ବର୍ଷ ହେବ ସରକାରୀ ସ୍ୱୀକୃତିପ୍ରାପ୍ତ ବାଲିଘାଟ ନ ଥିବାରୁ ଅଞ୍ଚଳବାସୀ ଓ ଟ୍ରାକ୍ଟରମାଲିକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସ୍ଥାୟୀ ସମାଧାନ ପାଇଁ ଟ୍ରାକ୍ଟର ମାଲିକ ମହାସଂଘ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କୁ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୩/୪ ବର୍ଷ ହେବ କିଆକଟାରୁ ବିନିକେୟୀ ପର୍ଯ୍ୟନ୍ତ ହାରାହାରି ୬୦ କି.ମି. ପର୍ଯ୍ୟନ୍ତ ମହାନଦୀରେ ସରକାରୀ ସ୍ୱୀକୃତିପ୍ରାପ୍ତ ବାଲିଘାଟ ନ ଥିବାରୁ ଆଠମଲ୍ଲିକବାସୀଙ୍କୁ ଗୃହ ନିର୍ମାଣ ଓ ସରକାରଙ୍କୁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଆବଶ୍ୟକ ବାଲି ଯୋଗାଣ ବାଧାପ୍ରାପ୍ତ ହେବା ସହିତ ଟ୍ରାକ୍ଟର ମାଲିକଙ୍କୁ ଖଣି ଓ ପୋଲିସ ପ୍ରଶାସନ ନାନା ହଇରାଣ କରୁଛନ୍ତି। ଅତିଶୀଘ୍ର ଏହାର ସମାଧାନ କରାଯାଇ ୬ଟି ସ୍ୱୀକୃତିପ୍ରାପ୍ତ ବାଲିଘାଟ ଯୋଗାଇଦେବାକୁ ଟ୍ରାକ୍ଟର ମାଲିକ ମହାସଂଘ ଦାବି କରିଛି। ଦାବିପତ୍ର ଦେବା ସମୟରେ ମହାସଂଘ ସଭାପତି ଡମ୍ବରୁଧର ପ୍ରଧାନ, ସମ୍ପାଦକ ନଳିନୀ ରଞ୍ଜନ ପାତ୍ରଙ୍କ ସମେତ ବହୁ ଟ୍ରାକ୍ଟର ମାଲିକ ଉପସ୍ଥିତ ଥିଲେ।



ଆଠମଲ୍ଲିକ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆୟୁଷ୍ମାନ ଭାରତ, ସଚେତନତା ରଥ ଶୁଭାରମ୍ଭ



ତାଳଚେର ମେଡିକାଲ ପରିସରରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ତାଳଚେର,୧୨।୪(ମନୋଜ ନନ୍ଦ)**

ତାଳଚେର ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରାଯାଇଛି। ଉପଖଣ୍ଡ ଡାକ୍ତରଖାନାର ସହକାରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରବିନ୍ଦ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଭାବେ ଭାଜପା ଜିଲା ସଭାପତି ଯଯାତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ପବିତ୍ର ଭୂତିଆ, ଏଡିଏମ୍‌ଓ ଡା. ପୂର୍ଣ୍ଣିମା ଉଦ୍‌ଗାତା ଓ ବହୁ କାଉନସିଲର ଉପସ୍ଥିତ ଥିଲେ। ପରେ ଅତିଥିମାନେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନୂଆ ଏକକ କାର୍ଡ ଏବଂ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାର କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥକୁ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

# ପ୍ରକାଶ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖା ରାଜ୍ୟ ସଭାପତି

**ବଅଁରପାଳ,୧୨।୪(ସୁବାସ ସାହୁ)**



ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖା ରାଜ୍ୟ ସଭାପତି ଭାବେ ପ୍ରକାଶ ବେହେରାଙ୍କ ନାମ ଘୋଷଣା କରାଯାଇଛି। ଅନୁଗୋଳ ଜିଲା ନାଲ୍‌କୋନଗର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ତଥା ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଶନିବାର ଏହି ଘୋଷଣା କରିଛନ୍ତି। ଏହାପୂର୍ବରୁ ବେହେରା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଥିବାବେଳେ ନାଲ୍‌କୋ ଏମ୍ପ୍ଲୋଇଜ ସଂଘର ସାଙ୍ଗଠନିକ ସମ୍ପାଦକ ଏବଂ ଜିଲାର ଅନେକ ଅନୁଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି। ବର୍ତ୍ତମାନ ବେହେରା ନାଲ୍‌କୋରେ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ବେହେରା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସଭାପତି ଡ. ସଞ୍ଜୀବା ରେଡ୍ଡି, ଜାତୀୟ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସିଂ, ଯୁବ ଜାତୀୟ ସଭାପତି ସଞ୍ଜୟ ଗାଭା, ଉପସଭାପତି ମଦନ ମୋହନ ଧଳ, ଦେବାଶିଷ ଘୋଷ, ପ୍ରଶାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା, ସୌଭାଗ୍ୟ ପ୍ରଧାନ, ପ୍ରଶାନ୍ତ ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ, ସତ୍ୟବ୍ରତ ନାୟକଙ୍କ ସହିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସାଧାରଣ ସମ୍ପାଦକ ବିଭବ କୁମାର ଜେନା, ନାଲ୍‌କୋ ଏମ୍ପ୍ଲୋଇଜ ସଂଘ ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, ନାଲ୍‌କୋ ଏମ୍ପ୍ଲୋଇଜ ଫୋରମ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ପୂର୍ବତନ ରାଜ୍ୟ ସଭାପତି ବିଷ୍ଣୁ ମୋହନ ରଥ, ଜିଲା ସଭାପତି ଦିଗାମ୍ବର ଗଡ଼ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାର ବିଭିନ୍ନ ଶ୍ରମିକ ସଙ୍ଗଠନ ତରଫରୁ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଅନୁଗୋଳ,୧୨।୪ (ମାସନ ବିଶ୍ୱାଳ)**

ଅନୁଗୋଳ ବ୍ଲକ ଟାଇଁସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବିତରଣ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଆଇନଜୀବୀ ପ୍ରଦୀପ କୁମାର ପ୍ରଧାନ ଯୋଗଦାନ କରି ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଟାଇଁଶି ସରପଞ୍ଚ ସୌଦାମିନୀ ପ୍ରଧାନ, କୋଠଭୂଇଁ ସରପଞ୍ଚ ଜୟନ୍ତୀ ବେହେରା, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଙ୍କିତା ପ୍ରିୟଦର୍ଶିନୀ ଏବଂ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କେତେଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ୩ଟି ପଞ୍ଚାୟତର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସିଆର୍‌ପି, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସମେତ ବହୁ ଜନସାଧାରଣ ଯୋଗଦାନ କରିଥିଲେ। ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ଆକାଶ ଦେହୁରୀ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଶିଶିର କୁମାର ଜେନା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶନ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

## ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର, ସ୍ତ୍ରୀ ଆହତ

**ବନ୍ତଳା,୧୨।୪ (ସୁଶିତ ସାହୁ)**

ଜମିବାଡ଼ି ବିବାଦରୁ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ଗୁରୁତର ହୋଇଛନ୍ତି। ଭାଇବୋହୂ ଆହତ ହୋଇଛନ୍ତି। ଅନୁଗୋଳ ଜିଲା ବନ୍ତଳା ଥାନା ଶଙ୍ଖପୁର ପଞ୍ଚାୟତ ଖାଲଗାଁ ଉପରସାହିରେ ଶୁକ୍ରବାର ଏହି ଗଣ୍ଡଗୋଳ ହୋଇଛି। ଗୁରୁତର ସାନଭାଇ ବାଉରୀ ଜ୍ୟୋତିଷ(୬୦)ଙ୍କୁ ପ୍ରଥମେ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଘଟଣା ସମ୍ପର୍କରେ ଆହତ ଭୋଇବୋହୂ କାମିନୀ ଜ୍ୟୋତିଷ (୫୫) ଥାନାରେ ଦେଢ଼ଶୁର ଦାଶରଥୀ ଜ୍ୟୋତିଷ (୭୦)ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେହିପରି ଦାଶରଥୀ ମଧ୍ୟ ସାନଭାଇ ବାଉରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଉଭୟପକ୍ଷର ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ବନ୍ତଳା ପୋଲିସ ସୂଚନା ଦେଇଛି।

# ଆୟୁଷ୍ମାନରେ ଉପକୃତ ହେବେ ୧୦ ଲକ୍ଷ ହିତାଧିକାରୀ



ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ,୧୨।୪ (ଜ୍ୟୋତିରଞ୍ଜନ ସାହୁ)**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ଅନୁଗୋଳ ସଭାଘର ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହି ୩ଟି ଯୋଜନାର ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇବା ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ହିଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ। ଏଥିସହ ହିତାଧିକାରୀମାଙ୍କୁ ଏକକ ନୂତନ କାର୍ଡ ବଣ୍ଟନ କରିଥିଲେ। ଏଥିରେ ଅନୁଗୋଳ ଜିଲାରେ ୧୦ ଲକ୍ଷ ହିତାଧିକାରୀ ଲାଭାନ୍ୱିତ ହେବେ। ଆଶାକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମାଞ୍ଚଳରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ଏହି ଅବସରରେ ୩୩ଟି ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଅନୁଗୋଳ ପୌର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଭାଜପା ନଗର ସଭାପତି ପୱନ କୁମାର ମାଣ୍ଡୋଠିଆଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।



# ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍

**ଆଜିର ଯୁବପିଢ଼ି ନିଜ କ୍ୟାରିୟରକୁ ନେଇ ଅଧିକ ଚିନ୍ତିତ। ଯେଉଁଥିପାଇଁ ବୈବାହିକ ଦମ୍ପତି ହୁଅନ୍ତୁ ଅବା ପ୍ରେମିକ ପ୍ରେମିକା ପରସ୍ପରଠୁ ବହୁ ଦୂରରେ ରହୁଛନ୍ତି; ଯାହାକୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍ ବୋଲି କୁହାଯାଉଛି। ହେଲେ ଏମିତିରେ କାର୍ଯ୍ୟବ୍ୟସ୍ତତା ଭିତରେ କିମ୍ବା ଅନ୍ୟ କୌଣସି କାରଣରୁ ପରସ୍ପର ସହ କଥା ହେବାକୁ ସମୟ ନ ଦେବା ଅବିଶ୍ୱାସ ଓ ସନ୍ଦେହ ସୃଷ୍ଟି କରିଥାଏ। ଯାହାକି ଧୀରେ ଧୀରେ ରାଗ, ରୁଷା, ଝଗଡ଼ା ସହ କେବେକେବେ ସମ୍ପର୍କ ଭାଙ୍ଗିବାର ବି କାରଣ ସାଜିଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ଏଥିପାଇଁ ଅନେକ ଅଭାବନୀୟ ଘଟଣା ଘଟୁଥିବାର ବି ଦେଖିବାକୁ ମିଳୁଛି...**

ସଫଳ କ୍ୟାରିୟରକୁ ନେଇ ବେଶ୍ ଚିନ୍ତିତ ଆଜିର ଯୁବପିଢ଼ି। ତେଣୁ ଅନେକେ ଏବେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଏମିତିରେ କେବେକେବେ ସମ୍ପର୍କ ଖରାପ ହେବା ବ୍ରେକ୍‌ଅପ୍, ଡିଭର୍ସ ଭଳି ଘଟଣା ବି ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଏଭଳି ସମ୍ପର୍କରେ ଦୂରତା ଅଧିକ ଥିବାରୁ ବେଳେବେଳେ ପରକୀୟା ପ୍ରୀତି, ବିଶ୍ୱାସଘାତକତା ଯୋଗୁ କେବେ କାହା ମନ ଭାଙ୍ଗୁଛି ତ ଆଉ କେବେ ପ୍ରତାରଣା ଦୁଃଖରେ କିଏ ଆତ୍ମହତ୍ୟା କରୁଛି ତ ପୁଣି କେବେ ପ୍ରତିଶୋଧ ପରାୟଣ ହୋଇ କେହି ହତ୍ୟା ଭଳି ଅଭାବନୀୟ ଘଟଣା ଘଟାଉଥିବାର ବି ନଜିର ରହିଛି। ତେଣୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ରହୁଥିଲେ ନିଜ ସମ୍ପର୍କକୁ ସୁନ୍ଦର ଏବଂ ଦୀର୍ଘସ୍ଥାୟୀ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର...

**କଥା ହେବା ଜରୁରୀ:** ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍ ମ୍ୟାନେଜ୍ କରିବା କୌଣସି ସହଜ କଥା ନୁହେଁ। କାରଣ କେବେକେବେ ଏଥିରେ ଖୁବ୍ ନିବିଡ଼ ସମ୍ପର୍କରେ ବି ତିକ୍ତତା ଆସିଯାଏ। ଦୀର୍ଘ ସମୟ ପରସ୍ପରକୁ ନ ଭେଟିବା ଫଳରେ ଏକ ଏକଲାପଣ ଅନୁଭବ ହୋଇଥାଏ। ଧୀରେ ଧୀରେ ଆପୋସ ବୁଝାମଣା ଖରାପ ହୋଇଥାଏ ଏବଂ କମ୍ୟୁନିକେଶନ୍ ଗ୍ୟାପ୍ ହେଲେ ସମ୍ପର୍କ ବିଗିଡ଼ିଥାଏ। ଏଭଳି ପରିସ୍ଥିତି ନ ଉପୁଜିବା ଲାଗି ଯେତେ ବ୍ୟସ୍ତ ଥିଲେ ମଧ୍ୟ କିଛି ସମୟ ବାହାର କରି ଫୋନ୍‌ରେ କଥା ହେବା ଦରକାର। ଭିଡିଓ କଲିଂରେ କଥା ହେଲେ ପାଖରେ ଥିବା ଭଳି ମନେହୁଏ ଏବଂ ଖୁସି ଲାଗେ। ଦିନ କିପରି କଟିଲା, କ'ଣ ଖାଇଲେ, କୁଆଡ଼େ ଗଲେ ଏବଂ ପରସ୍ପରର ଭଲ ମନ୍ଦ ଆଦି ଆଲୋଚନା କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଥାଏ ଏବଂ ପାଖରେ ରହିବା ଭଳି ମନେ ହୋଇଥାଏ।

**ଠିକ୍ ନୁହେଁ ବାରମ୍ବାର ଅଭିଯୋଗ:** ପରସ୍ପରକୁ ବୁଝନ୍ତୁ। ଯଦି କେହି କାର୍ଯ୍ୟବ୍ୟସ୍ତତା ଭିତରେ ରହିଯାଇଛନ୍ତି ଏବଂ ଫୋନ୍ ନ ଉଠାଉଛନ୍ତି, ତେବେ ବାରମ୍ବାର ଫୋନ୍ ନ କରି କଲ୍‌ବ୍ୟାକ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର। କଲ୍ ଆସିଲେ ତୁରନ୍ତ ରାଗିଯାଇ ଅଭିଯୋଗ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅନ୍ୟକୁ ବିରକ୍ତ ଲାଗିପାରେ କିମ୍ବା ଆପଣଙ୍କର ତାଙ୍କ ଭଲପାଇବା ଉପରେ ବିଶ୍ୱାସ ନାହିଁ ବୋଲି ମନେ ହୋଇପାରେ। ତେଣୁ ଦୂରରେ ରହୁଥିଲେ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ରଖିବା ଏବଂ ସପୋର୍ଟ କରିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।

**ସନ୍ଦେହ ବି ହୋଇପାରେ କ୍ଷତିକାରକ:** ସନ୍ଦେହ ଏମିତି ଏକ ନକାରାତ୍ମକ ଚିନ୍ତା, ଯାହା ଏକ ନିବିଡ଼ ସମ୍ପର୍କକୁ କ୍ଷଣକରେ ଭାଙ୍ଗି ଦେଇପାରେ। ତେଣୁ ବୈବାହିକ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସନ୍ଦେହକୁ ମନରେ ଆଦୌ ସ୍ଥାନ ଦେବା ଠିକ୍ ନୁହେଁ। ଅନେକେ ଏମିତି ଅଛନ୍ତି, ଯେଉଁମାନେ ଅନ୍ୟର ଶୁଣା କଥାରେ





ନିଜ ଜୀବନସାଥୀଙ୍କୁ ସନ୍ଦେହ କରନ୍ତି। ହେଲେ ଏହାଦ୍ୱାରା ମନାନ୍ତର ହୋଇ ଧୀରେ ଧୀରେ ବିଚ୍ଛେଦର କାରଣ ସାଜିପାରେ। ତେଣୁ ମନରେ ସନ୍ଦେହକୁ ସ୍ଥାନ ଦିଅନ୍ତୁ ନାହିଁ, ବରଂ ଆବଶ୍ୟକ ସ୍ଥଳେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂର କରନ୍ତୁ।

**ମଝିରେ ମଝିରେ ଭେଟିବା ଦରକାର:** ଦୂରରେ ରହୁଥିବା ଦମ୍ପତି ସମୟ ବାହାରକରି କିଛିଦିନ ଏକାଠି ରହିବା ନିହାତି ଦରକାର। ଏହାଦ୍ୱାରା କିଛିଦିନ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରିବାର ସୁଯୋଗ ମିଳିଥାଏ। ପରସ୍ପର ମଧ୍ୟରେ ଦୂରତା କମିଥାଏ ଏବଂ ସମ୍ପର୍କ ନିବିଡ଼ ହୋଇଥାଏ। ସେହିପରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ରହୁଥିବା ପ୍ରେମୀଯୁଗଳ ବି ସମ୍ପର୍କ ବଞ୍ଚାଇ ରଖିବା ଲାଗି ପରସ୍ପରକୁ ଭେଟିବା ନିହାତି ଦରକାର। ମଝିରେ ମଝିରେ ସମୟ ବାହାର କରି ଅତି କମ୍‌ରେ ବର୍ଷରେ ୨/୩ଥର ଡେଟିଂରେ ଯିବା, ହୋଟେଲରେ ଖାଇବା, ଏକାଠି ବସି କଥା ହେବା, ମାର୍କେଟିଂ କରିବା, ଫିଲ୍ମ ଦେଖିବା ଦ୍ୱାରା ସମ୍ପର୍କ ଅତୁଟ ରହିଥାଏ।

**ଅନ୍ୟ କଥାରେ ପ୍ରଭାବିତ ହେବା ଠିକ୍ ନୁହେଁ:** ପ୍ରତ୍ୟେକ ସ୍ଥାନରେ ନେଗେଟିଭ୍ ଲୋକ ଥାଆନ୍ତି, ଯେଉଁମାନେ ଭଲ ସମ୍ପର୍କକୁ ଖରାପ କରିବା ଲାଗି କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। ଅନେକ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ସମ୍ପର୍କ ଭାଙ୍ଗିବା ପଛରେ ଏଭଳି ଲୋକଙ୍କ କୁମନ୍ତ୍ରଣା ରହିଥାଏ। କାରଣ ଅନେକେ ଏମିତି ଅଛନ୍ତି, ଯେଉଁମାନେ ସୁଯୋଗ ପାଇଲେ ଜଣଙ୍କ ଆଗରେ ତୁମ ପାର୍ଟନର୍ ଏକା ରହୁଛନ୍ତି ମାନେ ଅନ୍ୟ କାହା ସହ ରିଲେଶନ୍‌ରେ ଥିବେ, ସେ ତୁମକୁ ଧୋକା ଦେଉଥିବେ ଏଭଳି କଥା କହିବାକୁ ପଛାନ୍ତି ନାହିଁ। ଏହାଦ୍ୱାରା ଯେ ସମ୍ପର୍କ ଖରାପ ହେବ, ସେକଥା ସେମାନେ ଚିନ୍ତା କରନ୍ତି ନାହିଁ। ଏଭଳି ଲୋକଙ୍କଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ। ତେଣୁ ଯଦି ଦୀର୍ଘ ସମୟ ପରସ୍ପରଠୁ ଦୂରରେ ରହୁଛନ୍ତି, ତେବେ ନିଜ ଭିତରେ ବିଶ୍ୱାସ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ସଚ୍ଚୋଟ ଏବଂ ବିଶ୍ୱସ୍ତ ହେବା ଦରକାର:** ଜୀବନସାଥୀ ହୁଅନ୍ତୁ ଅବା ପ୍ରେମୀଯୁଗଳ ପରସ୍ପରକୁ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ଲୁଚାଇଲେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ବିଶେଷକରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ପାର୍ଟନରଙ୍କ ଆଗରେ ସବୁବେଳେ ସଚ୍ଚୋଟ ହୋଇ ହୃଦୟ ଖୋଲା ରଖି ସତ କହିଲେ ହିଁ ସମ୍ପର୍କ ମଧୁର ଏବଂ ଅତୁଟ ରହିଥାଏ।

**ଧୋକାର ନାହିଁ ସ୍ଥାନ:** ଅନେକେ ଏଭଳି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କ ବ୍ୟତୀତ ଅନ୍ୟ ସହ ବି ସମ୍ପର୍କ ରଖନ୍ତି। ଆଉ ଅନେକ କ୍ଷେତ୍ରରେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍‌ରେ ଏଭଳି ପରକୀୟା ପ୍ରୀତି ଘଟଣା ଦେଖିବାକୁ ମିଳେ। ହେଲେ ଏଥିରେ ବିଶ୍ୱାସ ଭାଙ୍ଗିବା ବା ଧୋକା ଦେବା ଦ୍ୱାରା ସମ୍ପର୍କ ନଷ୍ଟ ହୋଇଥାଏ। ତେଣୁ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଏଭଳି ଆଦୌ କରିବା ଠିକ୍ ନୁହେଁ।



## ଜାଣନ୍ତୁ ଦୁନିଆ



# ସ୍ୱାସ୍ଥ୍ୟ ପାଇଁ ଅମୃତ ପଇଡ଼ପାଣି

**ଖରାର ପ୍ରଭାବ ବଢ଼ି ବଢ଼ି ଚାଲିଛି। ତେଣୁ ଏ ସମୟରେ ଥଣ୍ଡା ପାନୀୟର ଚାହିଦା ବି ଖୁବ୍ ବେଶି। ବିଶେଷକରି ଯୁବପିଢ଼ି କୋଲ୍ଡ୍ରିଙ୍କ୍ସକୁ ଯେପରି ପାଣି ଭଳି ଦୈନନ୍ଦିନ ପାନୀୟ ତାଲିକାରେ ସାମିଲ କରିସାରିଲେଣି, ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ହେଲେ ଏହା ପରିବର୍ତ୍ତେ ଯେଉଁମାନେ ପଇଡ଼ପାଣିକୁ ବାଛୁଛନ୍ତି, ସେମାନେ ଅଧିକ ଫିଟ୍ ରହୁଥିବା ଦେଖିବାକୁ ମିଳୁଛି...**

▶▶କୋଲ୍ଡ୍ରିଙ୍କ୍ସରେ ଥିବା କାର୍ବନ ଡାଇଅକ୍ସାଇଡ ଓ ଅନ୍ୟାନ୍ୟ ଉପାଦାନ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇ ନ ଥିବା ବେଳେ ପଇଡ଼ପାଣିରେ ଭରି ରହିଛି ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ, ଯାହାକି ସ୍ୱାସ୍ଥ୍ୟ ପାଇଁ ଅମୃତ। ଏହା ମଣିଷର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ ଡାକ୍ତରମାନେ ରୋଗୀମାନଙ୍କୁ ପଇଡ଼ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି।

▶▶କୋଲ୍ଡ୍ରିଙ୍କ୍ସ ଯଦିଓ ପାଟିକୁ ଭଲ ଲାଗିଥାଏ, ହେଲେ ସେଥିରେ ଥିବା କାର୍ବନ ଡାଇଅକ୍ସାଇଡ୍ ଏସିଡ୍ କରାଇବା ସହ ଦାନ୍ତର ଏନାମେଲ୍ ନଷ୍ଟ କରିଥାଏ। ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ। ଏ ସମସ୍ତ ଉପାଦାନ ପଇଡ଼ପାଣିରେ ଭରି ରହିଛି। ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗ ି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କଠାରେ ପଇଡ଼ପାଣି ପିଇଲେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇ ନ ଥାଏ।

▶▶ଖରାଦିନେ କୋଲ୍ଡ୍ରିଙ୍କ୍ସ ପିଇଲେ ଏସିଡିଟି ଏବଂ ଅନ୍ୟାନ୍ୟ ପେଟ ସମସ୍ୟା ଦେଖାଦିଏ। ହେଲେ ଏହା ବଦଳରେ ପଇଡ଼ପାଣି ପିଇଲେ ସେଥିରେ ଥିବା ଭରପୂର ମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ। ଏହା ଶରୀରରୁ ବ୍ୟାଡ୍ କୋଲେଷ୍ଟରଲ ଦୂରକରି ଗୁଡ୍ କୋଲେଷ୍ଟରଲ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

▶▶ଅଧିକ କୋଲ୍ଡ୍ରିଙ୍କ୍ସ ପିଇବା ଦ୍ୱାରା ହର୍ମୋନ ପରିବର୍ତ୍ତନ ହୋଇଥାଏ, ଯାହାଫଳରେ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦିଏ। ଏମିତିରେ ପଇଡ଼ପାଣି ଖୁବ୍ ଉପକାରୀ। ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।



## ଏ ସପ୍ତାହର ପ୍ରଶ୍ନ

୧– ଆସୋଲା ଭାଟି ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ......... ପର୍ବତମାଳାରେ ଅବସ୍ଥିତ ?
୨– ମ୍ୟାକ୍‌ଡୋନାଲ୍ଡ ଆଇସ୍‌ଲାଣ୍ଡ .............. ରେ ଅବସ୍ଥିତ ?
୩– ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫ .......... ରାଜ୍ୟରେ ଆୟୋଜିତ ହେବ ?
୪– ହଂସ–୩ ଟ୍ରେନର ଏୟାରକ୍ରାଫ୍ଟ ସିଏସ୍‌ଆଇଆର୍–ନ୍ୟାଶନାଲ୍ ଏୟାରସ୍ପେସ୍ ଲାବେରୋଟୋରିଜ୍ .........ଠାରେ ଅବସ୍ଥିତ ?
୫– ୱାର୍ଲ୍ଡ ହୋମିଓପାଥି ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ କେରଳ
୨ ଝାଡ଼ଖଣ୍ଡ
୩ ବିହାର
୪ ନଙ୍କନ ସାହିବ
୫ ହସ୍ତତନ୍ତ ଇଣ୍ଡଷ୍ଟ୍ରି

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର



ପ୍ରଦୀପ କୁମାର ନାଏକ ବଲାଙ୍ଗୀର

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଗଲ୍ଫ ଖେଳାଳି



୧– ସ୍କଟି ସେଫଲର୍.................................. ଆମେରିକା
୨– ରୋରୀ ମାଇକେଲ୍‌ରଏ.................................. ନର୍ଦ୍ଦନ ଆୟର୍ଲାଣ୍ଡ
୩– ଜ୍ୟାଣ୍ଡର ସୌଫେଲ୍.................................. ଆମେରିକା
୪– କଲିନ୍ ମୋରିକାୱା.................................. ଆମେରିକା
୫– ଲୁଡ୍‌ଭିଗ୍ ଆବର୍ଗ .................................. ସ୍ୱେଡେନ୍
୬– ହିଡେକି ମାସୁୟାମା.................................. ଜାପାନ
୭– ରସେଲ୍ ହେନ୍‌ଲେ .................................. ଆମେରିକା
୮– ଜଷ୍ଟିନ୍ ଥୋମାସ୍.................................. ଆମେରିକା
୯– ଭିକ୍ଟର ହଭ୍‌ଲାଣ୍ଡ.................................. ନରୱେ
୧୦– ପାର୍ଟିକ୍ କ୍ୟାଣ୍ଟଲେ.................................. ଆମେରିକା

## ଅଭୁଲା ଅନୁଭୂତି

# କୋଇଲି-କାନ୍ତ, ଆଉ ଚାରିଦିନ ରହିଥାଆନ୍ତ



ହୃଦୟକୁ ଛୁଇଁଥିବା କଥା ମରିବାଯାଏ ମନେ ରହେ। ସେମିତି ଅନେକ ଘଟଣା ମୋ' ହୃଦୟକୁ ଛୁଇଁଛି। ମୁଁ ଆଜି ବି ମନେରଖିଛି ପଣା ସଂକ୍ରାନ୍ତି ଦିନର ସେଇ ଗୀତ: ''କୋଇଲି–କାନ୍ତ, ଆଉ ଚାରିଦିନ ରହିଥାଆନ୍ତ, ପିଠାପଣା କେତେ ଖାଇ ଥାଆନ୍ତ।'' ମୋ ପିଲାବେଳର କଥା। ଭଉଣୀମାନେ ପଣାସଂକ୍ରାନ୍ତିର ସାତ ଦିନ ପୂର୍ବରୁ ମାଟିରେ ଦୁଇଟା କୋଇଲି ତିଆରି କରି ସେମାନଙ୍କୁ ପୂଜା କରନ୍ତି। ମାଟିର ପିଢ଼ା ଉପରେ କୋଇଲି ଦମ୍ପତି ଛିଡ଼ା ହୁଅନ୍ତି ଓ ତାଙ୍କ ଥଣ୍ଟ ତଳେ ଦୁଇଟା ହାତ ତିଆରି ମାଟିଗିନା ରହେ। ଅଣ୍ଡିରା କୋଇଲିର କଳା ଦେହରେ ଧଳା ଧଳା ଟିପା ଥାଏ। ମାଈ କୋଇଲିର ଦେହ ପୂରା କଳା ଥାଏ ଓ ନାକରେ ନୋଥ ଝୁଲିଥାଏ। ସବୁଦିନ ସକାଳେ ମୁଢ଼ିସତୁ(ଛତୁଆ) ଓ ବୁଟସତୁ ଭୋଗ ଲଗେଇ ମାଳତୀ ଫୁଲରେ ପୂଜା କରାଯାଏ। ଏପ୍ରିଲ ମାସରେ ଖରା ହୁଏ ବୋଲି ତାଙ୍କ ମୁଣ୍ଡ ଉପରେ ମାଟିର ଛତା ବି ରହେ। ପୂଜା ସରିବା ପରେ ତାଙ୍କ ଉପରେ ହଳଦିଆ ରଙ୍ଗର କପଡ଼ା ଘୋଡ଼େଇ ଦିଆଯାଏ। ଭଉଣୀମାନେ କୋଇଲି ପାଖରେ ଯାହା ଭୋଗ ଲଗାନ୍ତି, ମତେ ବି ଖାଇବାକୁ ଦିଅନ୍ତି। ତେଣୁ ଅନ୍ୟ ସମୟରେ ମୁଁ ଭଉଣୀମାନଙ୍କର କଥା ଶୁଣେ କି ନ ଶୁଣେ, ପୂଜାବେଳେ କିନ୍ତୁ ଭୋଗ ଖାଇବା ଲୋଭରେ ତାଙ୍କର ସବୁ କଥା ମାନେ।

ପଣାସଂକ୍ରାନ୍ତି ଦିନ କୋଇଲି ଦମ୍ପତି ବିଦାୟ ନିଅନ୍ତି। ସେଦିନ ସେମାନେ ଦିନ ୧୨ଟା ଭିତରେ ୩ ଥର ପୂଜା ପାଆନ୍ତି। କୋଇଲିମାନେ ଅଲଗା ଅଲଗା ଭୋଗ ଖାଆନ୍ତି। ଥରେ ସତୁ, ଆଉ ଥରେ ଭିଜା ବୁଟମୁଗ ଓ ଶେଷରେ ଛେନା–କଦଳୀମିଶା ବେଲପଣା। ତା' ପରେ ବିଦାୟ ପର୍ବ ଆରମ୍ଭ ହୁଏ। ବିଦାୟ ସମୟରେ ଭାରଥୋର ରୂପରେ ଛୋଟ ଛୋଟ ମାଟି (ହାଣ୍ଡି) ଆଟିକାରେ ମୁଢ଼ିସତୁ, ବୁଟସତୁ ଓ ପଣା ଦିଆହୁଏ। ଭଉଣୀମାନେ କାନ୍ଦ କାନ୍ଦ ହୋଇ କୋଇଲି ମେଢ଼କୁ ଧରି ଧରି ଆମ ଆମ୍ବ ବଗିଚାକୁ ଚାଲନ୍ତି ଓ ମୁଁ ଭାର ବୋହିକି ତାଙ୍କ ପଛେ ପଛେ ଚାଲେ। ପଣାସଂକ୍ରାନ୍ତିର ଯେଉଁ ଗୀତ କଥା କହୁଥିଲି, ଗଲାବେଳେ ସେଇ ଗୀତକୁ ମୁଁ ଜୋର ଜୋର ଗାଏ। ବଗିଚାର ଗୋଟେ ଆମ୍ବଗଛରେ କଞ୍ଚା ତାଳ ବରଡ଼ାରେ କୋଇଲିଙ୍କ ପାଇଁ ଘର ତିଆରି ହୋଇଥାଏ। ସେହି ଘର ଭିତରେ ଭାର ସହିତ କୋଇଲିମାନଙ୍କୁ ରଖି ଆମେ ମନ ଦୁଃଖରେ ଫେରିଆସୁ। ଭଉଣୀମାନେ ମତେ ପଚିଶି ପଇସା ଦିଅନ୍ତି। ତା' ପରେ ବଗିଚାକୁ ଗଲେ କୋଇଲି ଦୁଇଟା ବାହାରକୁ ଉଡ଼ି ନ ଯାଇ ବରଡ଼ା ଭିତରେ ସେମିତି ବସିଥିବାର ଦେଖେ। ମୁଁ ମନ ଦୁଃଖରେ ସେମାନଙ୍କୁ କହେ, ''ଏଇଠି ବସିଲେ କ'ଣ ଲାଭ? ଆଉ ଚାରି ଦିନ ଆମ ଘରେ ରହିଥିଲେ ତୁମେ ବି ଭଲ ଭଲ ଭୋଗ ଖାଉଥାଆନ୍ତ, ମତେ ବି ଦେଉଥାଆନ୍ତ।''

– **ଡ. କମଳାକାନ୍ତ ଜେନା**, ଓଇଏସ୍, ଭଦ୍ରକ ସରକାରୀ ମହାବିଦ୍ୟାଳୟ

# ମୋହନ ବାଗାନ ସୁପର ଜାଏଣ୍ଟ ଚାମ୍ପିୟନ



ଆଇଏସ୍‌ଏଲ୍-୨୦୨୫ ଚାମ୍ପିୟନ୍ ମାହନବାଗାନ ସୁପର ଜାଏଣ୍ଟ ଦଳ।

**କୋଲକାତା, ୧୨।୪**

ମୋହନବାଗାନ ସୁପର ଜାଏଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୪-୨୫ ସିଜନର ଟାଇଟଲ ବିଜେତା ହୋଇଛି। ସ୍ଥାନୀୟ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳ ତଥା ଖେଳର ୪୯ତମ ମିନିଟ୍‌ରେ ମୋହନ ବାଗାନର ଅଲବର୍ଟୋ ରୋଡ୍ରିଗ୍ସଙ୍କ ଆତ୍ମଘାତୀ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ୭୨ତମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସ୍ଥରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଖେଳର ୯୬ତମ ମିନିଟ୍‌ରେ ଅଷ୍ଟ୍ରେଲୀୟ ଫରୱାର୍ଡ ଜେମି ମ୍ୟାକଲରେନଙ୍କ ଗୋଲ୍ ବଳରେ ମୋହନ ବାଗାନ ଦଳ ବିଜୟ ଲାଭ କରିଥିଲା। ଶନିବାର ଏହି ବିଜୟ ଦ୍ୱାରା ମୋହନ ବାଗାନ ଏଥର ଉଭୟ ଆଇଏସ୍‌ଏଲ୍ ଶିଲ୍ଡ ଓ ଆଇଏସ୍‌ଏଲ୍ ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି।

- **ବେଷ୍ଟ ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ: ଜାମସେଦପୁର ଏଫ୍‌ସି।**
- **ବେଷ୍ଟ ଏଲିଟ୍ ୟୁଥ୍ ପ୍ରୋଗ୍ରାମ: ପଞ୍ଜାବ ଏଫ୍‌ସି।**
- **ଗୋଲ୍‌ଡେନ ଗ୍ଲୋଭ ଆୱାର୍ଡ: ବିଶାଲ କେଥ୍ (ମୋହନ ବାଗାନ)।**
- **ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର: ବ୍ରିସନ ଫର୍ନାଣ୍ଡିଜ (ଏଫ୍‌ସି ଗୋଆ)।**
- **ଗୋଲ୍ଡେନ ବୁଟ୍ ଆୱାର୍ଡ: ଆଲାଏଦିନ୍ ଆଜାରେ (ନର୍ଥଇଷ୍ଟ ୟୁନାଇଟେଡଏଫ୍‌ସି)।**

# ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ ପଦକ

## ଖେଲୋ ମାଷ୍ଟର୍ସ ନ୍ୟାଶନାଲ ଗେମ୍ସ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**



ନୂଆଦିଲ୍ଲୀର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରାମ ଷ୍ଟାଡିୟମରେ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ପାର୍ବତୀ ସେଠୀଙ୍କୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ଉଭୟ ଡିସକସ୍ ଓ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଲାଭକରି ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ତାରକା ଆଥଲେଟ୍। ୧୯୯୦ରୁ ସ୍କୁଲ ସ୍ତରରୁ କ୍ରୀଡ଼ା ଜୀବନ ଆରମ୍ଭ କରିଥିବା ପାର୍ବତୀ ୨୦୨୫ ମଧ୍ୟରେ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ଅନ୍ତର୍ଜାତୀୟ ସ୍ତରରେ ମାଷ୍ଟର୍ସ ଗେମ୍ସରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ରାଜ୍ୟର ପ୍ରଥମ ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ପାର୍ବତୀ ସମ୍ପ୍ରତି ଇଷ୍ଟକୋଷ୍ଟ ରେଲୱେରେ କାର୍ଯ୍ୟରତ। କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ୩୫ ବର୍ଷ ଧରି ଆଥ୍‌ଲେଟିକ୍ସରେ ତିଷ୍ଠି ରହି ଏକାଧିକ ପ୍ରତିଯୋଗିତାରେ ପଦକ ହାସଲ ଧାରା ଜାରି ରଖିଥିବାରୁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରର ଦୃଢ଼ ଦାବିଦାର ହୋଇଯାଇଛନ୍ତି।

# ରାଖାଲ୍‌ଙ୍କୁ ରୌପ୍ୟ, ମାଳତୀଙ୍କୁ ବ୍ରୋଞ୍ଜ

## ପାରା ଫେନ୍‌ସିଂ ସାଟେଲାଇଟ କପ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ହଂକଂରେ ଚାଲିଥିବା ହୁଇଲ ଚେୟାର ପାରା ଫେନ୍‌ସିଂ ସାଟେଲାଇଟ କପରେ ଓଡ଼ିଶାର ରାଖାଲ୍ କୁମାର ସେଠୀ ୨ଟି, ମାଳତୀ ପାନଉରେ ଗୋଟିଏ ପଦକ ଜିତିଛନ୍ତି। ରାଖାଲ ସାବର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଓ ଇପିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ମାଳତୀ ମହିଳା ଇପି ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍‌ସିଂ ଓଡ଼ିଶାର ଅଧ୍ୟକ୍ଷ ବେଲା ଜୈସୱାଲ୍ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଏସ୍‌ଏଫ୍‌କୁ ୧୧-୦ରେ ହରାଇଲା ଓଡ଼ିଶା

## ସର୍ବଭାରତୀୟ ପୋଲିସ ହକି

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ମହିଳା ପୋଲିସ ଦଳ ୧୧-୦ ଗୋଲରେ ବିଏସ୍‌ଏଫ୍‌କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ ୩-୨ରେ ତ୍ରିପୁରା, ତାମିଲନାଡୁ ମହିଳା ଦଳ ୪-୦ରେ ମହାରାଷ୍ଟ୍ର, ତାମିଲନାଡୁ ୧୨-୨ରେ ପୁଡୁଚେରୀ ଓ ରାଜସ୍ଥାନ ୫-୦ ଗୋଲରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡ଼ିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ବିଏସ୍‌ଏଫ୍ ବିପକ୍ଷରେ ବିଜୟୀ ଓଡ଼ିଶା ମହିଳା ହକି ଦଳ।

# ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ନୌକା ଚାଳନା ପ୍ରତିଯୋଗିତା

**ସମ୍ବଲପୁର,୧୨।୪(ବି.ଶଙ୍କର)**

- **ବାଜି ମାରିଲା ସୁବର୍ଣ୍ଣପୁର ଜିଲା**
- **ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡ଼ି ଶ୍ରେଷ୍ଠ**

ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ସମ୍ବଲପୁର ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜିତ ଦ୍ୱିତୀୟ ମୀନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାନଦୀର ଅଯୋଧ୍ୟା ସରୋବର ଘାଟରେ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ସମ୍ବଲପୁର ସମେତ ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼ ଜିଲାର ୩୬ ଯୋଡି ନୌକା ଚାଳକ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୨ଟି ଦଳକୁ ନେଇ ମୋଟ ୩ଟି ପର୍ଯ୍ୟାୟରେ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ୯ଟି ନୌକା ଚାଳନା ଯୋଡିକୁ ନେଇ ୮୦୦ ମିଟର ଫାଇନାଲ ନୌକା ଚାଳନା ହୋଇଥିଲା। ମହାନଦୀ କୂଳରେ ସହସ୍ରାଧିକ ଦର୍ଶକଙ୍କ କରତାଳିରେ ପ୍ରତିଯୋଗୀମାନେ ଉତ୍ସାହିତ ହୋଇ ମହାନଦୀ ମଧ୍ୟଭାଗରୁ ଲକ୍ଷ୍ୟସ୍ଥଳକୁ ନୌକା ନେଇ ଦ୍ରୁତ ବେଗରେ ଆସିଥିଲେ। କିନ୍ତୁ ସମସ୍ତଙ୍କୁ ପଛରେ ପକାଇ ସୁବର୍ଣ୍ଣପୁର ଜିଲା ଚଢ଼େଇପଙ୍କ ଗ୍ରାମର ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୋନପୁରର ପ୍ରକାଶ ନାଏକ ଓ ପ୍ରଭାତ ମହାଲିଙ୍ଗ ଯୋଡି ଦ୍ୱିତୀୟ, କିଶାନ ନାଏକ ଓ ଶିବ ମାଝି ଯୋଡି ତୃତୀୟ ଏବଂ ସୁବର୍ଣ୍ଣପୁର ଜିଲା କେଉଁଟିପାଲି ଗ୍ରାମର ସୌରଭ ମହାଲିଙ୍ଗ ଓ ମୁକେଶ ତରିଆ ଯୋଡି ଚତୁର୍ଥ ସ୍ଥାନ ହାସଲ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ସମ୍ବଲପୁର ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଦୀପକ ବରାଳ, ସହ ସମ୍ପାଦକ ସୋମନାଥ ସେଠ୍, କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରୀ, ସଭ୍ୟ ହରିବଂଶ ସେଠ, କୈବର୍ତ୍ତ ସମାଜ ସଭାପତି ଶିଶିର ପାଣ୍ଡେ, ମତ୍ସ୍ୟଜୀବୀ ସଂଘ ସଭାପତି ସନ୍ତୋଷ କୁମାର ବେରିହା, ଅଜିତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟ ରେଫରୀ ସୁରେନ୍ଦ୍ର ନାଏକଙ୍କ ପରିଚାଳନାରେ ନୌକା ଚାଳନା ପ୍ରତିଯୋଗିତା ହୋଇଥିଲା।


ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଆୟୋଜିତ ରାଜ୍ୟ ସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା।

# ଗୁଜରାଟକୁ ହରାଇଲା ଲକ୍ଷ୍ନୌ

**ଲକ୍ଷ୍ନୌ, ୧୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ ଶନିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୬ ଉଇକେଟରେ ଗୁଜରାଟ ଟାଇଟନ୍ସକୁ ହରାଇ ଦେଇଛି। ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିଥିବାବେଳେ ଲକ୍ଷ୍ନୌ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ନେଇଥିଲା। ୨ଟି ଚମତ୍କାର କ୍ୟାଚ ସହ ଟପ୍ ଅର୍ଡରରେ ଭଲ ବ୍ୟାଟିଂ କରିଥିବା ଲକ୍ଷ୍ନୌର ଏଡେନ ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୬ ମ୍ୟାଚରୁ ଲକ୍ଷ୍ନୌ ୪ର୍ଥ ବିଜୟ ହାସଲ କରିଥିବାବେଳେ ଗୁଜରାଟର ଏହାଥିଲା ଦ୍ୱିତୀୟ ପରାଜୟ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଓପନିଂ ଭାଗୀଦାରିରେ ୧୨୦ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଯୋଡ଼ି ଭାଙ୍ଗିବାରେ ଗୁଜରାଟ ଇନିଂସ ହଡ଼ବଡ଼େଇ ଯାଇଥିଲା। ଫଳରେ ୨୦ ଓଭରରେ ଦଳର ସ୍କୋର ୧୮୦ରେ ସୀମିତ ରହି ଯାଇଥିଲା। ଗିଲ୍ ସର୍ବାଧିକ ୬୦ ଓ ସୁଦର୍ଶନ ୫୬ ରନ କରିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୁଳ ଠାକୁର ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଦିଗ୍‌ଭେସ ରାଠି ଓ ଆଭେସ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ଅଧିନାୟକ ରିଷଭ ପନ୍ତ ଯଦିଓ ବଡ଼ ସ୍କୋର କରି ନ ପାରି ୨୧ ରନରେ ଆଉଟ ହୋଇଥିଲେ ତେବେ ଏଡେନ ମାରକ୍ରମ ଓ ଚମତ୍କାର ଫର୍ମରେ ଥିବା ନିକୋଲସ ପୁରନ ଦୃଢ଼ ବ୍ୟାଟିଂ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ମାରକ୍ରମ ୩୧ ବଲ୍‌ରୁ ୫୮ (୯ ଚୌକା, ୧ ଛକା) ଓ ପୁରନ ୩୪ ବଲ୍‌ରୁ ୬୧ (୧ ଚୌକା, ୭ ଛକା) ରନ କରିଥିଲେ। ଆୟୁଷ ବଦୋନୀ ୨୮ ରନରେ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ରଶିଦ ଖାଁ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୮୦/୬ (ଶୁବମନ ଗିଲ୍-୬୦, ସାଇ ସୁଦର୍ଶନ-୫୬, ଶାର୍ଦ୍ଦୁଳ ଠାକୁର-୨/୩୪, ରବି ବିଷ୍ଣୋଇ-୨/୩୬, ଦିଗ୍‌ଭେସ ରାଠି-୧/୩୦, ଆଭେସ ଖାଁ-୩୨)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୩ ଓଭରରେ ୧୮୬/୪ (ନିକୋଲସ ପୁରନ-୬୧, ଏଡେନ ମାରକ୍ରମ-୫୮, ପ୍ରସିଦ୍ଧ କ୍ରିଷ୍ଣା-୨/୨୬, ରଶିଦ ଖାଁ-୧/୩୫, ୱାଶିଂଟନ ସୁନ୍ଦର-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |

# ଅଭିଷେକଙ୍କ ଶତକରେ ହାଇଦ୍ରାବାଦ ବିଜୟୀ

**ହାଇଦ୍ରାବାଦ,୧୨।୪**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ପିବିକେଏସ୍ ପକ୍ଷରୁ ଧାର୍ଯ୍ୟ ୨୪୬ ରନର ବିଜୟ ଲକ୍ଷ୍ୟକୁ ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରି ମ୍ୟାଚ୍ ଜିତିବାରେ ଏହା ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସବୁଠୁ ବଡ଼ ବିଜୟ। ଏହା ହାଇଦ୍ରାବାଦ ଲାଗି ଦ୍ୱିତୀୟ ବିଜୟ ହୋଇଥିବା ବେଳେ ପଞ୍ଜାବର ଏହା ଦ୍ୱିତୀୟ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୫ ରନ କରିଛି। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ସର୍ବାଧିକ ୮୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୩୬ (୨ ଚୌକା ଓ ୪ ଛକା), ପ୍ରଭସିମରନ ସିଂ ୪୨ (୭ ଚୌକା ଓ ୧ ଛକା), ମାର୍କସ ଷ୍ଟୋଇନିସ ୩୪ (୧ ଚୌକା ଓ ୪ ଛକା) ଓ ନେହାଲ ୱାଧେରା ୨୭ (୨ ଚୌକା ଓ ୧ ଛକା) ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି ଓ ପଦାର୍ପଣକାରୀ ଇଶାନ ମାଲିଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଏସ୍‌ଆର୍‌ଏଚ୍ ପାଇଁ ଅଭିଶେକ ଓ ଟ୍ରାଭିସ ହେଡ୍ ଆରମ୍ଭରୁ ଛକା ଓ ଚୌକା ବର୍ଷା କରିଥିଲେ। ମୁଖ୍ୟତଃ ଅଭିଶେକ ପଞ୍ଜାବର କୌଣସି ବୋଲରଙ୍କୁ ଛାଡ଼ି ନଥିଲେ। ଦୁହେଁ ୧୨.୨ ଓଭରରେ ୧୭୧ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୭ ବଲରେ ୯ ଚୌକା ଓ ୩ ଛକା ସହିତ ହେଡ୍ ୬୬ ରନ କରି ଆଉଟ୍ ହୋଇଥିଲେ। ଅଭିଶେକ ୪୦ ବଲରେ ଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ ଥିଲା। ସେ ମୋଟ ଉପରେ ୫୫ ବଲରେ ୧୪ ଚୌକା ଓ ୧୦ ଛକା ସହିତ ୧୪୧ ରନ କରି ଆଉଟ୍ ହୋଇଥିଲେ। ଏହା ଭାରତୀୟ କ୍ରିକେଟରଙ୍କ ଲାଗି ଆଇପିଏଲରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।


ଶତକ ହାସଲ ପରେ ଉଲ୍ଲସିତ ଅଭିଷେକ ଶର୍ମା।

### ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୪୫/୬ (ଶ୍ରେୟସ ଆୟର-୮୨, ପ୍ରଭସିମରନ ସିଂ-୪୨, ପ୍ରିୟାଂଶ ଆର୍ଯ୍ୟ-୩୬, ମାର୍କସ ଷ୍ଟୋଇନିସ-୩୪*, ହର୍ଷଲ ପଟେଲ-୪/୪୨, ଇଶାନ ମାଲିଙ୍ଗା-୨/୪୫)। ସନରାଇଜର୍ସ ହାଇଦ୍ରାବାଦ: ୧୮.୨ ଓଭରରେ ୨୪୭/୨ (ଅଭିଷେକ ଶର୍ମା-୧୪୧, ଟ୍ରାଭିସ ହେଡ-୬୬, ଯୁଜବେନ୍ଦ୍ର ଚହଲ-୧/୫୬, ଅର୍ଶଦୀପ ସିଂ-୧/୩୭)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ